


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୧ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 11 July 2024
Vol.No. 35 ■ No.185 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ସନ୍ଦେଶଖାଲି ମାମଲା: ରାଜ୍ୟର ବିନା ଅନୁମତିରେ ତଦନ୍ତ କରି ପାରିବନି ସିବିଆଇ



ନୂଆଦିଲ୍ଲୀ, ୧୦/୭ : ସନ୍ଦେଶଖାଲି ମାମଲାର ତଦନ୍ତ ଉପରେ ମମତା ବାନାର୍ଜୀ ସରକାରଙ୍କୁ ସୁପ୍ରିମକୋର୍ଟରୁ ମିଳିଛି ବଡ଼ ବିଜୟ। ଏହି ମାମଲା ଉପରେ ରାଜ୍ୟ ସରକାର ଉଇଓ ତଦନ୍ତକୁ ବିରୋଧ କରିଥିଲେ, ଯାହାକୁ ବୈଧ ଦର୍ଶାଇଛନ୍ତି ସର୍ବୋଚ୍ଚ ଅଦାଲତ। ରାଜ୍ୟର ବିନା ଅନୁମତିରେ ସନ୍ଦେଶଖାଲି ଯୌନ ନିର୍ଯାତନା ମାମଲାର ଉଇଓ ହସ୍ତକ୍ଷେପ କରିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କଲିକତା ହାଇକୋର୍ଟ ସନ୍ଦେଶଖାଲି ରାସନ ସ୍କାମ, ଯୌନ ନିର୍ଯାତନା ଓ ଜମି ହଡ଼ପ ମାମଲା ସହ ଜଡ଼ିତ ସମସ୍ତ ୪୨ଟି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିଥିଲେ, ଯାହାକୁ ବିରୋଧ କରି ପଶ୍ଚିମବଙ୍ଗର ମମତା ବାନାର୍ଜୀଙ୍କ ସରକାର ସୁପ୍ରମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ବିନା ଅନୁମତିରେ ସିବିଆଇ ସନ୍ଦେଶଖାଲି ମାମଲାରେ ହସ୍ତକ୍ଷେପ ବେଆଇନ, ଏହା ଉପରେ ରୋକ୍ ଲଗାଇବାକୁ ବେଙ୍ଗଲ ସରକାର ଆବେଦନ କରିଥିଲେ। ଆଜି ଏହି ମାମଲା ଉପରେ ଶୁଣାଣି କରି ପଶ୍ଚିମବଙ୍ଗ ସରକାରଙ୍କ ଆବେଦନକୁ ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି ସୁପ୍ରିମକୋର୍ଟ। ପ୍ରକାଶ ଥାଉକି, ସନ୍ଦେଶଖାଲିରେ ଜମି ହଡ଼ପ ଏବଂ ମହିଳାମାନଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଟିଏମସି ନେତା ଶେଖ ଶାହାଜାହାନ ଗିରଫ ହୋଇଛନ୍ତି। ତାଙ୍କ ବିରୁଦ୍ଧରେ ଏପରି ସଙ୍ଗୀନ ଆସିବା ପରେ ଦଳରୁ ତାଙ୍କୁ ବହିଷ୍କାର କରାଯାଇଛି। କିନ୍ତୁ ମାମଲା ଉପରେ ସିବିଆଇ ତଦନ୍ତକୁ ବିରୋଧ କରୁଛନ୍ତି ରାଜ୍ୟ ସରକାର। ଜୁଲାଇ ୮ରେ ଏହି ମାମଲାର ଶୁଣାଣି ସମୟରେ, ରାଜ୍ୟ ସରକାର କାହିଁକି ଜଣକୁ ସୁରକ୍ଷା ଦେବାକୁ ଏତେ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ ସୁପ୍ରିମକୋର୍ଟ। ତଥାପି ଆଇନଗତ ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ସିବିଆଇ ତଦନ୍ତକୁ ଅବୈଧ ଦର୍ଶାଇଛନ୍ତି ସର୍ବୋଚ୍ଚ ଅଦାଲତ। ଅଗଷ୍ଟ ୧୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## କାହା ଭୁଲରୁ ତାଳଧ୍ୱଜ ରଥରେ ଘଟିଲା ଅଘଟଣ ?



ପୁରୀ, ୧୦/୭ (ନି.ପ୍ର):ଏତେ ଖାମଖିଆଲ, ଏତେ ବେପରୁଆପଣ ? ବାରମ୍ବାର ଅଘଟଣରୁ ବି କ'ଣ କିଛି ଶିଖୁନାହାନ୍ତି ସେବାୟତ? ଗଲା ବର୍ଷ ପ୍ରଭୁ ଜଗନ୍ନାଥ। ଆଉ ଏବର୍ଷ ବଡ଼ ଠାକୁର ବଳଭଦ୍ର। ଆଡ଼ପ ପହଣ୍ଡିବେଳେ ଏମିତି ରଥର ଚାରମାଳ ଉପରେ ଦୁଲ୍ ଦାଲ୍ ଖସି ହାମୁଡ଼ି ପଡୁଛନ୍ତି ଜଣକ ପରେ ଜଣେ ଦିଅଁ ? କାହିଁକି ଗଲାବର୍ଷର ଘଟଣାରୁ କିଛି ଶିଖିଲେନି ସେବାୟତ? ଗତକାଲିର ଘଟଣା ଜଗନ୍ନାଥ ପ୍ରେମୀଙ୍କୁ ଯେତିକି ଗଭୀର ଆଘାତ ଦେଇଛି, ଶ୍ରୀଜିଉଙ୍କ ଶ୍ରୀଅଙ୍ଗ ସୁରକ୍ଷା ଉପରେ ବି ଲଗାଇଛି ସେତିକି ପ୍ରଶ୍ନ ଚିହ୍ନ। ଗୋଟିଏ ପଟେ ଗତକାଲିର ଅଘଟଣକୁ ନେଇ ବଳଭଦ୍ରଙ୍କ ମୁଖ୍ୟ ବାଡ଼ଗ୍ରାହୀ ହଳଧର ଦାସ ମହାପାତ୍ର ଏଯାଏଁ ମୁହଁ ଖୋଲୁ ନଥିବାବେଳେ, ଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ▶▶ପୃଷ୍ଠା ୭

## ରାଜ୍ୟ କ୍ୟାବିନେଟରେ ୫ ପ୍ରସ୍ତାବ ଉପରେ ଲାଗିଲା ମୋହର

### ସର୍ବନିମ୍ନ ମଜୁରୀ, ଓଡ଼ିଆ ଅସ୍ମିତା ଓ କନିଷ୍ଠ ଶିକ୍ଷକଙ୍କୁ ନେଇ ବଡ଼ ନିଷ୍ପତ୍ତି



ଭୁବନେଶ୍ୱର, ୧୦/୭ (ନି.ପ୍ର): ସରିଲା ଦ୍ୱିତୀୟ କ୍ୟାବିନେଟ୍। ୫ଟି ପ୍ରସ୍ତାବରେ ବାଜିଲା ମୋହର। ତିନି ଘଣ୍ଟାର ବୈଠକ ପରେ ଏନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧମକୁ ସୂଚନା ଦେଇଛନ୍ତି। ସର୍ବନିମ୍ନ ମଜୁରି ବୃଦ୍ଧି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସର୍ବନିମ୍ନ ମଜୁରି ସଂଶୋଧିତ ହୋଇଛି। ସର୍ବନିମ୍ନ ମଜୁରୀ ୩୫୨ଟଙ୍କା ଥିଲା। ଏହାକୁ ୪୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଅର୍ଦ୍ଧ କୁଶଳୀଙ୍କର ମଜୁରି ୩୫୨ରୁ ୪୫୦ ଟଙ୍କାକୁ ବୃଦ୍ଧି, କୁଶଳୀ ମାନଙ୍କର ୫୦୦ ଓ ଉଚ୍ଚ କୁଶଳୀଙ୍କ ମଜୁରି ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଦିଆଯିବ। ଓଡ଼ିଆ ଅସ୍ମିତା ପାଇଁ ୨ଶହ କୋଟିର କର୍ପସ ପାଣ୍ଠିକୁ ମଂଜୁରୀ ହୋଇଛି। ଓଡ଼ିଆ ଅସ୍ମିତା ଭବନ ନିର୍ମାଣ, ଓଡ଼ିଆ ଅନୁବାଦ ଏକାଡେମୀ ପ୍ରତିଷ୍ଠା ହେବ। ତାଳପତ୍ର ପୋଥି ସଂଗ୍ରହାଳୟ, ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ହେବ। ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ପ୍ରଦାନ ପ୍ରଚେଷ୍ଟା କରାଯିବ। ବାଲିଯାତ୍ରାକୁ ଆନ୍ତର୍ଜାତୀୟ ଉତ୍ସବ ମାନ୍ୟତା ଦିଆଯିବ। ଏଣେ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଓଡ଼ିଶାରେ ୧୮୭୮୮ ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଏମାନଙ୍କୁ ନିଯୁକ୍ତି ଦିଆଯିବ। ଏଣେ ଅଚଳ ଓ ସଚଳ ଜଳସେଚନ ପ୍ରକଳ୍ପର ଦୃଢୀକରଣ କରାଯିବ। ସେହିପରି ପିଏମ କିସାନ ଯୋଜନାରେ ୬ ଲକ୍ଷ ନୂତନ କୃଷକଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଏମାନେ ପୂର୍ବ ସରକାର ସମୟରେ ପିଏମ କିସାନ ଯୋଜନାରୁ ବଞ୍ଚିତ କରିଥିଲେ। ପିଏମ କିସାନରୁ ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରାଯିବ।

## ଅଷ୍ଟ୍ରିଆ ଚାନ୍ସେଲରଙ୍କୁ ଭେଟିଲେ ମୋଦୀ: ପରସ୍ପରଙ୍କୁ କଲେ ଆଲିଙ୍ଗନ



ନୂଆଦିଲ୍ଲୀ, ୧୦/୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ୍ ପରେ ଏବେ ଏବେ ଅଷ୍ଟ୍ରିଆ ଗସ୍ତ କରିଛନ୍ତି। ତେବେ ଅଷ୍ଟ୍ରିଆକୁ ଦୀର୍ଘ ୪୦ ବର୍ଷ ପରେ ଏହା ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ। ସେଠାରେ ଯାଇ ମୋଦୀ ଅଷ୍ଟ୍ରିଆ ଚାନ୍ସେଲରଙ୍କୁ ଭେଟିଛନ୍ତି। ମୋଦୀ ସେଠାରେ ପହଞ୍ଚିବା ପରେ କହିଛନ୍ତି ଯେ ପରବର୍ତ୍ତୀ ସମୟରେ ଭାରତ ଏବଂ ଅଷ୍ଟ୍ରିଆ ମଧ୍ୟରେ ଥିବା ବନ୍ଧୁତା ଆହୁରି ଦୃଢ଼ ହେବ। ଦୁଇ ଦିନିଆ ରୁଷ୍ ଗସ୍ତ ପରେ ସେ ଭିଏନା ବିମାନ ବନ୍ଦରରେ ପହଞ୍ଚିବା ପରେ ଅଷ୍ଟ୍ରିଆର ବୈଦେଶିକ ମନ୍ତ୍ରୀ ଆଲେକ୍ସଜାଣ୍ଡାର୍ ଶାଲେନବର୍ଗ ମୋଦୀଙ୍କୁ ସ୍ୱାଗତ କରିଥିଲେ। ବୁଧବାର ଦିନ ସରକାରୀ ଆଲୋଚନା ପୂର୍ବରୁ ଅଷ୍ଟ୍ରିଆର ଚାନ୍ସେଲର କାର୍ଲ ନେହମରଙ୍କୁ ଏକ ବ୍ୟକ୍ତିଗତ ରାତ୍ରୀ ଭୋଜନରେ ପ୍ରଧାନମନ୍ତ୍ରୀ ସାକ୍ଷାତ୍ କରିଥିଲେ। ଉଭୟ ନେତା ପରସ୍ପରକୁ ଆଲିଙ୍ଗନ କରିଥିଲେ ଏବଂ ଅଷ୍ଟ୍ରିଆର ଚାନ୍ସେଲର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ପିଏମ ମୋଦୀଙ୍କ ସହ ସେଲଫି କ୍ଲିକ୍ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ତାଙ୍କ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଅଷ୍ଟ୍ରିଆର ରାଷ୍ଟ୍ରପତି ଆଲେକଜାଣ୍ଡାର ୱାନ୍ ଡେର୍ ବେଲେନଙ୍କୁ ଭେଟିବେ ଏବଂ ବୁଧବାର ଅଷ୍ଟ୍ରିଆର ଚାନ୍ସେଲର କାର୍ଲ ନେହାମର୍ଙ୍କ ସହ ମଧ୍ୟ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ଏବଂ ଚାନ୍ସେଲର ମିଶି ଭାରତ ଏବଂ ଅଷ୍ଟ୍ରିଆର ବ୍ୟବସାୟିକ ନେତାମାନଙ୍କୁ ସମ୍ବୋଧିତ କରିବେ। ଉଲ୍ଲେଖଯୋଗ୍ୟ, ମୋଦୀ ୭ ତାରିଖରେ ରୁଷ୍କୁ ଉଡ଼ାଣ ଭରିଥିଲେ। ସେଠାରୁ ୯ ତାରିଖରେ ସେ ଅଷ୍ଟ୍ରିଆ ଗସ୍ତ କରିଛନ୍ତି।

## '୧୪ରେ ରତ୍ନଭଣ୍ଡାର ଖୋଲିବାକୁ ରାଜ୍ୟ ସରକାରଙ୍କୁ ଦିଆଯାଇଛି ପ୍ରସ୍ତାବ'

ପୁରୀ, ୧୦/୭ (ନି.ପ୍ର): ଆସନ୍ତା ୧୪ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ରାଜ୍ୟ ସରକାରଙ୍କୁ ଦିଆଯାଇଛି ପ୍ରସ୍ତାବ। ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ। ସେ କହିଛନ୍ତି- ରତ୍ନଭଣ୍ଡାର ଅଳଙ୍କାର ତଦାରଖ ହାଇଲେବଲ କମିଟି ଦେଇଥିବା ପ୍ରସ୍ତାବକୁ ପରିଚାଳନା କମିଟିରେ ମଂଜୁରୀ



ମିଳିଥିଲା। ଉଚ୍ଚସ୍ତରୀୟ କମିଟି ୧୪ରେ ରତ୍ନଭଣ୍ଡାର ଖୋଲିବାକୁ ଦେଇଥିବା ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପରିଚାଳନା କମିଟିରେ ଏହା ଅନୁମୋଦନ ଲାଭ କରିବା ପରେ ରାଜ୍ୟ ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଯାଇଛି। ଏବେ ରତ୍ନଭଣ୍ଡାର କେବେ ଖୋଲିବ ସେ ନିଷ୍ପତ୍ତି ସରକାର ନେବେ ବୋଲି କହିଛନ୍ତି ବୀର ବିକ୍ରମ ଯାଦବ।

## ୫ ହଜାର ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଆରଆଇ

କନ୍ଧମାଳ, ୧୦/୭ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ଲାଞ୍ଚୁଆ ଆରଆଇ। ଜଣେ ବ୍ୟକ୍ତିଙ୍କ ଜମିପଟ୍ଟା ବାବଦରେ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କନ୍ଧମାଳ ଜିଲ୍ଲା କୋଟଗଡ଼ ତହସିଲ ଦୁର୍ଗାପଙ୍ଗା ଆରଆଇ ଦିଲ୍ଲୀପ କୁମାର ସାହୁ। ଆରଆଇ ଦିଲ୍ଲୀପ କୁମାର ସାହୁ ଜମିପଟ୍ଟା ବାବଦରେ ବିକ୍ରମ ମଲ୍ଲିକ ନାମକ ଜଣେ ବ୍ୟକ୍ତିଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବିକ୍ରମ ଏନେଇ ଫୁଲବାଣୀ ଭିଜିଲାନ୍ସରଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଜି ବିକ୍ରମଙ୍କ ଠାରୁ ଆରଆଇ ଦିଲ୍ଲୀପ କୁମାର ସାହୁ ୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଟିମ ମାଡ଼ି ବସିଥିଲା। ଫୁଲବାଣୀ ଭିଜିଲାନ୍ସ ଟିମ୍ ଏନେଇ ମାମଲା ରୁଜୁ କରିବା ସହିତ ଆରଆଇଙ୍କ କୋଟଗଡ଼ ସ୍ଥିତ ସରକାରୀ ବାସଭବନ ଓ ତାଙ୍କ ଖଜୁରୀପଡ଼ା ସ୍ଥିତ ନିଜସ୍ୱ ଘରେ ଭିଜିଲାନ୍ସ ଟିମ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି।

## ଯୁବକଙ୍କୁ ତଣ୍ଟି କାଟି ହତ୍ୟା

ବରଗଡ଼, ୧୦/୭ (ନି.ପ୍ର):ଜଣେ ଯୁବକଙ୍କୁ ତଣ୍ଟି କାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବରଗଡ଼ ଜିଲ୍ଲା ପାଇକମାଲ ଥାନା ମାଣ୍ଡୋସିଲ ଗାଁର ପିଙ୍କୁ କୁମାର ସାହୁ(୩୭)। ପିଙ୍କୁ ନୂଆପଡ଼ା ସହର ତହସିଲ ଅଫିସ ସମ୍ମୁଖରେ ଏକ ହୋଟେଲକୁ ଭଡ଼ାରେ ଚଳାଉଥିଲେ। ସେ ମାଣ୍ଡୋସିଲରୁ ନୂଆପଡ଼ାକୁ ଯିବା ଆସିବା କରୁଥିଲେ। ଗତକାଲି ରାତି ପ୍ରାୟ ୯ ଟାରେ ମାଣ୍ଡୋସିଲ ଗାଁ ନିକଟ ଭୁତମୁଣ୍ଡା ରାସ୍ତାରେ କିଛି ଯୁବକ ପିଙ୍କୁଙ୍କୁ ଧରୁଆ ଅସ୍ତ୍ରରେ ଆକ୍ରମଣ କରି ଚାଲି ଯାଇଥିଲେ। ଗୁରୁତର ଭାବେ ପିଙ୍କୁଙ୍କୁ ସେଠାରେ ଛାଡ଼ି ଯୁବକମାନେ ପଳାଇଥିଲେ। ରାତିରେ ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେଠାରୁ ପିଙ୍କୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ପରିବାର ଲୋକ। ସେଠାରେ ଡାକ୍ତର ପିଙ୍କୁଙ୍କୁ ମୃତ ଘୋଷଣା କରିଥିଲେ।

## ଦିଲ୍ଲୀରେ ଭାଙ୍ଗୁଛି କେଜ୍ରିୱାଲଙ୍କ ଗଡ଼: ପୂର୍ବତନ ମନ୍ତ୍ରୀ, ବିଧାୟକ ବିଜେପିରେ ସାମିଲ




ନୂଆଦିଲ୍ଲୀ, ୧୦/୭ : ଆମ୍ ଆଦମୀ ପାର୍ଟି ସରକାରରେ ପୂର୍ବତନ ମନ୍ତ୍ରୀ ରାଜକୁମାର ଆନନ୍ଦ ବିଜେପିରେ ସାମିଲ ହୋଇଛନ୍ତି । ଲୋକସଭା ନିର୍ବାଚନ ପୂର୍ବରୁ ସେ ଆପ୍ ରୁ ଇସ୍ତଫା ଦେଇ ବିଏସପିରେ ସାମିଲ ହୋଇଥିଲେ । ଏବେ ପୁଣିଥରେ ସେ ବିଏସପି ଛାଡି ବିଜେପିରେ ସାମିଲ ହୋଇଛନ୍ତି । ତାଙ୍କ ସହ ଆପ୍ ବିଧାୟକ କରତାର ସିଂ ତମ୍ୱର, ରତ୍ନେଶ ଗୁପ୍ତା, ସଚିନ ରାୟ ମଧ୍ୟ ବିଜେପିରେ ସାମିଲ ହୋଇଛନ୍ତି । ଏହାସହ ପୂର୍ବତନ ବିଧାୟକ ବିଣା ଆନନ୍ଦ ଓ ପାର୍ଷଦ ଅମେଦ ସିଂ ଫୋଗାଟ ମଧ୍ୟ ବିଜେପିରେ ସାମିଲ ହୋଇଛନ୍ତି । ଏହି ନେତାମାନେ ଆଜି ବିଜେପି ଦିଲ୍ଲୀ ଅଧ୍ୟକ୍ଷ ବିରେନ୍ଦ୍ର ସଚଦେବା ଓ ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଛନ୍ତି। ଆଜି ବିଜେପିରେ ଯେଉଁ ବିଧାୟକ ଓ ପୂର୍ବତନ ବିଧାୟକମାନେ ଯୋଗ ଦେଇଛନ୍ତି ତାହାର ନେତୃତ୍ୱ ନେଇଥିଲେ ରାଜକୁମାର ଆନନ୍ଦ। ଚଳିତ ଲୋକସଭା ନିର୍ବାଚନରେ ରାଜକୁମାର ଆନନ୍ଦ ଦିଲ୍ଲୀ ଆସନରୁ ବିଏସପି ଟିକେଟରୁ ନିର୍ବାଚନ ଲଢିଥିଲେ । ହେଲେ ତାଙ୍କୁ ମୋଟ ୫୬୨୯ ଖଣ୍ଡ ଭୋଟ ମିଳିଥିଲା । ▶▶ପୃଷ୍ଠା ୭

## ଟ୍ୟାଙ୍କର ଧକ୍କାରେ ବସ୍ ଛିନଛତ୍ର: ୧୮ ମୃତ, ୩୦ ଗୁରୁତର




ନୂଆଦିଲ୍ଲୀ, ୧୦/୭ : ଉତ୍ତରପ୍ରଦେଶର ଉନ୍ନାବରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ୟାଙ୍କର ଓ ବସ୍ ମଧ୍ୟରେ ଧକ୍କା ହେବାରୁ ବସ୍‌ଟି ବହୁ ଥର ଓଲଟିବା ସହ ଦୁଇ ଫାଳ ହୋଇ ଯାଇଛି। ଏହି ଦୁର୍ଘଟଣାରେ ୧୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୩୦ ଜଣ ଗୁରୁତର ଆହତ ହୋଇଛନ୍ତି । ବସ୍ ?ଟି ବିହାରର ସୀତାମଢ଼ିରୁ ଦିଲ୍ଲୀ ଅଭିମୁଖେ ଯାଉଥିଲା। ଆଜି ଭୋର ପ୍ରାୟ ୪ଟା ପରେ ବସ୍‌ଟି ଉନ୍ନାବର ଗଢ଼ାଗାଁ ନିକଟରେ ଏକ କ୍ଷୀର ବୋଝେଇ ଟ୍ୟାଙ୍କର ବସ୍‌କୁ ଓଭରଟେକ୍ କରିଥିଲା। ଏହି ସମୟରେ ଟ୍ୟାଙ୍କର ଓ ବସ୍ ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବସ୍‌ଟି ରାସ୍ତାରେ ବହୁ ଥର ଓଲଟିବା ସହ ଦୁଇ ଫାଳ ହୋଇ ଯାଇଥିଲା । ଖବର ପାଇ ତୁରନ୍ତ ଜିଲ୍ଲାପାଳ ଓ ଏସ୍‌ପି ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବସ୍‌ରୁ ତୁରନ୍ତ ସମସ୍ତଙ୍କୁ ବାହାର କରି ମେଡିକାଲ ପଠାଯାଇଥିଲା। ସେଠାରେ ଡାକ୍ତର ୧୮ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାରେ ପ୍ରାୟ ୩୦ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ସେମାନଙ୍କୁ ଲକ୍ଷ୍ନୌ ରେଫର କରି ଦିଆଯାଇଛି। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଛି। ଏହି ଦୁର୍ଘଟଣା ପରେ ବସ୍‌ଟି ଛିନଛତ୍ର ହୋଇ ରାସ୍ତା ଉପରେ ପଡ଼ିଥିବା ବେଳେ ଲୋକେ ବି ଛିଟିକି ପଡ଼ିଥିଲେ। ଫଳରେ ବହୁ ସମୟ ପର୍ଯ୍ୟନ୍ତ ରାସ୍ତାରେ ଯାତାୟତ ବନ୍ଦ ହୋଇ ଯାଇଥିଲା। ତୁରନ୍ତ ରାସ୍ତାରୁ ସଫା କରିବା ପରେ ଯାନବାହନ ପୁନଃ ଚଳାଚଳ ଆରମ୍ଭ ହୋଇଥିବା ଜଣାଯାଇଛି।

# ଉଦ୍‌ଘାଟନ ଅପେକ୍ଷାରେ ଗୋପାଳପୁର ଜେଡ୍‌ଏସ୍‌ଆଇ ମ୍ୟୁଜିୟମ୍: ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ୬ଶହ ଜୀବଙ୍କ ମଡେଲ ଓ କଙ୍କାଳ



ବ୍ରହ୍ମପୁର, ୧୦/୦୭ (ନି.ପ୍ର): ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର (ଜେଡ୍‌ଏସ୍‌ଆଇ) ପରିସରରେ ଥିବା ମ୍ୟୁଜିୟମ୍ ଏବେ ଉଦ୍‌ଘାଟନ ଅପେକ୍ଷାରେ ରହିଛି। ଉଦ୍‌ଘାଟନ ପରେ ଏହାକୁ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯିବ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୧୯୮୦ ମସିହାରେ ବ୍ରହ୍ମପୁରର ଏକ ଭଡ଼ା ଘରେ ଜେଡ୍‌ଏସ୍‌ଆଇ ରହିଥିବା ବେଳେ ୨୦୦୫ ମସିହାରେ ଗୋପାଳପୁରସ୍ଥିତ ନିଜସ୍ୱ କୋଠାକୁ ସ୍ଥାନାନ୍ତର ହୋଇଥିଲା। କେନ୍ଦ୍ରକୁ ବିଭିନ୍ନ ନୂତନ ପ୍ରଜାତିର ଜୀବଜନ୍ତୁଙ୍କୁ ଅଣାଯାଇ ବୈଜ୍ଞାନିକମାନେ ପରୀକ୍ଷାନିରୀକ୍ଷା କରି ଡିଏନ୍‌ଏ ଚିହ୍ନଟ କରିଥାନ୍ତି। ଏହି କେନ୍ଦ୍ରକୁ ବିଭିନ୍ନ ପ୍ରଜାତିର ମାଛ ଅଣାଯାଇ ଗବେଷଣା ମଧ କରାଯାଇଥାଏ। ପୂର୍ବରୁ ଏହି ମ୍ୟୁଜିୟମ୍‌ରେ ୪ଶହ ପ୍ରଜାତିର ମାଛ, ସାପ, ଶାମୁକା, ଡଲ୍‌ଫିନ୍ ଆଦିର ନମୁନା ତଥା କଙ୍କାଳ ରହିଥିଲା। ନୂତନ ମ୍ୟୁଜିୟମ୍ ପାଇଁ କୋଲକାତାରୁ ନମୁନା ଆସିବା ପରେ ବର୍ତ୍ତମାନ ଏହି ସଂଖ୍ୟା ୬ ଶହକୁ ବୃଦ୍ଧି ପାଇଛି।

କେନ୍ଦ୍ରରେ ମହାବଳ, ଭାଲୁ, କଙ୍ଗାରୁ, ବଣ ବିଲେଇ, ବିଭିନ୍ନ ପ୍ରଜାତିର ପ୍ରଜାପତି, ଝିଣ୍ଟିକା, ବିଛା, ସାପ, ବେଙ୍ଗ ଓ ପକ୍ଷୀ ଆଦିର ମଡେଲ ଓ କଙ୍କାଳ ରହିଛି। ଏସବୁକୁ ଏକ ଅତିରିକ୍ତ କୋଠା ମଧରେ ରଖାଯାଇ ଉଦ୍‌ଘାଟନକୁ ଅପେକ୍ଷା କରାଯାଇଛି। ଗୋପାଳପୁର ଏକ ପର୍ଯ୍ୟଟନ ସ୍ଥଳ। କେନ୍ଦ୍ର ଖୋଲିବା ପରେ ଏହା ସମସ୍ତଙ୍କୁ ଆକର୍ଷଣ କରିବ ବୋଲି କେନ୍ଦ୍ର କର୍ତ୍ତୃପକ୍ଷ କହିଛନ୍ତି। ସଂଗ୍ରହାଳୟକୁ ବିକଶିତ କରିବା ପାଇଁ କେନ୍ଦ୍ରର ବୈଜ୍ଞାନିକ ଡ. ଅନୀଲ ମହାପାତ୍ରଙ୍କ ସମେତ ବହୁ ଗବେଷକ ଚେଷ୍ଟା ଜାରି ରଖିଛନ୍ତି। ବର୍ତ୍ତମାନ କୋଲକାତା ମୁଖ୍ୟାଳୟରୁ ନମୁନା ସଂଗ୍ରହ କରାଯାଇଥିବା ବେଳେ ଆଗକୁ ବିଭିନ୍ନ ସ୍ଥାନରୁ ଅଧିକ ନମୁନା ଆସିବ ବୋଲି ବୈଜ୍ଞାନିକ ଡ. ମହାପାତ୍ର ସୂଚନା ଦେଇଛନ୍ତି।

# ଫୁଲବାଣୀରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ

କନ୍ଧମାଳ, ୧୦/୦୭ (ନି.ପ୍ର): ଫୁଲବାଣୀ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ-ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର, ଫୁଲବାଣୀର ସମ୍ମିଳନୀ କକ୍ଷରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଜାତୀୟ ମତ୍ସ୍ୟ ଚାଷୀ ଦିବସ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା। ଅଧିକାରୀ ତାଙ୍କ ବିଭାଗର ଯୋଜନାଗୁଡିକ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲା ଆଗ୍ରୀଣ ବ୍ୟାଙ୍କ ପରିଚାଳକ, ଫୁଲବାଣୀ ମାଛ ଚାଷୀମାନଙ୍କୁ ବ୍ୟାଙ୍କରୁ ଋଣ ଗ୍ରହଣ କରି ଉନ୍ନତ ମାଛ ଚାଷ କରିବା ନିମନ୍ତେ ଉତ୍ସାହିତ କରିଥିଲେ। ସେହିପରି, ମିଶନ ଶକ୍ତି ବିଭାଗର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଗ୍ରାମ ପଂଚାୟତ ପୋଖରୀରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ମାଛ ଚାଷ କରିବା ପାଇଁ ପ୍ରବର୍ତାଇ ଥିଲେ। ଏହି ଦିବସ ପାଳନ ଅବସରରେ ୨ ଜଣ ସଫଳ ମତ୍ସ୍ୟଚାଷୀ, ଗୋଟିଏ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଜଣେ ସଫଳ ମତ୍ସ୍ୟ ଉଦ୍ୟୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ମତ୍ସ୍ୟ ଅଧିକାରୀ, କନ୍ଧମାଳ, ଫୁଲବାଣୀ ତାଙ୍କର ପ୍ରାରମ୍ଭିକ ସମ୍ଭାଷଣରେ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ସହକାରୀ ମତ୍ସ୍ୟ ଅଧିକାରୀ,,ଫିରିଙ୍ଗିଆ,ଚକାପାଦ ଓ ରାଇକିଆ ବ୍ଲକ ମତ୍ସ୍ୟ ଚାଷୀମାନଙ୍କୁ ବିଭାଗର ବିଭିନ୍ନ ଯୋଜନା, ଗ୍ରାମ ପଂଚାୟତ ପୋଖରୀକୁ ଲିଜ ନେଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା, ଜୈବ କୁଣ୍ଡ ରେ ଉନ୍ନତ ପ୍ରଣାଳୀରେ ମାଛ ଚାଷ ଏବଙ୍କୁ ପୋଖରୀ ପରିଚାଳନା ଓ ରୋଗ ନିୟନ୍ତ୍ରଣ ବିଷୟରେ ଅବଗତ କରାଇଥିଲେ। ଉକ୍ତ ବୈଠକରେ, ଜିଲ୍ଲାର ସମସ୍ତ ବ୍ଲକର ଅଧିକାରୀ, ୧୨ ଗୋଟି ବ୍ଲକରୁ ୫୦ ଜଣରୁ ଉର୍ଦ୍ଧ ମତ୍ସ୍ୟ ଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ସଦସ୍ୟ, ମାଛ ଯାଁଳା ଉତ୍ପାଦନକାରୀ ଏବଂ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ। ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ, ଖଜୁରୀପଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୦/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସତ୍ୟଭାମା ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ରାଜ୍ୟ ପୋଷଣ ବିଭାଗର ଡଲି ସାମଲ ଏବଂ ସାମାଜିକ ବ୍ୟବହାର ପରିବର୍ତନ ପରାମର୍ଶ ଦାତା ଶ୍ରେୟା ପଟ୍ଟନାୟକ ଭୁବନେଶ୍ୱର ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା ଓ ଗରଦପୁର ପ୍ରଭୃତି ୫ଟି ବ୍ଲକର ସିଡିପିଓ, ସୁପର ଭାଇଜର, ମିଶନଶକ୍ତି ଡିପିସି, ପୋଷଣ ବିସି, ମମତା ପିଏ ପ୍ରମୁଖଙ୍କ ପ୍ରଶିକ୍ଷ ଦେଇଥିଲେ। କାର୍ଯ୍ୟକ୍ରମରେ ଡିପିସି ମମତା ମନୋରଞ୍ଜନ ଦାସ, ପୋଷଣର ଡିସି ସଂଜୟ ପାତ୍ରଙ୍କ ସହ ପୋଷଣ ସହଯୋଗୀ ସୁମିତ୍ରା ବେହେରା, ଡିପିଏ ମମତା ଶୁଭେନ୍ଦୁ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜିଲ୍ଲାରେ ଶିଶୁମାନଙ୍କର ଓଜନ ଓ ଉଚ୍ଚତା ପ୍ରତି ଦୃଷ୍ଟି ଦିଆଯିବାକୁ ପ୍ରଶିକ୍ଷଣ ଦେବାସହ ଆଲୋଚନା କରାଯାଇଥିଲା।

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ସମସ୍ତ ଯୋଜନା ଘରେ ଘରେ ପହଁଚାଇବୁ : ଅରୁଣ ସିଂ

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ଓଡ଼ିଶାରେ ନିର୍ବାଚନ ସରିଛି ଓ ବିଜେପି ଏକାକି ସରକାର ଗଠନ କରିଛି। ଏହି ନିର୍ବାଚନରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତାମାନେ ଅକ୍ଳାନ୍ତ ପରିଶ୍ରମ କରିଥିଲେ, ସେମାନଙ୍କ ଉଦ୍ୟମ ଯୋଗୁଁ ଓଡ଼ିଶାରେ ବିଜେପି ପ୍ରଥମ ଥର ପାଇଁ ଏକାକି ସରକାର ଗଠନ କରିବାକୁ ସକ୍ଷମ ହୋଇଛି। ଏବେ ଓଡ଼ିଶାରେ "ଡବଲ ଇଞ୍ଜିନ" ସରକାର ହୋଇଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓ ମାର୍ଗଦର୍ଶନରେ ଓଡ଼ିଶା ଖୁବଶୀଘ୍ର ଦେଶର ଏକ ନମ୍ବର ରାଜ୍ୟରେ ପରିଣତ ହେବ। ଓଡ଼ିଶାର ବିକାଶ ପାଇଁ ମୋଦିଜୀ ସର୍ବଦା ବଦ୍ଧପରିକର ଅଛି ବୋଲି ପୂର୍ବତନ ରାଜ୍ୟ ପ୍ରଭାରୀ ତଥା ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂହ କହିଛନ୍ତି। ଶ୍ରୀ ସିଂହ କହିଛନ୍ତି ଯେ, ତୃଣମୂଳସ୍ତରରେ ପାର୍ଟିକୁ ଅଧିକ ସୁଦୃଢ଼ କରିବା ପାଇଁ ଉଦ୍ୟମ ଜାରି ରହିଛି। କାର୍ଯ୍ୟକର୍ତା ଓ ନେତାମାନେ ଉତ୍ସାହର ସହ କାର୍ଯ୍ୟ କରୁଛନ୍ତି ଓ ଓଡ଼ିଶାବାସୀଙ୍କ ସେବାରେ ମନନିବେଶ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡିକ ଓଡ଼ିଶାର ଘରେ ଘରେ ପହଂଚାଇବାକୁ ଶ୍ରୀ ସିଂହ କାର୍ଯ୍ୟକର୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି।

ଗତକାଲି ଶ୍ରୀ ସିଂହ ପୁରୀ ଯାଇ ରଥାରୁଢ ମହାପ୍ରଭୁ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଆଜି ରାଜ୍ୟ କାର୍ଯ୍ୟାଳୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ସମେତ ଅନେକ ବରିଷ୍ଠ ଓ ପୁରାତନ ନେତା, କର୍ମୀଙ୍କୁ ଭେଟି ସଂଗଠନ ବିଷୟରେ ଆଲୋଚନା କରିଛନ୍ତି।

# କେନ୍ଦ୍ରାପଡ଼ାରେ ଜାତୀୟ ମତ୍ସ୍ୟଚାଷୀ ଦିବସ

କେନ୍ଦ୍ରାପଡ଼ା, ୧୦/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ୨୦୨୪ ପାଳନ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏଡିଭିଓ ଡ଼ଃ ପ୍ରଭଞ୍ଜନ କବି, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ(ମତ୍ସ୍ୟ) ମାନସ ରଂଜନ ବେହେରା, ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ମହମ୍ମଦ ଫିରୋଜ, କୋକିଳା ମଞ୍ଜରୀ ନାୟକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ମାଛ ଚାଷ ପାଇଁ ବିଭାଗ ପକ୍ଷରୁ ମତ୍ସ୍ୟଚାଷୀଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହାୟତା ପ୍ରଦାନ କରା ଯାଉଥିବା ପ୍ରକାଶ କରିଥିଲେ । ଜିଲ୍ଲାରେ ଉତମ ମାଛ ଚାଷ କରି ସୁନାମ ଅର୍ଜନ କରିଥିବା ଓ ମାଛଚାଷ ପାଇଁ ନୂଆ ପୋଖରୀ ଖନନ କରି ମାଛ ଚାଷ କରୁଥିବା ପ୍ରଦ୍ୟୁମ୍ନ ପାତ୍ର, ଡେରାବିଶ ର ମଦନ ମଲିକ, ମହାକାଳପଡ଼ାର ପ୍ରଫୁଲ୍ଲ କର।

# ଡିଏମ୍‌ଏଫ୍ କେଲେଙ୍କାରୀ: ଗ୍ରାମ୍ୟ ଉଦ୍ୟାନ ସ୍ଥାନରେ ଖରିବଣ, ଖର୍ଚ୍ଚ ଦେଢ଼କୋଟି



କେନ୍ଦୁଝର, ୧୦/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଡିଏମ୍‌ଏଫ୍ ଅନୁଦାନ ବ୍ୟୟରେ ବ୍ୟାପକ ଅନିୟମିତତା ହୋଇଥିବା ପଦାକୁ ଆସିଛି। ଗ୍ରାମ୍ୟ ଉଦ୍ୟାନ ନାମରେ ଡିଏମ୍‌ଏଫରୁ ଦେଢ଼କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ସେଠାରେ ଗଛ ବଦଳରେ ଅଛି ଖରିବଣ। କେବଳ ଠିକାଦାର ପୋଷିବାକୁ କେନ୍ଦୁଝର ସଦର ବ୍ଲକ୍‌ରେ ୮ଟି ଗ୍ରାମ୍ୟ ଉଦ୍ୟାନ କରଯାଇଥିବା ଅଭିଯୋଗ ହୋଇଛି। ଏ କ୍ଷେତ୍ରରେ ପୂର୍ବତନ ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କ ଭୂମିକା ମଧ ସନ୍ଦେହ ଘେରକୁ ଆସିଛି। ଡିଏମ୍‌ଏଫ୍ ଅର୍ଥ ଖର୍ଚ୍ଚ ପାଇଁ 'ଇ ଆଣ୍ଡ ୱାଇ' ନାମକ ଏକ ସଂସ୍ଥା ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଛି। ଉକ୍ତ ସଂସ୍ଥାର ପରାମର୍ଶ ଅନୁସାରେ ଡିଏମ୍‌ଏଫ୍‌ର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥାଏ। ବିଭିନ୍ନ ପଞ୍ଚାୟତରେ ଗ୍ରାମ୍ୟ ଉଦ୍ୟାନ ପ୍ରକଳ୍ପକୁ ଡିଏମ୍‌ଏଫ୍ ଟ୍ରଷ୍ଟବୋର୍ଡ ଅନୁମୋଦନ କରିଥିଲା। ଏନେଇ କେନ୍ଦୁଝର ସଦର ବ୍ଲକ୍‌ରେ ୨୦୨୩-୨୦୨୪ ଓ ୨୦୨୪-୨୫ରେ ୮ଟି ଗ୍ରାମ୍ୟ ଉଦ୍ୟାନ ନିର୍ମାଣ ହୋଇଛି। ଏହାର ମୂଳଲକ୍ଷ୍ୟ ଥିଲା ପ୍ରଦୂଷଣ ନିୟନ୍ତ୍ରଣ କରିବା। କିନ୍ତୁ ବାସ୍ତବ କଥା ହେଉଛି, ଦେଢ଼କୋଟି ଟଙ୍କା ଖର୍ଚ୍ଚ କରାଯାଇ ଗ୍ରାମ୍ୟ ଉଦ୍ୟାନ ନିର୍ମାଣ ନାମରେ ଠିକାଦାରଙ୍କୁ ପୋଷାଯାଇଛି।

ପକ୍ଷରୁ ଏକାଧିକ ଗ୍ରାମ୍ୟ ଉଦ୍ୟାନର ଅନୁସନ୍ଧାନ କରାଯାଇଥିଲା। ସେଠାରେ ଯାହା ଦେଖିବାକୁ ମିଳିଲା, ତାହା ତାଜୁବ୍ କଲା ଭଳି। ବାୟୁ ପ୍ରଦୂଷଣ ରୋକିବା ପାଇଁ ନିର୍ମାଣ ହୋଇଥିବା ଗ୍ରାମ୍ୟ ଉଦ୍ୟାନରେ ଗଛ ନାହିଁ। ଗୋପୀନାଥପୁର ପଞ୍ଚାୟତରେ ହୋଇଥିବା ଗ୍ରାମ୍ୟ ଉଦ୍ୟାନ ଖରିବଣ ପାଲଟିଛି। ଏଠାରେ ପାଦ ପକାଇବାକୁ ସ୍ଥାନ ନାହିଁ। ଗାଁଠାରୁ ୩ କିଲୋମିଟର ଦୂରରେ ଏକ ନିଛାଟିଆ ସ୍ଥାନରେ ଗ୍ରାମ୍ୟ ଉଦ୍ୟାନ ନିର୍ମାଣ କରାଯାଇଛି। ଯାହା ପଞ୍ଚାୟତବାସୀଙ୍କ କୌଣସି କାମରେ ଲାଗୁନାହିଁ। ଏଠାରେ ପାଣି ଓ ବିଜୁଳି ବ୍ୟବସ୍ଥା ମଧ ନାହିଁ। ଏହି ଗ୍ରାମ୍ୟ ଉଦ୍ୟାନ ପାଇଁ ଦୁଇଟି କିସ୍ତିରେ ୨୨ ଲକ୍ଷ ୨ ହଜାର ୯୧୯ ଟଙ୍କା ଖର୍ଚ୍ଚ ହୋଇଛି।

ସେହିପରି ଟିକରପଡ଼ା ଗ୍ରାମ୍ୟ ଉଦ୍ୟାନଟି ଗ୍ରାମଠାରୁ ବହୁ ଦୂରରେ ଅବସ୍ଥିତ। ଯେଉଁଠିକୁ ଗ୍ରାମବାସୀଙ୍କ ଯାତାୟାତ ମଧ ନାହିଁ। ଏହି ପ୍ରକଳ୍ପର ବ୍ୟୟ ଅଟ୍ଟକଳ ଥିଲା ୨୧ ଲକ୍ଷ ୮୨ ହଜାର ୫୫୫ ଟଙ୍କା। ଖାଲି ସେତିକି ନୁହେଁ, ଏହି ଗୋଟିଏ ସ୍ଥାନରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମଧ ରୁରାଲ ପାର୍କ ନାମରେ ୩ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ଏହା ଏବେ ଗୋରୁଗାଇଙ୍କ ଚାରଣଭୂମିରେ ପରିଣତ ହାଇଛି। ଏହି ଗ୍ରାମ ଉଦ୍ୟାନ ସଂପୂର୍ଣ୍ଣ ପଡ଼ିଆ। ଏଭଳି ୮ଟି ଗ୍ରାମ୍ୟ ଉଦ୍ୟାନ ନିର୍ମାଣ ପାଇଁ ଡିଏମ୍‌ଏଫ୍‌ରୁ ଦେଢ଼କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହାଦ୍ୱାରା କେବଳ ଅର୍ଥଶ୍ରାଦ୍ଧ କରାଯାଇ ଠିକାଦାର ପୋଷାଯାଇଛି। ଏସବୁ ପ୍ରକଳ୍ପ ପ୍ରସ୍ତୁତ ପୂର୍ବରୁ ଡିଏମ୍‌ଏଫ୍ ପରାମର୍ଶଦାତା 'ଇ ଆଣ୍ଡ ୱାଇ' ସଠିକ ପରାମର୍ଶ ଦେବା କଥା। ୨୦୧୮ରେ ଏହି ସଂସ୍ଥାର କାର୍ଯ୍ୟକଳାପ ସନ୍ତୋଷଜନକ ନଥିଲା। ଏଥିପାଇଁ ତତ୍କାଳୀନ ଜିଲ୍ଲାପାଳ ଏନ୍. ତିରୁମାଲା ନାୟକ ଉକ୍ତ ସଂସ୍ଥାକୁ କାହିଁକି କଳାତାଲିକାଭୁକ୍ତ କରାନଯିବ, ସେଥିପାଇଁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ନୋଟିସ୍ ଦେବାର ତିନିମାସ ପରେ ନୂଆ ଜିଲ୍ଲାପାଳ ଆଶିଷ ଠାକ୍‌ରେ ଏହି ସଂସ୍ଥାର କାର୍ଯ୍ୟ ସନ୍ତୋଷଜନକ ଦର୍ଶାଇ ଚୁକ୍ତି ଅବଧି ବଢ଼ାଇ ଥିଲେ। ଯେଉଁ ସଂସ୍ଥାର ପରାମର୍ଶ ଆଧାରରେ ଏହି ଗ୍ରାମ୍ୟ ଉଦ୍ୟାନ ନିର୍ମାଣ ହୋଇଛି, ତାହା କେବଳ ଅର୍ଥଶ୍ରାଦ୍ଧ ପାଇଁ ଉଦ୍ଦିଷ୍ଟ ବୋଲି ସୂଚନା ଅଧିକାର କର୍ମୀ ହିମାଂଶୁ ନାୟକ ପ୍ରକାଶ କରିଛନ୍ତି।

# ରଥଯାତ୍ରା ଉପଲକ୍ଷେ ବିଭିନ୍ନ ସଂଗଠନ ପକ୍ଷରୁ ସେବାକାର୍ଯ୍ୟ

କେନ୍ଦ୍ରାପଡ଼ା, ୧୦/୦୭ (ନି.ପ୍ର): ଓଡିଶା ପ୍ରସିଦ୍ଧ ପବିତ୍ର କେନ୍ଦ୍ରାପଡା ରଥଯାତ୍ରା ଉପଲକ୍ଷେ ରଥଦାଣ୍ଡ ରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଷ୍ଟଲ ଖୋଲାଯାଇ ସେବାକାର୍ଯ୍ୟ କରାଯାଇଛି। କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜନଶ୍ରୀ, ଜନନୀ ସୋସିଆଲ ସର୍ଭିସ, ସତ୍ୟସାଇ ସେବା ଅନୁଷ୍ଠାନ, କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟ ତରଫରୁ ଇଛାପୁର ରଥଦାଣ୍ଡରେ ଭକ୍ତମାନଙ୍କୁ ଦହି ସର୍ବତ ଓ ଜଳ, ପ୍ରସାଦ ଓ ଚାରାବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମ ରେ ପ୍ରକାଶ କୁମାର ପରିଡା, ନୃସିଂହ ଚରଣ ତ୍ରିପାଠୀ, ମଧୁସୂଦନ ନାଥ, ଆଦିତ୍ୟ ପ୍ରସାଦ ନାଥ, ଅତନ ଦାସ, ରବିନ୍ଦ୍ର ସେନାପତି, ଶ୍ରୀକାନ୍ତ ମହାରଣା, ରାଜଶ୍ରୀ ଚୂଳି, ଶୁଭଶ୍ରୀ ଚୂଳି ପ୍ରମୁଖ ଉପସ୍ଥିତ ଥିଲେ ।

# ଟାଟା ପାୱାରର ସ୍ମାର୍ଟ ମିଟର ଲଗାଣ ବିରୁଦ୍ଧରେ ବଲାଙ୍ଗିର ନାଗରିକ କମିଟିର ବିଭିନ୍ନ ସାମାଜିକ ଅନୁଷ୍ଠାନମାନଙ୍କ ସହ ବୈଠକ

ବଲାଙ୍ଗିର, ୧୦/୦୭ (ନି.ପ୍ର): ଟାଟା ପାୱାର ର ସ୍ମାର୍ଟ ମିଟର ଲଗାଣ କୁ ବଲାଙ୍ଗିର ନାଗରିକ କମିଟି ମୂଳରୁ ବିରୋଧ କରିଆସିଛି । ଟାଟା ପାୱାର ଜବରଦସ୍ତି ସ୍ମାର୍ଟ ମିଟର ଲଗାଇ ବିଦ୍ୟୁତ ଉପଭୋକ୍ତଙ୍କ ଉପରେ ବ୍ରିଟିସ ରାଜତ୍ୱ ନୀତିରେ ଆର୍ଥିକ ବୋଝ ଲଦି ଚାଲିଛି । ଉପଭୋକ୍ତାମାନେ ନ ଯଯୌ, ନତସ୍ଥୌ ଅବସ୍ଥାରେ ଟାଟା ପାୱାର ର ଅତ୍ୟାଚାର କୁ ସହିଯିବାକୁ ବାଧ ହେଉଛନ୍ତି ବୋଲି ଜନସାଧାରଣରେ ଆଲୋଚନା ହେଉଛି । ବଲାଙ୍ଗିର ନାଗରିକ କମିଟି ଏହାର ପ୍ରତିବାଦ କରିବା ପୂର୍ବକ ସୁପରିଟେଣ୍ଡିଙ୍ଗ ଇଂଜିନିୟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଦାବିପତ୍ର ପ୍ରଦାନ କରିସାରିଛି । ମାତ୍ର ତାହା ଅଭିଳଷିତ ସ୍ତରରେ ଫଳପ୍ରସୁ ହୋଇ ପାରିନାହିଁ । ତେଣୁ ଏ କ୍ଷେତ୍ରରେ ବ୍ୟାପକ ଆନ୍ଦୋଳନ କରିବା ଉଦ୍ଦେଶ୍ୟରେ ବଲାଙ୍ଗିର ର ସମସ୍ତ ସମାଜିକ ଅନୁଷ୍ଠାନମାନଙ୍କୁ ନେଇ ନାଗରିକ କମିଟି ଏକ ବୈଠକ କରିଛି । ବୈଠକରେ ନାଗରିକ କମିଟିର ସଭାପତି ଡ. ଶ୍ରୀକର ମିଶ୍ର ସଭାପତିତ୍ୱ କରିଥିଲେ । ସଭାପତି ଡ. ମିଶ୍ର ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ସଭାର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ । ଏଥିରେ ବ୍ରାହ୍ମଣ ମହାସଭାର ସଭାପତି ଧନଞ୍ଜୟ ମିଶ୍ର, ବଲାଙ୍ଗିର ଯାଦବ ସମାଜ ର ସଂପାଦକ ବସନ୍ତ କୁମାର ଷାଣ୍ଡ, ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନରୁ ଦେବାଶିଷ, ଯୁବ କୁଲୁତା ସମାଜରୁ ଅସୀମ କୁମାର ଭୋଇ, ମେହେର ସମାଜର ସଭାପତି ଇଂ. ହରେକୃଷ୍ଣ ମେହେର, ବଲାଙ୍ଗିର ୟୁଥ ଏକ୍ସନ କମିଟିରୁ ବିନୋଦ କାଲସାଏ, ବରିଷ୍ଠ ନାଗରିକ ମଂଚର ସଂପାଦକ ଅଶୋକ କୁମାର ଚାନ୍ଦ, ବଲାଙ୍ଗିର ସଂସ୍କୃତ ପରିଷଦର ପ୍ରତିନିଧି, ସ୍ମାଇଲ ଫର ଅଲ ର ପ୍ରତିନିଧି, ନାଗରିକ କଲ୍ୟାଣ ମହାସଂଘର ପ୍ରତିନିଧି ଗୌର ଚନ୍ଦ୍ର ପୁରୋହିତ, ଏକ୍ସନ କମିଟିର ପୁରୋଧା ତଥା ରାଜନେତା ଗୋପାଳଜୀ ପାଣିଗ୍ରାହୀ, ସୁମିତ ପୁରୋହିତ, ଶିବ ନାରାୟଣ ରଥ, ରିତୁରାଜ ସିଂ, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଗୋପବନ୍ଧୁ ପୁରୋହିତ, ଜୟରାମ ମିଶ୍ର, ବିରଂଚି ବହିଦାର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜସ୍ୱ ମତ ପୋଷଣ କରିଥିଲେ । ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଗଲା ଯେ ବଲାଙ୍ଗିର ର ସମସ୍ତ ସାମାଜିକ ଅନୁଷ୍ଠାନମାନଙ୍କୁ ନେଇ ଆନ୍ଦୋଳନ କୁ ତ୍ୱରାନ୍ୱିତ ତଥା କ୍ଷିପ୍ର କରିବା ପାଇଁ ଏକ ସମନ୍ୱୟ କମିଟି ଗଠନ କରାଯିବ ।

# ଓଡ଼ିଆରେ ମେଡିକାଲ ପାଠପଢ଼ା: ଡାକ୍ତର ମହଲରେ ଭିନ୍ନ ଭିନ୍ନ ମତ



ଭୁବନେଶ୍ୱର, ୧୦/୦୭ (ନି.ପ୍ର): ଓଡ଼ିଆରେ ପଢ଼ାଯିବ ଡାକ୍ତରୀ ପାଠ। ଓଡ଼ିଆ ପିଲାଙ୍କ ପାଇଁ ଡାକ୍ତରୀ ପାଠକୁ ସହଜ ଓ ବୋଧଗମ୍ୟ କରିବାକୁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ସେଥିପାଇଁ ଏକ ୨୨ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ଏମ୍‌ବିବିଏସ୍ ପାଠ୍ୟକ୍ରମର ବହିକୁ ଅନୁବାଦ ପାଇଁ ଚିହ୍ନଟ କରିବେ। ତେବେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ କେତେ ଫଳପ୍ରଦ ହେବ ତାହାକୁ ନେଇ ଡାକ୍ତରୀ ମହଲରେ ଆଲୋଚନା ଆରମ୍ଭ ହୋଇଯାଇଛି। ଏଥିରେ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ମତପ୍ରକାଶ ପାଉଛି। କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଯୁକ୍ତି ହେଲା, ଓଡ଼ିଆରେ ଏମ୍‌ବିବିଏସ୍ ପଢ଼ିବାକୁ ନେଇ ଅନେକ ସମସ୍ୟା ହୋଇପାରେ। କାରଣ ଏବେ ବି ମୌଳିକ ବିଜ୍ଞାନର ଓଡ଼ିଆ ଅନୁବାଦ ହୋଇନାହିଁ। ଏହାସହ ଇଞ୍ଜିନିୟରିଂ ପାଠ୍ୟକ୍ରମର ମଧ ଓଡ଼ିଆ ଅନୁବାଦ ପୁସ୍ତକ ଆସିନାହିଁ। ସେହିପରି ଆଧୁନିକ ଚିକିତ୍ସା ସଂପର୍କିତ ଜ୍ଞାନ ଆହରଣ ଓ ଡାକ୍ତରୀ ଦକ୍ଷତା ବୃଦ୍ଧିରେ ଓଡ଼ିଆ ଭାଷା ପ୍ରତିବନ୍ଧକ ସାଜିପାରେ। ତେବେ ଆଉ କିଛି ବିଶେଷଜ୍ଞ ମତ ଦେଉଛନ୍ତି, ଇଂରାଜୀରେ ଦୁର୍ବଳ ଥିବା ପିଲା ନିଜ ଭାଷାରେ ମେଡିକାଲ ପଢ଼ିବାରେ ଏହା ସହାୟକ ହୋଇପାରେ। ଯେଉଁ ପିଲାଟି ନିଜ ମାତୃଭାଷାରେ ମେଡିକାଲ୍ ଶିକ୍ଷା ଗ୍ରହଣ କରିବ, ପରବର୍ତ୍ତୀ ସମୟରେ ଚିକିତ୍ସା କଲା ବେଳେ ସେ ସାଧାରଣ ଲୋକଙ୍କ ଭାଷା ବୁଝିପାରିବ। ଡାକ୍ତରୀ ଦକ୍ଷତା ବୃଦ୍ଧିରେ କୌଣସି ଭାଷା ପ୍ରତିବନ୍ଧକ ନୁହେଁ। ତେବେ ଅନୁବାଦ ଠିକ୍ ଭାବେ ହେବା ଦରକାର। ପୂର୍ବତନ ଡିଏମ୍‌ଇଟି ଡାକ୍ତର ସିବିକେ ମହାନ୍ତି କହିଛନ୍ତି, ଋଷିଆ, ଫ୍ରାନ୍‌ସ ଓ ଚୀନ୍‌ରେ ଇଂରାଜୀ ପ୍ରଚଳନ ନାହିଁ। ସେଠାର ପିଲାମାନେ ନିଜ ଭାଷାରେ ମେଡିକାଲ ପଢୁଛନ୍ତି ଓ ଗବେଷଣା ମଧ କରୁଛନ୍ତି। ତେଣୁ ସେମାନେ ଯେ ଇଂରାଜୀରେ ମେଡିକାଲ ପଢୁଥିବା ଡାକ୍ତରଙ୍କ ତୁଳନାରେ ଦୁର୍ବଳ କହିବା ଠିକ୍ ହେବ ନାହିଁ। ନିଟ୍ ପରୀକ୍ଷା ଆଞ୍ଚଳିକ ଭାଷାରେ କରାଯାଉଛି। ତେଣୁ ଏହାକୁ ନଜରରେ ଓଡ଼ିଆରେ ମେଡିକାଲ ଶିକ୍ଷା ପାଇଁ ଏହି କମିଟି ଗଠନ କରାଯାଇଛି। କେତେକ ସ୍ଥାନରେ ନିଶ୍ଚିତ ସମସ୍ୟା ହେବ। ଅନେକ ମେଡିକାଲ ଶବ୍ଦ ଖାଣ୍ଟି ଓଡ଼ିଆରେ କହିହେବ ନାହିଁ। ଏହାସହ ପ୍ରତିବର୍ଷ ଅଭିଧାନରେ ଅନେକ ନୂଆ ଶବ୍ଦକୁ ସାମିଲ କରାଯାଉଛି। ଓଡ଼ିଆ ଭାଷାରେ ମେଡିକାଲ ପାଠ୍ୟପୁସ୍ତକ ଓଡ଼ିଆରେ ଅନୁବାଦ ହୋଇପାରିବ ନା ନାହିଁ କମିଟି ଏହାର ଅନୁଶୀଳନ କରିବେ। ପ୍ରାୟତଃ ସବୁଠାରେ ବାଇ ଲିଙ୍ଗୁଆଲ ବା ଦ୍ୱିଭାଷୀ ପାଠ୍ୟକ୍ରମ କରାଯାଏ। ତେଣୁ ନିଜର ସାମର୍ଥ୍ୟ ଅନୁସାରେ ଜଣେ ଛାତ୍ରଛାତ୍ରୀ ଦୁଇ ଭାଷାରୁ ଗୋଟିଏକୁ ଚୟନ କରିପାରିବେ। ଗୋଟିଏ ବ୍ୟବସ୍ଥାରୁ ଆଉ ଗୋଟିଏ ବ୍ୟବସ୍ଥାକୁ ଯିବା ସମୟରେ ସମୟ ଲାଗିଥାଏ। ଯେଉଁମାନେ ଇଂରାଜୀ ସହ ଭଲ ଭାବେ ପ୍ରଚଳିତ ନୁହନ୍ତି ସେମାନଙ୍କ ପାଇଁ ଏହା ଫଳପ୍ରଦ ହେବ ବୋଲି ଡା.ମହାନ୍ତି କହିଛନ୍ତି। ଅପରପକ୍ଷରେ ପୂର୍ବତନ ନିର୍ଦ୍ଦେଶକ(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ) ଡା.ରାମଚନ୍ଦ୍ର ରାଉତ କହିଛନ୍ତି, ଏହାର ଉଭୟ ସକରାତ୍ମକ ଓ ନକରାତ୍ମକ ଦିଗ ରହିଛି। ମୌଳିକ ବିଜ୍ଞାନ ଯଥା ପଦାର୍ଥ, ଜୀବ ବିଜ୍ଞାନ, ରସାୟନ ବିଜ୍ଞାନ ଆଦି ଓଡ଼ିଆରେ ଅନୁବାଦ ହୋଇନାହିଁ। ସବୁ ଇଂରାଜୀ ମେଡିକାଲ ଶବ୍ଦର ଓଡ଼ିଆରେ ଯୁକ୍ତିଯୁକ୍ତ ପ୍ରତିଶବ୍ଦ ନାହିଁ। ଓଡ଼ିଆରେ ପଢ଼ାଇବା ପାଇଁ ଡାକ୍ତରୀ ଅଧ୍ୟାପକ ବି ନାହାନ୍ତି। ଇଂରାଜୀରେ ମେଡିକାଲ ନ ପଢ଼ିଲେ ପିଜି ପରୀକ୍ଷା ଦେଇହେବ ନାହିଁ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟ କରିବାରେ ସମସ୍ୟା ହେବ। ଏହାସହ ମେଡିକାଲ ଗବେଷଣା ବାଧାପ୍ରାପ୍ତ ହେବ। ୩ ପ୍ରକାରର ମେଡିକାଲ ଶିକ୍ଷା ରହିଛି। ପ୍ରଥମଟି ହେଉଛି ଅଣ କ୍ଲିନିକ୍, ଦ୍ୱିତୀୟରେ ପାରା କ୍ଲିନିକ୍ ଓ ତୃତୀୟଟି କ୍ଲିନିକାଲ। ଅଣ କ୍ଲିନିକ୍‌ରେ ଶରୀରତତ୍ତ୍ୱ, ଶରୀର ଗଠନ, ଜୀବ ରସାୟନ ପାଠ୍ୟକ୍ରମ ରହିଛି। ଏସବୁ ଓଡ଼ିଆରେ ଅନୁବାଦ କରାଯାଇ ପଢ଼ା ହୋଇପାରିବ। ପାରା ଓ କ୍ଲିନିକାଲ କ୍ଷେତ୍ରକୁ ଓଡ଼ିଆରେ ପଢ଼ାଇବା କଷ୍ଟକର। ତେବେ ମାତୃଭାଷାରେ ପଢ଼ିଲେ ପିଲାଙ୍କ ଆଗ୍ରହ ଆସିବ।

# ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପରିଦର୍ଶନ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ଅନ୍ଧାରୁଆଠାରେ ଥିବା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ, ଭୁବନେଶ୍ୱରକୁ ଆଜି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପରିଦର୍ଶନ କରିଛନ୍ତି। ଏଥିରେ ମନ୍ତ୍ରୀ ପ୍ରତିଷ୍ଠାନର ପରିସର ଯଥା ପ୍ରଶାସନିକ ବ୍ଲକ, ଏକାଡେମିକ ବ୍ଲକ, ଲାଇବ୍ରେରୀ ଓ ଛାତ୍ରାବାସ ଆଦି ବୁଲି ଦେଖିଥିଲେ। ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ଯଶୋବନ୍ତ ଜେନା ପ୍ରତିଷ୍ଠାନର ବିଭିନ୍ନ କାର୍ଯ୍ୟବଳୀ, ପାଠ୍ୟ ଖସଡା, ଶିକ୍ଷାଦାନ ବ୍ୟବସ୍ଥା ଓ ପ୍ରତିଷ୍ଠାନର ସଫଳତା ଉପରେ ଆଲୋକପାତ କରିଥିଲେ। ଗଣିତର ଗବେଷଣାତ୍ମକ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇ ଶିକ୍ଷାଦାନ, ଗଣିତର ପ୍ରୟୋଗାତ୍ମକ ଦିଗରେ ଗବେଷଣା, ମେଧା ଅନ୍ୱେଷଣ ଓ ପ୍ରଶିକ୍ଷଣ ଇତ୍ୟାଦି କାର୍ଯ୍ୟକୁ ହାତକୁ ନେଇ ପ୍ରତିଷ୍ଠାନ ସେହି ଦିଗରେ କାର୍ଯ୍ୟ କରୁଥିବା ସେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ଆବଶ୍ୟକ ଅନୁସାରେ ଏହି ପ୍ରତିଷ୍ଠାନରେ ଅଧ୍ୟାପକ ନିଯୁକ୍ତି ଏବଂ ଭିତିଭୂମି ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଏହି ଅବସରରେ କହିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ବିଜ୍ଞାନ ଓ କାରିଗରୀ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶିବାନୀ ମହାନ୍ତି, ଅନୁଶାସନ ସଚିବ ପଦ୍ମଲୋଚନ ଦାସ, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ରେଜିଷ୍ଟାର ଓ ଅନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# ଭୁବନ ସାମ୍ବାଦିକ ସଂଘ ତରଫରୁ ବୃକ୍ଷରୋପଣ


ଭୁବନ, ୧୦/୦୭ (ନି.ପ୍ର): ଭୁବନ ସାମ୍ବାଦିକ ସଂଘ ତରଫରୁ ମହିଳା ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ମଧୂପ ରଞ୍ଜନ ନନ୍ଦଙ୍କ ଆହ୍ୱାନ କ୍ରମେ ସମ୍ପାଦକ ସୁଶାନ୍ତ କୁମାର ପୋଥାଳ, ଅବିନାଶ ସାଥୁଆ ମହାପାତ୍ର, ବିଶ୍ୱଜିତ୍ ସାହୁ, ସଞ୍ଜୟ ନାୟକ, ରବିନ ଦାସ, ଚିତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଟମକା ଫରେଷ୍ଟର ଚିତରଞ୍ଜନ ବିଶ୍ୱାଳଙ୍କ ପ୍ରଦତ ୩୦ଟି ଶାଳବୃକ୍ଷ ରୋପଣ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ଓ ଛାତ୍ରୀମାନେ ବୃକ୍ଷରୋପଣ କରିଥିଲେ।

# ଆଫ୍ରିକାରେ ନୁହେଁ, ଭାରତରେ ହୋଇଥିଲା ଆଦିମାନବର ବିକାଶ: ସାମ୍ନାକୁ ଆସିଲା ରିସର୍ଚ୍ଚ ତଥ୍ୟ

ମାନବ ସଭ୍ୟତାର ଉତ୍ପତ୍ତିସ୍ଥଳ କେନ୍ଦ୍ର ଆଫ୍ରିକା ବୋଲି କୁହାଯାଉଛି । ମାତ୍ର ଆଦି ମାନବର ବିକାଶ ଭାରତରେ ହିଁ ହୋଇଛି । ନିକଟରେ ଆର୍କିଓ ଜିନୋମିକ ରିସର୍ଚ୍ଚରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ଆଦି ମାନବର ସୃଷ୍ଟି ଆଫ୍ରିକାରେ ହୋଇପାରେ, ମାତ୍ର ତା'ର ବିକାଶ ଭାରତରେ ହୋଇଛି । ୨୫ ହଜାର ବର୍ଷ ପୂର୍ବେ ବିଶ୍ୱର ଅଧା ଜନସଂଖ୍ୟା ଭାରତରେ ରହୁଥିବା ରିପୋର୍ଟରେ କୁହାଯାଇଛି ।

ମାନବ ସଭ୍ୟତାର ଇତିହାସ ବିଷୟରେ ସଠିକ୍ ତଥ୍ୟ ଜାଣିବା ପାଇଁ ଆର୍କିଓ ଜିନୋମିକ ପକ୍ଷରୁ ରିସର୍ଚ୍ଚ କରାଯାଇଥିଲା । ଏହି ରିସର୍ଚ୍ଚରେ ୧.୬ ଲକ୍ଷ ଡିଏନଏ ନମୂନାକୁ ସାମିଲ କରାଯାଇଥିଲା । ହରପ୍ପା ମହେଞ୍ଜୋଦାରୋ ସଭ୍ୟତାଠାରୁ ୨୦ ହଜାର ବର୍ଷ ପୂର୍ବରୁ ଭାରତରେ ସଭ୍ୟ ଲୋକ ରହୁଥିଲେ । ଯଦି ୨୫ ହଜାର ବର୍ଷ ପୂର୍ବର କଥା କହିବା ତେବେ ବଙ୍ଗୋପ ସାଗର, ଆରବ ସାଗର ଓ ହିମାଚଳ ମଧ୍ୟରେ ବିଶ୍ୱର ଅଧା ଜନସଂଖ୍ୟା ବିଶିଷ୍ଟ ଲୋକ ବାସ କରୁଥିଲେ । ପରବର୍ତ୍ତୀ ସମୟରେ ଏହି ଜନସଂଖ୍ୟା ସାରା ବିଶ୍ୱକୁ ବ୍ୟାପି ଯାଇଥିଲା ।

ସାରା ବିଶ୍ୱରୁ ମିଳିଥିବା ୧ ଲକ୍ଷ ୬୦ ହଜାର ଡିଏନଏର ଜିନୋମ ସ୍କେଲିଙ୍ଗ ବେସଡ ଷ୍ଟଡି ମୁତାବକ, ଆଫ୍ରିକାରେ ମାନବ ଜାତିର ସୃଷ୍ଟି ହୋଇଥିଲା । ମାତ୍ର ଭାରତରେ ମାନବ ଜାତିର ବିକାଶ ଲାଭ କରିଥିଲା । ଏଥିସହିତ ସେମାନେ ଭାରତରେ କ୍ଷେତ କାର୍ଯ୍ୟ କରୁଥିବା ମଧ୍ୟ ଷ୍ଟଡିରୁ ତଥ୍ୟ ମିଳିଛି । ବିଶେଷ କରି ସିନ୍ଧୁ ଓ ସରସ୍ୱତୀ ନଦୀ କୂଳରେ ସେ ସମୟରେ କ୍ଷେତିବାଡ଼ି କରାଯାଉଥିବା ଜଣାପଡ଼ିଛି ।



ଆଦିମାନବ ମାଇକ୍ରୋଲିଥିକ ଟେକନିକର ସନ୍ଧାନ କରିଥିଲେ । ଏଥିସହିତ ହତିଆର ନିର୍ମାଣ କୌଶଳ ଶିଖିବା ପରେ ଆଦିମାନବଙ୍କ ପାଇଁ ଭୋଜନ ସନ୍ଧାନ କରିବା ସହଜ ହୋଇପାରିଥିଲା । ସହଜ ଭାଷାରେ କହିବାକୁ ଗଲେ ସମସ୍ତ ଜିନର ଗ୍ରୁପକୁ ଜିନୋମ କୁହାଯାଇଥାଏ । ଏହା ଗୋଟିଏ ପୀଢ଼ିର ଗୁଣକୁ ଅନ୍ୟ ପୀଢ଼ିକୁ ପଠାଇଥାଏ । ଏହି ଜିନୋମର ଅଧ୍ୟୟନକୁ ଜିନୋମିକ୍ସ କୁହାଯାଇଥାଏ । ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଡିଏନଏ ଆଧାରିତ ଅଟେ । ଅର୍ଥାତ ଜିନୋମିକ ପାଇଁ ସର୍ବପ୍ରଥମେ ଡିଏନଏକୁ ନିଆଯାଇଥାଏ । ଜୈବିକ ରିସର୍ଚ୍ଚ କ୍ଷେତ୍ରରେ ଜିନୋମିକ ଏବେ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ପରିଗଣିତ ହୋଇଛି ।

# ସାତଟି କାରଣ ପାଇଁ ହୋଇଥାଏ ଡାର୍କ ସର୍କଲ୍ ?

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ । ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି । ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ । ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ ।

➪ ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ । ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ ।

➪ ପୋଷଣ ଅଭାବରୁ ମଧ୍ୟ ଡାର୍କ ସର୍କଲ ହୋଇଥାଏ । ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ । ଡିହାଇଡ୍ରେସନ କାରଣରୁ ମଧ୍ୟ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ ।

➪ ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ । ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ ।

➪ ଆଲର୍ଜି ବା ଔଷଧ ଯୋଗୁଁ ମଧ୍ୟ ଡାର୍କ ସର୍କଲ ହୋଇଥାଏ । ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା'ନ୍ତି । ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ ।

➪ ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ । ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ ।

➪ ନିଦ ନହେବା ଯୋଗୁଁ ଆଖିତଳେ ଡାର୍କ ସର୍କଲ



ଦେଖାଦେଇଥାଏ । ତେଣୁ ଆବଶ୍ୟକ ପରିମାଣରେ ଶୋଇବା ପାଇଁ ଚେଷ୍ଟା କରନ୍ତୁ ।

➪ ମେକଅପ୍‌ରେ ଅଧିକ ମାତ୍ରାରେ ହାଇଲାଇଟର୍ ବ୍ୟବହାର କରିବା ଯୋଗୁଁ ମଧ୍ୟ କଳାଦାଗ ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ଆବଶ୍ୟକସ୍ଥଳେ ହାଲ୍‌କା ମେକଅପ୍ ଓ କେମିକାଲ୍ କମ୍ ବ୍ୟବହାର କରନ୍ତୁ ।

# ରାସ୍ତା କଡ଼ରେ ଥିବା ଗଛରେ କାହିଁକି ଧଳା ରଙ୍ଗ ଦିଆଯାଏ ?

## ଜାଣନ୍ତୁ ଏନେଇ କ'ଣ ରହିଛି ବୈଜ୍ଞାନିକ କାରଣ



ଦୈନନ୍ଦିନ ଜୀବନରେ ଆମେ ଏପରି ଅନେକ ଦୃଶ୍ୟ ଦେଖିବାକୁ ପାଇଥାଉ, ଯାହା ପଛରେ ନିହାତି କିଛି କାରଣ ରହିଥାଏ । ଆମେମାନେ ଯାତାୟାତ କରୁଥିବା ସମୟରେ ରାସ୍ତାକଡ଼ରେ ଥିବା ଗଛମାନଙ୍କରେ ଧଳା ରଙ୍ଗ ମରାଯାଇଥିବା ଦେଖିବାକୁ ପାଇଥାଉ । ଏପରି କାହିଁକି କରାଯାଏ, ସେନେଇ କିଛି ପ୍ରଶ୍ନ ଆପଣଙ୍କ ମନରେ ଆସିବା ସ୍ୱାଭାବିକ । ଲାଲ, ସବୁଜ, ହଳଦିଆ ଏପରି ଅନେକ ପ୍ରକାରର ରଙ୍ଗ ଥିଲେ ମଧ୍ୟ ଧଳା ରଙ୍ଗକୁ ବାଛିବା ପଛର ରହସ୍ୟ କ'ଣ । ବାସ୍ତବରେ, ସଡ଼କପଥ ମାନଙ୍କରେ ଲାଗିଥିବା ବୃକ୍ଷମାନଙ୍କରେ ଧଳା ରଙ୍ଗ ମରାଯାଇଥିବାର ଆମେ ଦେଖିବାକୁ ପାଇଥାଏ । ଏହା ପଛରେ ଏକ ବିଶେଷ କାରଣ ରହିଛି । ମାତ୍ର ଏହା ସମସ୍ତଙ୍କୁ ଜଣା ନଥାଏ । ଅସଲ କଥା ହେଉଛି, ଧଳା ରଙ୍ଗ ବୋଳିଲେ ଗଛମାନଙ୍କର ଆୟୁଷ ବୃଦ୍ଧି ହୁଏ ବୋଲି କୁହାଯାଇଥାଏ । ସାମାନ୍ୟ ରଙ୍ଗ ଦ୍ୱାରା ଗଛର ଜୀବନ କାଳ କିପରି ବୃଦ୍ଧି ହେବ ତାହା ଅନେକଙ୍କୁ ଚିନ୍ତାରେ ପକାଇବା ସ୍ୱାଭାବିକ ।

ଗଛରେ ବୋଳାଯାଉଥିବା ଧଳା ରଙ୍ଗରେ ପାଣି ଓ ଚୂନକୁ ମିଶ୍ରଣ କରାଯାଇଥାଏ । ଏହି ମିଶ୍ରିତ ରଙ୍ଗକୁ ଗଛରେ ବୋଳିଲେ ସେଥିରେ ବିଭିନ୍ନ ପ୍ରକାରର କୀଟପତଙ୍ଗ ଲାଗନ୍ତି ନାହିଁ । ଫଳରେ ଗଛ ସର୍ବଦା ସୁସ୍ଥ ରୁହେ । ଅଧିକାଂଶ ସମୟରେ ଗଛରେ ବିଭିନ୍ନ ପ୍ରକାରର କୀଟ ଲାଗି ତା'ର ଛାଲି ଛାଡ଼ି ଯାଇଥାଏ । ଏପରିକି କିଛି ଗଛରେ ଉଇ ଭର୍ତ୍ତି ହୋଇଥିବାର ମଧ୍ୟ ଦେଖାଯାଇଥାଏ । ପରିଣାମସ୍ୱରୂପ ଅନେକ ଗଛ ଠିଆ ଠିଆ ଏକ ଶୁଖିଲା କାଠ ଗଣ୍ଡିରେ ପରିଣତ ହୋଇଯାଇଥାନ୍ତି । ଗଛରେ ଧଳା ରଙ୍ଗ ଥିଲେ ସୂର୍ଯ୍ୟ ରଶ୍ମୀ ସେଥିରେ ସିଧାସଳଖ ପଡ଼େ ନାହିଁ । ଫଳରେ ଗଛର ଛାଲି ଦୀର୍ଘଦିନ ଧରି ଠିକ୍ ଭାବେ ରହିଥାଏ । ସେହିପରି ଯଦି କୌଣସି ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ନଥାଏ, ତେବେ ଏପରି କ୍ଷେତ୍ରରେ ଗଛରେ ଲାଗିଥିବା ଧଳା ରଙ୍ଗ ପଥଯାତ୍ରୀଙ୍କୁ ରାସ୍ତା ବତାଇବାରେ ସହାୟକ ହୋଇଥାଏ । ଗଛରେ ଧଳା ରଙ୍ଗ ମରାଯାଇଥିଲେ ତାହା ବନ ବିଭାଗର ବୋଲି ଦର୍ଶାଇଥାଏ । ତେଣୁ ତାହାକୁ କେହି କାଟିବାକୁ ସାହସ କରନ୍ତି ନାହିଁ ।

# ମଇଳା ପାଣିରେ ବଢ଼ିଥିବା ମାଛକୁ ଖାଇଲେ କ୍ୟାନ୍ସର ଓ ବ୍ରେନ୍ ଷ୍ଟ୍ରୋକ୍ ହେବାର ସମ୍ଭାବନା: ରିସର୍ଚ୍ଚ

ଖାସକରି ମାଛ ଖାଇବାକୁ ପସନ୍ଦ କରୁଥିବା ଶାକାହାରୀ ଲୋକଙ୍କ ପାଇଁ ଆସିଛି ଏକ ବଡ଼ ଖବର, ଯାହା ଆପଣଙ୍କୁ ବିଚଳିତ କରିପାରେ । ତେବେ Environmental Working Group (EWG) ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ମଧୁର ଜଳରେ ଧରାଯାଉଥିବା ମାଛ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହୋଇପାରେ । ଏହି ରିପୋର୍ଟରେ ପ୍ରକାଶ ପାଇଛି ଯେ, ମଧୁର ଜଳ ମାଛ ଖାସକରି ଲାର୍ଗେମାଉଥ୍ ବ୍ୟାସ୍, ଲେକ୍ ଟ୍ରାଉଟ୍ କିମ୍ବା କ୍ୟାଟଫିସରେ ଏକ ବିଶେଷ ପ୍ରକାରର ରାସାୟନିକ ପଦାର୍ଥ ମିଳୁଛି । ଯାହାକୁ perfluorooctane sulfonic acid (PFOS) କୁହାଯାଏ । ଏହି ରାସାୟନିକ ପଦାର୍ଥ ମଧୁର ଜଳ ମାଛରେ ୨୭୮ ଗୁଣ ମିଳୁଛି । ଏହି ରାସାୟନିକ ଏତେ ବିପଜ୍ଜନକ ଯେ, ଏହା କ୍ୟାନ୍ସର ଏବଂ ଅନ୍ୟାନ୍ୟ ଗୁରୁତର ରୋଗ ମଧ୍ୟ ସୃଷ୍ଟି କରିପାରେ । ଇଡବ୍ଲୁଜିର ରିପୋର୍ଟ ଅନୁଯାୟୀ, ଯଦି ଆମେରିକାର ମିଠା ନଦୀ ଏବଂ ପୋଖରୀରେ ମିଳୁଥିବା ମାଛ ଖିଆଯାଏ, ତେବେ ଗୋଟିଏ ମାଛ ଏକ ମାସର ମଇଳା ପାଣି ସହିତ ସମାନ ହୋଇପାରେ । ଏହି ଅପରିଷ୍କାର ଜଳ ପିଏଫଓଏସ ସହିତ ଦୂଷିତ ଜଳ ସହିତ



ସମାନ ହୋଇପାରେ । ଏହା ଏକ ଟ୍ରିଲିୟନରେ ହାରାହାରି ୪୮ ଗୁଣ ସହିତ ସମାନ । ଆମେରିକାର ପରିବେଶ ସୁରକ୍ଷା ଏଜେନ୍ସି (ଇପିଏ) ଦ୍ୱାରା ସଂଗୃହିତ ତଥ୍ୟରୁ ଜଣାପଡିଛି ଯେ, ପିଏଫଓଏସ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥର ହାରାହାରି ପରିମାଣ ପିଏଫଏଏସ ରୂପରେ ରହିଛି । ବ୍ୟବସାୟିକ ଆଧାରରେ ଧରାଯାଇଥିବା ମାଛ ଅପେକ୍ଷା ମଧୁର ଜଳ ମାଛରେ Perfluorinated alkylated ପଦାର୍ଥ ୨୮୦ ଗୁଣ ଅଧିକ ରାସାୟନିକ ଥିଲା । ନ୍ୟୁୟର୍କର ରେନ୍ସଲର ପଲିଟେକ୍ନିକ୍ ଇନଷ୍ଟିଚ୍ୟୁଟର ଜୈବ ବିଜ୍ଞାନର ସହଯୋଗୀ ପ୍ରଫେସର ଡକ୍ଟର କେଭିନ୍ ସି ରୋଜ ହେଲ୍ଥଲାଇନକୁ କହିଛନ୍ତି ଯେ ପାଇକ, ଟ୍ରାଉଟ୍ ଏବଂ ବାସ୍ ପରି ମଧୁର ଜଳ ମାଛରେ ଉଚ୍ଚ ଲୁଣିଆ ମାଛରେ ରାସାୟନିକ ପଦାର୍ଥ ଅଧିକ ରହିଛି ।ଲୁଣିଆ ମାଛରେ ବିଶେଷତଃ ଟୁନା ମାଛରେ ମଧ୍ୟ ଉଚ୍ଚ ସ୍ତରର ମର୍କରୀ ମିଳିଥାଏ ।

# ତ୍ୱଚା ପାଇଁ କେତେ ଉପକାରୀ ମସୁର ଡାଲି

ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚାହେଁ । ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଅନେକ ଉପାୟ ଆପଣାଇଥାନ୍ତି । ତ୍ୱଚାର ଚମକ ବଢ଼ାଇବା ପାଇଁ କିଏ କସମେଟିକର ସହାୟତା ନିଅନ୍ତି ତ ଆଉ କିଏ ଘରୋଇ ଉପଚାରର । ଏଭଳି ଏକ ଘରୋଇ ଉପଚାର ହେଉଛି ମସୁର ଡାଲି । ମସୁର ଡାଲିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଉଜ୍ଜଳତା ବଢ଼ିବା ସହ ସୁନ୍ଦରତା ଦ୍ୱିଗୁଣ ହୋଇଯିବ । ଏଥିସହ ତ୍ୱଚା ନରମ ମଧ୍ୟ କରିଥାଏ । ତେବେ ଆସନ୍ତୁ ଜାଣିବା ଏହାକୁ କିଭଳି ବ୍ୟବହାର କରିବେ..

ମସୁର ଡାଲିକୁ ବାଟି ଏଥିରେ ମହୁ ଏବଂ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ । ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ ଯାଏଁ ମୁହଁରେ ଲଗାନ୍ତୁ । ପରେ ଧୀରେ ଧୀରେ ମସାଜ କରନ୍ତୁ । ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ । ଆପଣ ଚାହିଁଲେ ଏଥିରେ କ୍ଷୀର ମିଶାଇ ମଧ୍ୟ ଲଗାଇ ପାରିବ । ସପ୍ତାହରେ ୨ ଥର ଏହି ଫେସ ପ୍ୟାକକୁ ଲଗାଇଲେ ରିଙ୍କଲ୍ସ ଦୂର ହେବା ସହ ମୁହଁର ଉଜ୍ଜଳତା ବଢ଼ିଥାଏ ।

ଏକ ଚାମଚ ମସୁର ଡାଲି ଗୁଣ୍ଡରେ ଦୁଇ ଚାମଚ କ୍ଷୀର ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ । ଯଦି ଆପଣଙ୍କ ବ୍ରଣ ସମସ୍ୟା ଥାଏ ତେବେ ଏଥିରେ ଏକ ଚୁଟକି ହଳଦୀ ମିଶାଇ ପାରିବ । ଏହି ମିଶ୍ରଣକୁ ମୁହଁରେ ୧୦ରୁ ୧୫ ମିନିଟ ଯାଏ ଲଗାଇ ରଖନ୍ତୁ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଯଦି ମୁହଁରେ କିଛି କଳା ଦାଗ ଥାଏ ତେବେ ଏହାକୁ ଦୂର କରିବା ପାଇଁ ମସୁର ଡାଲିକୁ ବାଟି ସେଥିରେ ଦେଶୀ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ । ଏଥିରେ ଆପଣ ଚାହିଁଲେ ମହୁ ମଧ୍ୟ ମିଶାଇ ପାରିବ । ଓ କ୍ଷୀରକୁ ମିଶାଇ ପେଷ୍ଟ ତିଆରି କରନ୍ତୁ । ଏହାକୁ ମୁହଁରେ ଓ ବେକରେ ଲଗାନ୍ତୁ । ପରେ ଏହାକୁ ଥଣ୍ଡା ପାଣିରେ ସଫା କରି ଦିଅନ୍ତୁ । ଦେଖିବେ ତ୍ୱଚା ପୁଣି ସତେଜ ହୋଇଯିବ ।

# ଆପଣ ଦିନକୁ କେତେ ଥର ଚା' ପିଉଛନ୍ତି ? ସମୟ ଥାଉ ଥାଉ ହୁଅନ୍ତୁ ସାବଧାନ !

ଚା' ହେଉଛି ଏମିତି ଏକ ଜିନିଷ ଯାହାର ସାହାଯ୍ୟରେ ଅନେକଙ୍କ ଘରେ ସକାଳ ଆରମ୍ଭ ହୁଏ । ଏମିତି କିଛି ଘର ଅଛି ଯେଉଁଠି ବିନା ଚା' ରେ ଜଳଖିଆ ହୋଇଥାଏ ନଥାଏ । ଆପଣ ଦେଖିଥିବେ କିଛି ଲୋକ ଚା' ପିଇବାରେ ଏତେ ଅଭ୍ୟସ୍ତ ହୋଇଯାଇଥାନ୍ତି ଯେ, ଦିନରେ ଅନେକ ଥର ଏହାକୁ ପିଇଥାନ୍ତି । ଅନେକ ଲୋକ ବେଡ୍ ଟି ବିନା ଶେଯରୁ ଉଠନ୍ତି ନାହିଁ । ମାତ୍ର ଜାଣରଖନ୍ତୁ ଯେ ବେଡ୍ ଟି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ । ଚା' ରେ ଅନେକ ପ୍ରକାରର ଏସିଡ୍ ଥାଏ । ଖାଲି ପେଟରେ ଚା' ପିଇ ଆପଣ ନିଜ ପେଟର ସିଧାସଳଖ କ୍ଷତି ପହଁଚାଉଛନ୍ତି । ଏହାଦ୍ୱାରା ଅଲସର ବା ଗ୍ୟାସ୍ ଭଳି ସମସ୍ୟା ବଢ଼ିବାର ସମ୍ଭାବନା ରହିଥାଏ । ଏବେ ଆସନ୍ତୁ ଜାଣିବା ବେଡ୍ ଟି ଦ୍ୱାରା କଣ ସବୁ ସ୍ୱାସ୍ଥ୍ୟଗତ ଅସୁବିଧା ଦେଖାଦିଏ ।

ଯଦି ଆପଣ ସେହି ଲୋକଙ୍କ



ମଧ୍ୟରୁ ଜଣେ , ତାହେଲେ ଖାଲି ପେଟରେ କ୍ଷୀର ଚା' ପିଅନ୍ତୁ ନାହିଁ । ଖାଲି ପେଟରେ ଅଧିକ କ୍ଷୀର ମିଶା ଚା' ପିଇବା ଦ୍ୱାରା କ୍ଲାନ୍ତ ଅନୁଭବ ହୁଏ । ଆଉ ଗୋଟେ କଥା ହେଲା ଚା'ରେ କ୍ଷୀର ମିଶାଇବା ଦ୍ୱାରା ଆଣ୍ଟିଅକ୍ସିଡେଂଟର ପ୍ରଭାବ କମିଯାଇଥାଏ ।

ଯଦି ଆପଣ ଏହା ବି ଭାବୁଛନ୍ତି ଯେ ଆପଣ ଚା' ଖାଇବା ପରେ ପିଉଛନ୍ତି , ତଥାପି ଆପଣ ସମସ୍ୟାରୁ ବାହାର ନୁହଁନ୍ତି । ଆମେ ସମସ୍ତେ ଜାଣନ୍ତି ଯେ ଚା' ରେ ଟେଟିନ୍ ଥାଏ । ଯାହା ଆହାରରେ ଥିବା ଆୟରନ୍ ସହ ପ୍ରଭାବ ପକାଇଥାଏ । ଏଥିପାଇଁ ଖାଇବା ପରେ ଚା' ପିଇବା ଦ୍ୱାରା ପୋଷକ ତତ୍ୱ ନଷ୍ଟ ହୋଇଥାଏ । ଯଦି ଆପଣ ଦିନରେ ୪ରୁ ୫ଥର ଚା' ପିଉଥାନ୍ତି , ତ ନିଜର ଏହି ଅଭ୍ୟାସକୁ ପରିତ୍ୟାଗ କରନ୍ତୁ । ବହୁତ ଅଧିକ ଗରମ ଚା' ପିଇବାର ଅଭ୍ୟାସ ମଧ୍ୟ ଭଲ ନୁହେଁ । ଏହାଦ୍ୱାରା ଖାଦ୍ୟ ନଳୀରେ କର୍କଟ ହେବାର ସମସ୍ୟା ବଢିଯାଇଥାଏ ।

# ଗାଢ଼ ରଙ୍ଗର ତ୍ୱଚା ପାଇଁ ସନସ୍କ୍ରିନ୍

ଖରାକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ତ୍ୱଚାର ସୁରକ୍ଷା ପାଇଁ ସନସ୍କ୍ରିନ୍ ଆବାଶ୍ୟକ କରିଥାନ୍ତି । ପ୍ରାୟ ସମୟରେ ଦେଖାଯାଏ ଗାଢ଼ ରଙ୍ଗର ତ୍ୱଚାରେ ସନସ୍କ୍ରିନ୍ ବ୍ୟବହାର ଦ୍ୱାରା ଏକପ୍ରକାର ଧଳା ଦାଗ ହୋଇଯାଉଛି ଯାହା ସାବୁନରେ ଧୋଇବା ପରେ ହିଁ ଛାଡ଼ିଥାଏ । ଏବେ ବିଶେଷକରି ଏହି ରଙ୍ଗର ତ୍ୱଚା ପାଇଁ ୟୁଭିଏ ଏବଂ ୟୁଭିବି ପ୍ରତିରୋଧକ ସାମଗ୍ରୀରେ 'ବ୍ଲାକ ଗାର୍ଲ ସନସ୍କିନ୍' ପ୍ରସ୍ତୁତ କରାଯାଇଛି ଯାହାକୁ ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ସ ଆଡମିନିଷ୍ଟ୍ରେସନ ଅନୁମୋଦନ ପ୍ରଦାନ କରିଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଲଗାମଛଡ଼ା ଖାଉଟି ବଜାର...

ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ଖାଉଟି ବଜାରରେ ଏବେ ଘଟିଚାଲିଛି। ଗତ ତିନି ସପ୍ତାହ ଧରି ଡାଲି, ଚାଉଳ, ତେଲ ଆଦି ରାସନ ସାମଗ୍ରୀ ଦର ଅହେତୁକ ଭାବେ ବଢ଼ି ଚାଲିଥିବା ବେଳେ ଆଳୁ, ପିଆଜ ସମେତ ପନିପରିବା ଦର ଖାଉଟିଙ୍କ ପକେଟ୍ ଉପରେ ପ୍ରହାର କରୁଛି। ବର୍ଷା ଦିନେ ସାଧାରଣତଃ ଜହ୍ନି, ସଜନା, କଲରା ପରି ଦେଶୀ ବା ବାଡ଼ି ପନିପରିବାର ଦର କମ୍ ରହେ। କିନ୍ତୁ ଚଳିତ ଥର ଅବିଶ୍ୱସନୀୟ ଭାବେ ଏହି ସବୁ ପରିବା ଦର ଏତେ ବଢ଼ିଛି ଯେ ଖୁଚୁରା ବଜାରରେ ବେପାରୀ ଆଉ କିଲୋ ପିଛା ଦାମ ନ କହି ଅଢ଼େଇଶହ ପିଛା ଦାମ କହୁଛନ୍ତି। ଖାଉଟି ବଜାରରେ ଆଳୁ କିଲୋ ପିଛା ୩୫ ଟଙ୍କା ଓ ପିଆଜ କିଲୋ ପିଛା ୪୫ ଟଙ୍କା ଥିବା ବେଳେ କେତେକ ସ୍ଥାନରେ ଦାମ ଆହୁରି ଅଧିକ ଦାମରେ ବିକ୍ରି ହେଉଥିବା ଖବର ମିଳୁଛି। ଗୃହିଣୀଙ୍କଠାରୁ ଆରମ୍ଭ କରି ହୋଟେଲ୍, ରାସ୍ତାକଡ଼ର ଉଠା ଦୋକାନୀ ପର୍ଯ୍ୟନ୍ତ ଆଳୁ, ପିଆଜ ଓ ପନିପରିବାରର ଏହି କ୍ରମବର୍ଦ୍ଧିଷ୍ଣୁ ଦରରେ ଅତିଷ୍ଠ ହୋଇପଡ଼ିଲେଣି। ଏକପକ୍ଷରେ ଖାଉଟିମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ବୃଦ୍ଧିରେ ଅତିଷ୍ଠ ହୋଇପଡ଼ିଥିବା ବେଳେ ଗତାନୁଗତିକ ଢଙ୍ଗରେ ସରକାରଙ୍କ ପକ୍ଷରୁ ଏହା ପଛରେ ଯୋଗାଣ-ଚାହିଦା ଅମେଳର କାରଣ ଦର୍ଶାଇ ନିଜ ଉପରୁ ଦୋଷ ଛଡ଼ାଇବାକୁ ପ୍ରୟାସ କରୁଛନ୍ତି। ଏହା ପ୍ରାୟ ସବୁ ସରକାର ଅମଳରେ ଏକ ଚିରାଚରିତ କଥା। କିନ୍ତୁ ବାସ୍ତବତା ହେଉଛି ଯେତେ ଯାହା କହିଲେ ବି ଶାସନ-ପ୍ରଶାସନ ଦରଦାମ ବୃଦ୍ଧି ନିୟନ୍ତ୍ରଣରେ ଯେ ବିଫଳ ଏହା ଅନସ୍ୱୀକାର୍ଯ୍ୟ। ବଜାର ଉପରେ ସତର୍କ ଦୃଷ୍ଟି ରଖିବାକୁ ସରକାରୀ କଳ ଯେଉଁମାନଙ୍କୁ ଦାୟିତ୍ୱ ଦେଇଛି, ସେମାନେ ଯଦି ସ୍ୱଚ୍ଛ, ନିଷ୍ଠାବାନ ଓ ସଚ୍ଚୋଟ ହୁଅନ୍ତେ ତେବେ ଏଭଳି ସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ। କିନ୍ତୁ ବାବୁ-ବ୍ୟବସାୟୀଙ୍କ ଅସାଧୁ ମେଣ୍ଟ ଯୋଗୁଁ ପ୍ରଶାସନ ଦେଖି ନ ଦେଖିବା ପରି ରହିଯାଏ ଏବଂ ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଖାଉଟିଙ୍କୁ ଲୁଟିଚାଲନ୍ତି। ଏହି ଅସାଧୁ ମେଣ୍ଟର କାରସାଦୀ ରାସନ୍ ସାମଗ୍ରୀଠାରୁ ଆରମ୍ଭ କରି ଔଷଧ ବଜାର ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହାଛଡ଼ା ନିର୍ବାଚନ ପରେ ପରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ଭାରତରେ ଏକ ଗତାନୁଗତିକ ପ୍ରକ୍ରିୟା ହୋଇଆସିଛି। ତେଣୁ ଏଥର ମଧ ନିର୍ବାଚନ ସରିବା ପରେ ବଜାର ଦର ଆହୁରି ମହଙ୍ଗା ହେବ ବୋଲି ଲୋକମୁଖରେ ଯାହା ଶୁଣାଯାଉଥିଲା ତାହା ଗୁଜବ କିମ୍ବା କପୋଳକଳ୍ପିତ ନୁହେଁ ବୋଲି ପ୍ରମାଣିତ ହୋଇଯାଇଛି। ପନିପରିବା, ଫଳମୂଳ ଓ ରାସନ୍ ସାମଗ୍ରୀର ଦର ବୃଦ୍ଧିରେ କେବଳ ଖାଉଟିମାନେ ଅତିଷ୍ଠ ହୁଅନ୍ତି ନାହିଁ, ଏହାର ପ୍ରଭାବ ସାମଗ୍ରିକ ଭାବେ ଅର୍ଥନୀତି ଉପରେ ମଧ ପଡ଼େ। ମୁଦ୍ରାସ୍ଫୀତି ପରିସଂଖ୍ୟାନରେ ଖାଦ୍ୟ ସାମଗ୍ରୀ ମୂଲ୍ୟସୂଚୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିବାରୁ ଡାଲି, ଚାଉଳ, ପନିପରିବା ଆଦିର ଦର ବୃଦ୍ଧି ଘଟିଲେ ଖାଉଟି ମୁଦ୍ରାସ୍ଫୀତି ଅଙ୍କ ବଢ଼େ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଆରବିଆଇ ସୁଧ ହାର ବୃଦ୍ଧି କରେ, ଯାହାର ପ୍ରଭାବ ପୁଞ୍ଜି ନିବେଶ, ନିଯୁକ୍ତି ବଜାର, ଉତ୍ପାଦନ ଓ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରେ। ଏ ସବୁ ଜାଣି ମଧ ସରକାରଙ୍କ ପକ୍ଷରୁ ଖାଉଟି ସାମଗ୍ରୀର ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଯେଭଳି ପଦକ୍ଷେପ ନେବା କଥା ତାହା ଦେଖାଯାଉନାହିଁ। ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଭାରତ ବ୍ରାଣ୍ଡ ନାମରେ ଡାଲି, ଚାଉଳ ଓ ପିଆଜ ଆଦି ସୁଲଭ ମୂଲ୍ୟରେ ବିକ୍ରି କରି ଖାଉଟିଙ୍କୁ ଦରବୃଦ୍ଧିରୁ ଆଶ୍ୱସ୍ତି ଦେବା ପାଇଁ ଯେଉଁ ପ୍ରୟୋଗ କରିଥିଲେ ତାହା ଅସଫଳ ପ୍ରମାଣିତ ହେଲା। ସେହିପରି ଦେଶର ପିଆଜ ବଜାରକୁ ନିୟନ୍ତ୍ରିତ କରୁଥିବା ରାଜ୍ୟମାନଙ୍କରେ ପ୍ରବଳ ବର୍ଷା ଯୋଗୁଁ ଯୋଗାଣ ଓ ପରିବହନ ବାଧାପ୍ରାପ୍ତ ହୋଇଛି। ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଖରିଫ୍ ଅମଳ ବଜାରକୁ ଆସିବାର ସମ୍ଭାବନା ନାହିଁ। ତେଣୁ ରବି ଋତୁରେ ଅମଳ ହୋଇ ଶୀତଳଭଣ୍ଡାରରେ ଥିବା ପିଆଜ ଏବେ ବଜାରକୁ ଆସୁଛି। ଚାହିଦା ତୁଳନାରେ ଯୋଗାଣ ହ୍ରାସ ପାଇଥିବାରୁ ପିଆଜ ଦର ଆକାଶଛୁଆଁ ହୋଇଛି। କିନ୍ତୁ ବାସ୍ତବତା ହେଲା ଏ ପର୍ଯ୍ୟନ୍ତ ମୌସୁମୀର ପ୍ରକୋପ ପିଆଜ ଉତ୍ପାଦନ କରୁଥିବା ରାଜ୍ୟମାନଙ୍କରେ ଦେଖିବାକୁ ମିଳିନାହିଁ। ସେହିପରି ପଶ୍ଚିମବଙ୍ଗରେ ଏହି ସମୟ ଆଳୁ ଅମଳ ହୋଇ ଶୀତଳଭଣ୍ଡାରକୁ ଯାଇସାରିଥାଏ। ତେଣୁ ଦର ବୃଦ୍ଧି ପଛରେ ଯେ ଉତ୍ପାଦନ ଓ ଯୋଗାଣ ହ୍ରାସ ପରି କାରକ ରହିଛି ତାହା ଆଦୌ ଗ୍ରହଣୀୟ ହୋଇପାରୁନାହିଁ। ସମ୍ଭବତଃ ବେଆଇନ ମହଜୁଦକାରୀ ଓ କଳାବଜାରୀ ଗୋଷ୍ଠୀ ପ୍ରଶାସନିକ ଦୁର୍ବଳତା ଓ ସଂରକ୍ଷଣ ପାଇ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି। ଯଦି କେତେକ ବଜାର ବିଶେଷଜ୍ଞଙ୍କ ମତକୁ ଗ୍ରହଣ କରାଯାଏ ତେବେ ଦର ବୃଦ୍ଧି ପଛରେ ଆଉ ଏକ କାରଣ ନିହିତ। ତାହା ହେଉଛି ସଦ୍ୟ ସମାପ୍ତ ନିର୍ବାଚନରେ ବୃହତ୍ ପାଇକାରୀ ବ୍ୟବସାୟୀ, ମହଜୁଦକାରୀ ଓ ଉତ୍ପାଦନକାରୀ ଯେଉଁ ବିପୁଳ ନିର୍ବାଚନୀ ଚାନ୍ଦା ଦେବାକୁ ବାଧ ହୋଇଥିଲେ ତାହା ଏବେ ସେମାନେ ଖାଉଟି ବଜାରରୁ ଅସୁଲ କରୁଛନ୍ତି। ଚାଉଳ, ଗହମ, ଡାଲି, ତେଲ ଆଦି ରାସନ୍ ସାମଗ୍ରୀ କ୍ଷେତ୍ରରେ ମଧ ସମାନ ଘଟଣା ଘଟିଛି। ଦରବୃଦ୍ଧିର ଆଉ ଏକ କାରଣ ହେଲା ସେପଟେ ଟଙ୍କାଟିଏ ବଢ଼ିଲେ ଏପଟେ ମହଜୁଦ୍‌କାରୀଙ୍କ ଅସାଧୁ ମେଣ୍ଟ ଦଶଟଙ୍କା ବୃଦ୍ଧି କରି ଦିଅନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀଙ୍କ ପାଖରେ ଯେ ସୂଚନା ନଥିବ ତାହା ଭାବିବା ଭୁଲ୍। ସେମାନଙ୍କର ଉଦାସୀନତା ଓ ବେଳେ ବେଳେ ଅସାଧୁ ବ୍ୟବସାୟୀଙ୍କ ସହିତ ମଧୁଚନ୍ଦ୍ରିକା ବଜାର ଦରକୁ ଏପରି ଆକାଶ ଛୁଆଁ କରୁଛି। ଗଣମାଧ୍ୟମରେ ଏ ସମ୍ପର୍କରେ ନିୟମିତ ଖବର ପ୍ରକାଶ ପାଇଲେ ଧର୍ମକୁ ଆଖିଠାର ଭଳି କାଁ ଭାଁ ନିଷ୍ଫଳ ଚଢ଼ଉ ହୁଏ ଏବଂ ସରକାରଙ୍କ ପକ୍ଷରୁ ଦୃଢ଼କାର୍ଯ୍ୟାନୁଷ୍ଠାନର ଶୃଙ୍ଖଳା ଘୋଷଣା କରାଯାଏ। ଏହାପରେ ପରିସ୍ଥିତି ଯଥାପୂର୍ବଂ ତଥା ପରଂ ହୋଇଯାଏ। ଆମ ରାଜ୍ୟରେ ପ୍ରତ୍ୟେକ ବ୍ଲକ ସ୍ତରରେ ଯଦି ଶୀତଳ ଭଣ୍ଡାର ସୁବିଧା ମିଳେ ତେବେ ଆଳୁ, ପିଆଜ ଓ ପନିପରିବାର ଶୀତଳ ଭଣ୍ଡାରଣ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇବ ଏବଂ ଅହେତୁକୀ ଦରଦାମ ବୃଦ୍ଧିର ନିୟନ୍ତ୍ରଣରେ ସହାୟକ ହେବ।

# ପରା ବିଦ୍ୟା ଓ ଅପରା ବିଦ୍ୟା



## ଶ୍ରୀବତ୍ସ ନାୟକ

ଶିକ୍ଷାର୍ଥୀମାନଙ୍କର ମାନସିକ, ଭୌତିକ, ଆଧାତ୍ମିକ, ସାଂସ୍କୃତିକ ଓ ସାମାଜିକ ବିକାଶ କରିବା ଏବଂ ତତ୍ ସଙ୍ଗେସଙ୍ଗେ ଆର୍ଥିକ ପ୍ରଗତି ଓ ସାମାଜିକ ଉନ୍ନତି ମାଧମରେ ଏକ ସୁସ୍ଥ ସମୃଦ୍ଧ ରାଷ୍ଟ୍ର ନିର୍ମାଣ ନିମନ୍ତେ ଦେବଭୂମି ଭାରତବର୍ଷରେ ପ୍ରାଚୀନ କାଳରୁ ଏକ ସୁଦୃଢ଼, ସୁଚିନ୍ତିତ, ସୁସଂଗଠିତ ଓ ସୁସଂଯତ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ହୋଇଆସୁଛି । ଏହି ଶିକ୍ଷା ବ୍ୟବସ୍ଥା ଦୁଇଟି ତତ୍ତ୍ୱ ଉପରେ ଆଧାରିତ ଥିଲା ଯଥା ପରା ବିଦ୍ୟା (ପରା ପ୍ରକୃତିରୁ ଜାତ) ଓ ଅପରା ବିଦ୍ୟା (ଅପରା ପ୍ରକୃତିରୁ ଜାତ)। ପରା ବିଦ୍ୟା ଚେତନତତ୍ତ୍ୱ(ଆଧାତ୍ମିକ ବିଦ୍ୟା, ବୁଦ୍ଧି, ମନ, ଚିତ୍ତ, ଆତ୍ମତତ୍ତ୍ୱ ଇତ୍ୟାଦି) ଉପରେ ଏବଂ ଅପରା ବିଦ୍ୟା(ଚିକିତ୍ସାଶାସ୍ତ୍ର, ଯୁଦ୍ଧଶାସ୍ତ୍ର, ବିଜ୍ଞାନ,ବାଣିଜ୍ୟ,ଗଣିତ ବିଦ୍ୟା, ଭୂତତ୍ତ୍ୱ ବିଦ୍ୟା,ପ୍ରାଣୀ ବିଦ୍ୟା, ଉଦ୍ଭିଦ ବିଦ୍ୟା, ବ୍ୟବହାରିକ ବିଦ୍ୟା, ଅର୍ଥଶାସ୍ତ୍ର, କୃଷି ଓ ଗୋପାଳନ ଇତ୍ୟାଦି) ଭୌତିକ ବିଦ୍ୟା ବା ଜଡତତ୍ତ୍ୱ ଉପରେ ପର୍ଯ୍ୟବେସିତ । ଜଡବସ୍ତୁ ଭାବେ ରକ୍ତ, ମାଂସ, ହାଡ଼, ବାୟୁ, ପାଣି ସ୍ନାୟୁ, ମାଂସପେଶୀକୁ ନେଇ ମଣିଷ ଶରୀର ତିଆରି ହୋଇଥିବାବେଳେ, ତା ମଧ୍ୟରେ ଏକ କ୍ଷୁଦ୍ରାଦିକ୍ଷୁଦ୍ର ଇଶ୍ୱରୀୟ ସତ୍ତା ଭାବେ ଚେତନାର ଇନ୍ଦ୍ରିୟ ଲୁକ୍କାୟିତ ଭାବେ ଅଛି। ଏହି ଜଡଶରୀର ଓ ଚେତନାର ସତ୍ତାର ସମିଶ୍ରଣରେ ଏକ ମନୁଷ୍ୟ ଜୀବନ ସମ୍ଭବପର ହୋଇଥାଏ। ଜଡ ଶରୀର ପାଇଁ ଯେଉଁଭଳି ଜଡ ତତ୍ତ୍ୱର ଗୁରୁତ୍ୱ ରହିଛି ଅନୁରୂପ ଭାବେ ଚେତନାର ସତ୍ତା ନିମନ୍ତେ ଚେତନ ତତ୍ତ୍ୱର ଆବଶ୍ୟକ ମଧ ରହିଛି । ତେଣୁ ଏକ ସୁସ୍ଥ ଓ ପୂର୍ଣ୍ଣାଙ୍ଗ ବ୍ୟକ୍ତି ନିମନ୍ତେ ଉଭୟ ବିଦ୍ୟା ଅପରିହାର୍ଯ୍ୟ । ପୁରାଣ ଶାସ୍ତ୍ର ଅନୁସାରେ ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ରଙ୍କୁ ମହର୍ଷି ବଶିଷ୍ଠ ପରା ବିଦ୍ୟା ଶିକ୍ଷା ଦେଇଥିବାବେଳେ ମହର୍ଷି ବିଶ୍ୱାମିତ୍ର ଅପରା ବିଦ୍ୟା ସମ୍ପର୍କରେ ଅବଗତ କରାଇଥିଲେ ଫଳରେ ଶ୍ରେଷ୍ଠ ପୁରୁଷର ଆଖ୍ୟା ବହନ କରିଥିଲେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର । ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ମାନବଜାତି ଅପରା ବିଦ୍ୟା ଅଧ୍ୟୟନ କରି ଉଗ୍ର ଆଧୁନିକତାର ଚରମ ସୀମାରେ ପହଞ୍ଚିସାରିଛି, ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ସମ୍ଭବପର କରିଛି, ବିଜ୍ଞାନର ଗ୍ରାହକ ବନିଯାଇ ଦିନକୁ ଦିନ ନୂତନତ୍ତ୍ୱର ସନ୍ଧାନରେ ମତୁଆଲା ହେଉଛି, ମହାକାଶ ଉପରେ ଗବେଷଣା କରୁଛି, କୃଷି କ୍ଷେତ୍ରରେ ଜୈବିକ ସାର ଓ ବିହନର ପ୍ରୟୋଗକରି କମ୍ ସମୟରେ ଅଧିକ ଉତ୍ପାଦନକ୍ଷମ ହୋଇପାରିଛି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ମାତ୍ରାଧିକ ପ୍ରୟୋଗ କରି ଶିଳ୍ପ, ସ୍ୱାସ୍ଥ୍ୟ ଓ ଗମନାଗମନ ଆଦି କ୍ଷେତ୍ରରେ ସଫଳତାର ଶିଖର ଛୁଇଁଥିଲେ ମଧ ପରା ବିଦ୍ୟାର ଅଭାବ ଯୋଗୁଁ ଆମକୁ ଏକ ପୂର୍ଣ୍ଣାଙ୍ଗ ବିକଶିତ ମାନବ ରୂପେ ପରିଗଣିତ କରିବା ଶ୍ରେୟସ୍କର ନୁହେଁ । ପରା ବିଦ୍ୟାକୁ ଉପେକ୍ଷା କରି କେବଳ ଅପରା ବିଦ୍ୟା ଅଧ୍ୟୟନ କରିବା ଦ୍ୱାରା ଆମ ସମାଜରେ ଶିକ୍ଷିତଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଉଥିଲେ ମଧ ଜ୍ଞାନୀଙ୍କ ସଂଖ୍ୟା ନଗଣ୍ୟ ହେଉଯାଉଛି । ଫଳରେ ବିକାଶ ଆଳରେ ଆମେ କେତେ ବିନାଶ କରୁଛେ ତାର ଆତ୍ମସମୀକ୍ଷା କରୁନାହିଁ ।

ଗୀତା ଶାସ୍ତ୍ର ଅନୁସାରେ 'ଆଧାତ୍ମ ବିଦ୍ୟା ବିଦ୍ୟାନାମ୍ ଅର୍ଥାତ୍ ଆଧାତ୍ମ ବିଦ୍ୟା କେବଳ ବିଦ୍ୟା ଏବଂ ଆଉ ସବୁ ଅବିଦ୍ୟା। ଏହି ଆଧାତ୍ମ ବିଦ୍ୟା ହିଁ ହେଉଛି ପରା ବିଦ୍ୟା। ଉପନିଷଦଗୁଡ଼ିକ ଏହାକୁ ଆତ୍ମବିଦ୍ୟା ଓ ବ୍ରହ୍ମ ବିଦ୍ୟା ବୋଲି ଆଖ୍ୟା ଦେଇଥିବାବେଳେ ମାର୍କସ୍ ମୁଲର ଏହାକୁ ଗୁପ୍ତ ଶିକ୍ଷା ବା ଶ୍ରେଷ୍ଠ ବିଦ୍ୟା ଭାବେ ଅଭିହିତ କରିଛନ୍ତି । ଅତୀତରେ ପାରମ୍ପରିକ ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ଓ ଯୌଥ ପରିବାରରୁ ଏହି ପରାବିଦ୍ୟାକୁ ଅଧ୍ୟୟନ କରିବା ବିଦ୍ୟାର୍ଥୀମାନଙ୍କର ନିତ୍ୟନିୟତ କର୍ମ ଥିଲା। ଏହାକୁ ଅଧ୍ୟୟନ କରିବା ଦ୍ୱାରା ଇନ୍ଦ୍ରିୟର ସଂଯମତା ଆସୁଥିଲା, ମନରୁ ଅକର୍ମ, କୁକର୍ମ, ଅଧର୍ମ, ଅବଗୁଣ, କାମ, କ୍ରୋଧ, ଈର୍ଷା, ଲୋଭ, ଅହଙ୍କାର, ବୃଥ ଆସ୍ଫାଳନ, ଦ୍ୱେଷ, ମୋହ ଆଦି ବିକାର ଭାବ ଦୂରୀଭୂତ ହୋଇ ମାନବିକ ଭାବନା, ସହନଶୀଳତା, ନିଃସ୍ୱାର୍ଥପରତା, ବିବେକୀ ଓ ସଂଯମୀ ଭାବ ପରିପ୍ରକାଶ ହେବା ଦ୍ୱାରା ବ୍ରହ୍ମଜ୍ଞାନ ପ୍ରାପ୍ତ ହେଉଥିଲା ଫଳରେ ଏକ ବ୍ୟକ୍ତି ସର୍ବ କୁ-ବନ୍ଧନରୁ ମୁକ୍ତ ହୋଇ ମୋକ୍ଷ ପ୍ରାପ୍ତି ହେଉଥିଲା। ଜୀବସତ୍ତା ବ୍ୟତୀତ ଯେଉଁ ସ୍ୱତନ୍ତ୍ର ଇନ୍ଦ୍ରିୟ ଭାବେ ମନୁଷ୍ୟକୁ ଚେତନାର ଇନ୍ଦ୍ରିୟ ପ୍ରଦାନ କ ରି ବିଶ୍ୱନିୟନ୍ତା ତାଙ୍କ ସୃଷ୍ଟିର ସର୍ବ ଶ୍ରେଷ୍ଠ ପ୍ରାଣୀ ଭାବେ ମନୁଷ୍ୟକୁ ବିବେଚନା କରିଛନ୍ତି । ପରା ବିଦ୍ୟାକୁ ଅଧ୍ୟୟନ କରି ଏହି ଚେତନାର ଇନ୍ଦ୍ରିୟ ମାଧମରେ ମନୁଷ୍ୟ ଜୀବସତ୍ତା ସମ୍ପର୍କରେ ଧାରଣା ସୃଷ୍ଟିକରେ, ଭୁଲ୍ ଠିକ୍ ର ବିଚାର କରେ, ଇଶ୍ୱରୀୟ ଶକ୍ତିକୁ ଅନୁଭବ କରେ, ଜୀବଜଗତର ସୁରକ୍ଷା କରେ, ସୃଷ୍ଟିର ରହସ୍ୟ ଉନ୍ମୋଚନ କରେ, ଆତ୍ମ ସମୀକ୍ଷା କରେ କିନ୍ତୁ ପରା ବିଦ୍ୟାର ଅଭାବ ଯୋଗୁଁ ମନୁଷ୍ୟ ଠାରେ ଏହାର ବିପରୀତ କାର୍ଯ୍ୟ ପ୍ରତିଫଳିତ ହୋଇଥାଏ । ପରା ବିଦ୍ୟା ଭଳି ଅପରା ମଧ ବିଦ୍ୟାର ଏକ ତତ୍ତ୍ୱ । ଏହାକୁ ଅଧ୍ୟୟନ କରିବା ଦ୍ୱାରା ମଣିଷ ଜଡବସ୍ତୁ ଉପରେ ଆଧିପତ୍ୟ ବିସ୍ତାର କରିଥାଏ । ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ଏହା ପ୍ରଦାନ କରାଯାଇଥାଏ । ଏହାକୁ ଆହରଣ କରି ମଣିଷ ତାର ଜୀବନ କାଳ ମଧ୍ୟରେ ଅନେକ ଅର୍ଥ, ସମ୍ମାନ, କ୍ଷମତା ପ୍ରାପ୍ତି ହୋଇଥାଏ ସତ କିନ୍ତୁ ତଥାପି ମଣିଷ ଆଜି ସୁଖ, ଶାନ୍ତିରେ ଜୀବନଯାପନ କରିପାରୁନାହିଁ । ଅହଙ୍କାର, ପରଶ୍ରୀକାତରତାର ବଶବର୍ତ୍ତୀ ହୋଇପଡିଛି ମଣିଷ । କ୍ଷମତାର ମୋହରେ ବନ୍ଧା ପଡ଼ିଛି। ଅର୍ଥ ପିପାସୁ ହୋଇ ମଣିଷ ଅନେକ ଜିନିଷ ପଦାନତ କରିଛି । ସ୍ୱାର୍ଥ ହାସଲ କରିବା ନିମନ୍ତେ ନୀତି ନୈତିକତାକୁ ଦୂରେଇ ଦେଇଛି। ସବୁ ପାଇ ମଧ ଅଭାବ ଅନାଟନରେ କାଳାତିପାତ କରୁଛି । ଆକାଶରେ ଉଡୁଥିଲେ ମଧ ମନରେ ପଡ଼ିଯିବାର ଭୟ ରହିଛି । ଶିକ୍ଷିତ ହୋଇମଧ ଜ୍ଞାନର ଅଭାବ ଦେଖା ଦେଇଛି । ଖାଦ୍ୟ ଖାଇ ମଧ ଭୋକିଲା ରହୁଛି । ସବୁ ପାଇ ମଧ ଅଭାବ । ସମସ୍ତେ ଥାଇ ମଧ ଏକଲା ଭାବେ ବଞ୍ଚିଛି । ସବୁ ଥାଇ ବି ଆମେ ଆଜି ଅଶାନ୍ତିର ବାତାବରଣ ଭିତର ଗତି କରୁଛି । ପାଠ ପଢ଼ିଛି କିନ୍ତୁ ନୀତି ନୈତିକତାର ଘୋର ଅଭାବ ଯୋଗୁଁ ହୀନ ମାନସିକତାର ପରିଚୟ ଦେଉଛି । ବାସ୍ତବତାକୁ ଅନୁଭବ ନକରି କଳ୍ପନାତୀତ ହୋଇପଡିଛି । ବିଶ୍ୱର ଅନେକ ବଳଶାଳୀ ଓ ବିତ୍ତଶାଳୀ ଦେଶ ମଧ ଏଥିରୁ ବାଦ୍ ପଡିନାହାନ୍ତି । ନ୍ୟୁକ୍ଲିଅର୍ ବମ୍, ଉନ୍ନତ ଯାନ୍ତ୍ରିକ ଯୁଦ୍ଧ ବିମାନ, ଲକ୍ଷାଧିକ ପଦାତିକ ବାହିନୀ ସତ୍ତ୍ୱେ ମଧ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଏକଦା ଏକ ସମୟ ଥିଲା କିଛି ନଥାଇ ମଧ ମଣିଷ ଖୁସି ଥିଲା କିନ୍ତୁ ଆଜି ସର୍ବସ୍ୱ ହାସଲ କଲା ପରେ ମଧ ସବୁ ଥାଇ ବି ମଣିଷ ମନରେ ଅନେକ ଦୁଃଖ । ଏଥିରୁ ଜଣାଯାଏ ଯେ କେବଳ ଅପରା ବିଦ୍ୟା ଅଧ୍ୟୟନ କଲେ ହେବ ନାହିଁ ବରଂ ସମୟ ଆସିଛି ଆମକୁ ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ ।

ଭାଗବତରେ ବର୍ଣ୍ଣିତ ଅଛି,ଅବିଦ୍ୟା ବଳେ ଜୀବ ବନ୍ଦୀ, ଜ୍ଞାନ ଉଦୟେ ସର୍ବସିଦ୍ଧି । ଅର୍ଥାତ୍ ଅପରା ବିଦ୍ୟା ଦ୍ୱାରା ମନୁଷ୍ୟ ବନ୍ଧନ ଯୁକ୍ତ ହୋଇଥାଏ କିନ୍ତୁ ପରା ବିଦ୍ୟା ମାଧମରେ ଜ୍ଞାନ ଉଦୟ ହେଲେ ସର୍ବସିଦ୍ଧି ହୋଇଥାଏ । ତେଣୁ ଯଥାର୍ଥରେ କୁହାଯାଇଛି ଯେ ବିଦ୍ୟା ତ ତାହା ଯାହା ମଣିଷକୁ ମୁକ୍ତି ପ୍ରଦାନ କରିଥାଏ। ବିଦ୍ୟାକୁ ନେଇ ଭାରତର ଶିକ୍ଷା ପରମ୍ପରା ସମଗ୍ର ବିଶ୍ୱକୁ ଏକ ଅମୂଲ୍ୟ ସନ୍ଦେଶ ଦେଇଛି ଯାହା ହେଲା 'ସର୍ବେ ଭବନ୍ତୁ ସୁଖିନଃ' । ଅର୍ଥାତ ଭାରତ ହେଉଛି ଏକମାତ୍ର ଦେଶ ଯିଏ କି ସମଗ୍ର ବିଶ୍ୱର ମଙ୍ଗଳ କାମନା କରୁଛି ତେଣୁ ଆମେ ସେହି ଦେଶର ନାଗରିକ ହୋଇ ଯଦି ପାଶ୍ଚାତ୍ୟ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆପଣାଇ ନେବା ତେବେ ଆମେ ଶିକ୍ଷିତ ହୋଇପାରିବା କିନ୍ତୁ ଆମକୁ ଯେ ଜ୍ଞାନୀ ଭାବେ ବିବେଚନା କରାଯିବ ତାହା ଯଥାର୍ଥ ନୁହେଁ । ଅନ୍ୟପକ୍ଷରେ ଦେଖିଲେ ଭାରତର ଗରିମାମୟ ଶିକ୍ଷା ବ୍ୟବସ୍ଥାରେ ଯେଉଁ ପରା ଓ ଅପରା ବିଦ୍ୟାର ତତ୍ତ୍ୱ ଅଛି ତାହାକୁ ନିଶ୍ଚିତ ଭାବେ ଅଧ୍ୟୟନ କଲେ ଏକ ସୁସ୍ଥ ରାଷ୍ଟ୍ର ନିର୍ମାଣ ହୋଇପାରିବ ଏଥିରେ ସନ୍ଦେହ ନାହିଁ ।

+ଅଧ୍ୟାପକ, ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,
କଟକ
ମୋ: ୯୪୩୮୦୭୦୮୪୯

# ରଥରେ ବାମନ ନୀଳ ନବଘନ



## ଡ.ସସ୍ମିତା ମିଶ୍ର

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟାରେ ପୂଣ୍ୟକ୍ଷେତ୍ର କ୍ଷେତ୍ରରାଜ ନିଳାଚଳ ଧାମ ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁଙ୍କ ଆଗମନରେ ଚଳଚଞ୍ଚଳ । ଶ୍ରୀକ୍ଷେତ୍ରର ଗଗନ ପବନ ଅତିଥି ଦେବୋ ଭବଃ ଇତି ମନ୍ତ୍ରୋଚ୍ଚାରଣରେ ଶତତ ମୁଖରିତ । ରଙ୍ଗ ବେରଙ୍ଗର ଆଲୋକ ମାଳାରେ ସଜେଇ ହୋଇଛି ଶ୍ରୀକ୍ଷେତ୍ର ନବବଧୂ ବେଶ ଧାରଣ କରି । ଶ୍ରୀମନ୍ଦିରର ବଡଦାଣ୍ଡରେ ଉତ୍ତରାଭିମୁଖୀ ହୋଇ ଲୋହିତ ସବୁଜ ଆବରଣ ଯୁକ୍ତ, ଲୋହିତ କୃଷ୍ଣବର୍ଣ୍ଣର ଆବରଣ ଯୁକ୍ତ ଓ ପୀତ ଲୋହିତ ବର୍ଣ୍ଣରେ ଆବରଣ ଯୁକ୍ତ ତାଳଧ୍ୱଜ ପଦ୍ମଧ୍ୱଜ ଓ କପିଧ୍ୱଜ ନାମଧେୟ ସୁସଜ୍ଜିତ ଦିବ୍ୟ ଭବ୍ୟ ରଥ ତ୍ରୟ। ବଡ଼ଦାଣ୍ଡ ଠାରୁ ଶରଧାବାଲି ପର୍ଯ୍ୟନ୍ତ ପଥ ଭକ୍ତମାନଙ୍କୁ କୋଳରେ ଧରି ଆକୁଳିତ। ରଥ ପଥ ଭକ୍ତ ସମସ୍ତଙ୍କର ଅଭିଳାଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସାନ୍ନିଧ ଲାଭ।

ପରମ କାରୁଣିକ ନୀଳାଦ୍ରି କନ୍ଦ ଆନନ୍ଦ ସଚ୍ଚିଦାନନ୍ଦ ନୀଳଗିରିର ଗର୍ଭ ଗହ୍ୱର ମଧରୁ ତପନ'ଙ୍କ ତେଜ'ର ନିଦାଘକୁ ଦୂରେଇ ଦେଇ ସେବକମାନଙ୍କ ଗହଣରେ କଳାମେଘ ଭାସି ଆସିବେ। ରଥ ପଥ ଭକ୍ତଙ୍କୁ କୃପା କଟାକ୍ଷ ଦୃଷ୍ଟିରେ କରୁଣାର ବାରି ସିଞ୍ଚନ କରି କୃତାର୍ଥ କରିଦେବେ।

ଅନନ୍ତ କୋଟି ବ୍ରହ୍ମାଣ୍ଡର ମହାନାୟକ କରୁଣାର ସିନ୍ଧୁ ଭକ୍ତମାନଙ୍କର ଭାବର ଡୋରିରେ ବାନ୍ଧି ହୋଇ ସ୍ୱସ୍ଥାନରୁ ଓହ୍ଲାଇ ଆସନ୍ତି ବଡଦାଣ୍ଡକୁ। ପତିତ ମାନଙ୍କୁ ପାବନ କରିବା ଉଦ୍ଦେଶ୍ୟରେ ବର୍ଷାକୁ ଥରେ ପତିତପାବନ ଯାତ୍ରା କରନ୍ତି। ବଡଦାଣ୍ଡରୁ ଶରଧାବାଲି ଶ୍ରୀଗୁଣ୍ଡିଚା ମନ୍ଦିରର ଜନ୍ମବେଦୀକୁ। ସମଗ୍ର ମାନବ ଜାତି ପାଇଁ ବଡ଼ଦାଣ୍ଡର ମୁକ୍ତ ଆକାଶ ତଳେ ଭକ୍ତ ଭଗବାନଙ୍କ ଅପୂର୍ବ ମିଳନର ମହୋତ୍ସବ ଅତ୍ୟନ୍ତ ହୃଦୟସ୍ପର୍ଶୀ ଏବଂ ଚିତ୍ତାକର୍ଷକ ଅନୁଭବ। ବ୍ରହ୍ମାଣ୍ଡର ରହସ୍ୟମୟ ଠାକୁର ଶ୍ରୀଜଗନ୍ନାଥ, ଯାହାଙ୍କ ବିଷୟରେ ଦେବତାମାନଙ୍କୁ ଅଗୋଚର, ସେହି ନୀଳାଦ୍ରି ସିଂହଙ୍କର ଦ୍ୱାଦଶ ଯାତ୍ରା ମଧରୁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନନ୍ୟ। ସୃଷ୍ଟିର ମହାନାୟକ ଶ୍ରୀପୁରୁଷୋତ୍ତମ ନୀଳଶୈଳ ପର୍ବତର ଗର୍ଭଗୃହର ରତ୍ନ ସିଂହାସନ ଉପରେ ଦାରୁବ୍ରହ୍ମ ଦାରବୀୟ ଚତୁର୍ଦ୍ଧା ବିଗ୍ରହ ମାନୁଷୀୟ ଲୀଳାଖେଳା ପ୍ରକଟ କରୁଛନ୍ତି। ଶ୍ରୀ ଜଗନ୍ନାଥ ସଂସ୍କୃତି ଭାବଧାରା'ର ମୂଳାଧାର ବସୁଧୈବ କୁଟୁମ୍ବକମ୍। ସର୍ବଧର୍ମ ସମନ୍ୱୟ ସର୍ବଜନ କଲ୍ୟାଣ ସାମ୍ୟ ମୈତ୍ରୀ ସମଦୃଷ୍ଟି ସହିଷ୍ଣୁତା ଶ୍ରୀଜଗନ୍ନାଥ ତତ୍ତ୍ୱର ବୈଶିଷ୍ଟ୍ୟ ଭାବରେ ପରିଲକ୍ଷିତ ହୋଇଥାଏ। ମର୍ତ୍ତ୍ୟ ବୈକୁଣ୍ଠରୁ ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିରର ଗୋପ ବୃନ୍ଦାବନକୁ ନବଦିନ ଯାତ୍ରା ବା ମହାବେଦୀ ମହୋତ୍ସବ ଯାତ୍ରା କୁହାଯାଏ। ବୈଦିକ ସଂସ୍କୃତି ପରମ୍ପରା ରୀତି ନୀତି ଅନୁଯାୟୀ ସ୍କନ୍ଧ ପୁରାଣ ଠାରୁ ଆରମ୍ଭ କରି ବିଭିନ୍ନ ପୌରାଣିକ ଗ୍ରନ୍ଥମାନଙ୍କରେ ରଥ ଶବ୍ଦର ପ୍ରୟୋଗ ପରିଲକ୍ଷିତ ହୋଇଥାଏ।

ଭୂବନ ମୋହନ ସକଳ ଶକ୍ତିର ଆଧାର ପୁରୁଷ ନିରାକାର ପରଂବ୍ରହ୍ମରୂପୀ ଶ୍ରୀଜଗନ୍ନାଥ ସୁସ୍ଥ ହେବା ପରେ ଭକ୍ତମାନଙ୍କୁ ନବଯୌବନ'ରେ ଦର୍ଶନ ଦେଇ ରଥଯାତ ପାଇଁ ପ୍ରସ୍ତୁତ ହୁଅନ୍ତି।

ଆଷାଢ଼ ମାସର ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିର ପୂର୍ବ ଦିନ ଅର୍ଥାତ୍ ପ୍ରତିପଦ ତିଥିରେ ରଥଖଳାରେ ପ୍ରସ୍ତୁତ ସୁସଜ୍ଜିତ ଦିବ୍ୟ ରଥ ତ୍ରୟ ଶ୍ରୀବିଗ୍ରହମାନଙ୍କ ଆଜ୍ଞାମାଳ ପାଇ ସିଂହଦ୍ୱାରକୁ ଆସନ୍ତି। ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତିର ପରମ୍ପରା ଅନୁଯାୟୀ ରଥଖଳାରୁ ପ୍ରଥମେ ଶ୍ରୀ ଜଗନ୍ନାଥଙ୍କ ଲୋହିତ ପୀତ ବର୍ଣ୍ଣରେ ଆବରଣ ଯୁକ୍ତ ଷୋହଳ ଚକ ବିଶିଷ୍ଟ ନନ୍ଦିଘୋଷ ରଥ, ତା'ପରେ କୃଷ୍ଣଲୋହିତ ବର୍ଣ୍ଣରେ ଆବରଣ ଯୁକ୍ତ ବାର ଚକ ବିଶିଷ୍ଟ ଦର୍ପଦଳନ ରଥ ଓ ଶେଷରେ ସବୁଜ ଲୋହିତ ବର୍ଣ୍ଣରେ ଆବରଣ ଯୁକ୍ତ ଚଉଦ ଚକବିଶିଷ୍ଟ ତାଳଧ୍ୱଜ ରଥକୁ ଟଣା ହୋଇ ବଡ଼ଦାଣ୍ଡରେ ଉଭା କରାଯାଏ। ଉକ୍ତ ଦିନ ମହାପ୍ରଭୂଙ୍କର ନେତ୍ରୋତ୍ସବ ନୀତି ବଢି ସାରିବା ପରେ ବିଳମ୍ବିତ ରାତ୍ରୀରେ କିଛି ଗୁପ୍ତ ନୀତି ଅନୁଷ୍ଠିତ ହୁଏ। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିର ପ୍ରାତଃ କାଳରୁ ମଙ୍ଗଳ ଆଳତୀ, ମଇଲମ, ତଡପଲାଗି ଅବକାଶ ରୋଷହୋମ ଓ ଅନ୍ୟାନ୍ୟ ଦୈନନ୍ଦିନ ନୀତି କାନ୍ତି ବଢିବା ପରେ ଦେଉଳ ପୁରୋହିତ ଓ ମୁକ୍ତି ମଣ୍ଡପର ବ୍ରାହ୍ମଣମାନଙ୍କ ଦ୍ୱାରା ରଥ ପ୍ରତିଷ୍ଠା ନୀତି ଅନୁଷ୍ଠିତ ହୋଇଥାଏ। ତତ୍ପଶ୍ଚାତ ସକାଳ ଧୂପରେ ଗୋପାଳବଲ୍ଲଭ ଓ ଖେଚୁଡ଼ି ମହାପ୍ରସାଦ ଭୋଗ ଲାଗି ହୁଅନ୍ତି। ପହଣ୍ଡି ବିଜୟ ପାଇଁ ବିଜୟ କାହାଳୀ ବାଜି ଉଠିବା ସହିତ ମହାପ୍ରଭୁଙ୍କର ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇଥାଏ। ପୂଜାପଣ୍ଡା, ମୁଦିରଥ ଏବଂ ପତି ମହାପାତ୍ର ଯଥାକ୍ରମେ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ମଙ୍ଗଳାର୍ପଣ ନୀତି ବଢାଇଥାନ୍ତି। ଛାମୁ ଖୁଣ୍ଟିଆଙ୍କ ମଣିମା ମଣିମା ଡ଼ାକ ବେଳେ ଆଲଟ ଚାମର ଛତ୍ରୀ ତ୍ରାସ ସେବାରେ ବିଭିନ୍ନ ମଠର ମହନ୍ତ ଓ ମଠାଧୀଶ ଆନନ୍ଦ ଅନୁଭବ କରୁଥାନ୍ତି। ଦଇତାପତି ଓ ପତିମହାପାତ୍ର ସେବକ ପହଣ୍ଡି ଆରମ୍ଭ କରିବାକୁ ପ୍ରସ୍ତୁତ ହୁଅନ୍ତି। ଘଣ୍ଟ ଘଣ୍ଟା ହୁଳହୁଳି ହରିବୋଲ ଶବ୍ଦରେ ଶ୍ରୀକ୍ଷେତ୍ରର ମାଟିରୁ ଆକାଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଯାଇ ଆଧାତ୍ମିକ ପରିବେଶ ସୃଷ୍ଟି ହୁଏ।

ପହଣ୍ଡି: ପାହୁଣ୍ଡରୁ ପହଣ୍ଡି। ନନ୍ଦିଘୋଷ ଯାତ୍ରା କରିବା ପାଇଁ ଚତୁର୍ଦ୍ଧା ବିଗ୍ରହ ମାନଙ୍କର ଧାଡ଼ି ପହଣ୍ଡି ବିଜେ ନୀତି ଅନୁଷ୍ଠିତ ହୋଇଥାଏ।ପହଣ୍ଡି ସମୟରେ ରାଘବ ଦାଶ ମଠ ପ୍ରଦତ୍ତ ସୁବାସ ସୁଗନ୍ଧଯୁକ୍ତ ପୁଷ୍ପ ଦୃବ ଜରି ଦ୍ୱାରା କାରୁକାର୍ଯ୍ୟ ପରିପୂର୍ଣ୍ଣ ଦୁଇଟି ଟାହିଆ ଗୋଟିଏ କିରିଟି ଓ ଗୋଟିଏ ଟୋପର ଆସିଥାଏ। ଚତୁର୍ଦ୍ଧା ବିଗ୍ରହ ସାତ ପାହାଚରେ ପହଞ୍ଚିବା ପରେ ଟାହିଆଲାଗି ନୀତି ଓ ସପ୍ତର୍ଷି ବନ୍ଦାପନା ହୋଇ ଯାତ ଆରମ୍ଭ କରନ୍ତି । ସର୍ବପ୍ରଥମେ ମହାପ୍ରଭୁଙ୍କ ଆୟୁଧ ଚକ୍ରରାଜ ସୁଦର୍ଶନ, ତା'ପରେ ବଳଭଦ୍ର ଓ ପରେ କାମ୍ପିଲ୍ୟବାସିନୀ ଯୋଗମାୟା ସୁଭଦ୍ରା ଶେଷରେ ଅନନ୍ତ କୋଟି ମହାନାୟକ ଯଥାକ୍ରମେ ଟୋପର ଟାହିଆ କିରିଟି ଓ ଟାହିଆ ଧାରଣ କରି ପହଣ୍ଡି ବିଜେ କରିଥାଆନ୍ତି।ଦଇତ ସେବକମାନଙ୍କ ଦ୍ୱାରା ଶୂନ୍ୟ ପହଣ୍ଡିରେ ସୁଦର୍ଶନ ଓ ମାଆ ସୁଭଦ୍ରା ବିଜେ କରିଥିବା ବେଳେ ରାମ ବଳରାମ ଭ୍ରାତା ଦ୍ୱୟୋ ମସ୍ତକରେ ଟାହିଆ ଧାରଣ କରି ଝୁଲି ଝୁଲି ପହଣ୍ଡି ବିଜେ କରିଥାଆନ୍ତି। ଆନନ୍ଦ ବଜାର ଦେଇ ବାଇଶି ପାହାଚ ଅତିକ୍ରମ କରି ସିଂହଦ୍ୱାରକୁ ଆସନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଗରୁଡ଼ ସ୍ତମ୍ଭ ନିକଟରେ ପହଞ୍ଚିବା ପରେ ଦକ୍ଷିଣମୁଖ ହୋଇ ଭକ୍ତ ବିଭୀଷଣଙ୍କୁ ଅର୍ଚ୍ଚନା କରି ରଥକୁ ବିଜେ କରନ୍ତି। ବିଗ୍ରହମାନେ ରଥତ୍ରୟରେ ଆସୀନ ହେବା ପରେ ପାଟ ଡୋରିରେ ରୁନ୍ଧା କାର୍ଯ୍ୟ ସମାପନ ହୁଏ। ମହାଜନ ସେବକ ଓ ସିଂହାରୀ ସେବକମାନଙ୍କ ଦ୍ୱାରା ମଦନମୋହନ ଓ ରାମ କୃଷ୍ଣ ଚଳନ୍ତି ପ୍ରତିମା ନନ୍ଦିଘୋଷ ଓ ତାଳଧ୍ୱଜ ରଥରେ ବିରାଜମାନ କରିଥାନ୍ତି।ପୂର୍ବରୁ ବଣିଆ ସେବକମାନଙ୍କ ଦ୍ୱାରା ଶୋଳ ଚିତା ସିଂହଦ୍ୱାରରେ ଥିବା ଛାଉଣୀ ମଠରେ ରଖାଯାଇଥାଏ । ରଥାରୂଢ଼ ବିଗ୍ରହମାନଙ୍କୁ ଚିତା ଲାଗି ସହିତ ତୁଳସୀ ଦୟଣା ସୁଗନ୍ଧଯୁକ୍ତ ପୁଷ୍ପ ହାର ଓ ବସ୍ତ୍ର ଆଭୂଷଣରେ ମଣ୍ଡିତ କରାଯିବା ସହିତ ଚକାନୟନ'ରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି।

ପୁରୁଷୋତ୍ତମ କ୍ଷେତ୍ରର ଗୋବର୍ଦ୍ଧନ ପୀଠାଧୀଶ ଜଗତଗୁରୁ ଶଙ୍କରାଚାର୍ଯ୍ୟ ରଥ ଉପରେ ମହାପ୍ରଭୂ ମାନଙ୍କର ଦର୍ଶନ କରିବା ପରେ ଆରମ୍ଭ ହୁଏ ପାରମ୍ପରିକ ନୀତି ଛେରାପହଁରା।

ଛେରାପହଁରା:ଛେରା ଅର୍ଥାତ୍ ବହଳିଆ ଘୋରା ଚନ୍ଦନ ପହଁରା ଅର୍ଥାତ୍ ଝାଡୁ। ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଭକ୍ତି ସମର୍ପଣ ଭାବନାର ସହିତ ଗଜଦନ୍ତ ଖୋଦିତ ରୂପାର ପାଲିଙ୍କି ତାମଯାନରେ ଥାଟ ପଟୁଆର ସହିତ ଛେରାପହଁରା ପାଇଁ ବିଜେ କରନ୍ତି। ଗଜପତି ମହାରାଜା ରଥ ନିକଟରେ ପହଞ୍ଚି ପ୍ରଥମେ ତାଳଧ୍ୱଜ ତା'ପରେ ଦର୍ପଦଳନ ଶେଷରେ ନନ୍ଦିଘୋଷ ରଥରେ ବିଜେ କରି ଚନ୍ଦନ'ର ରୂପା ପିଙ୍ଗଣ'ରେ ଥିବା ଘୋରାଚନ୍ଦନ ସୁବାସିତ ପୁଷ୍ପ ମିଶ୍ରିତ ଜଳକୁ ରଥ ଚତୁଃପାର୍ଶ୍ୱରେ ସିଞ୍ଚନ କରି ସୁନା ବେଣ୍ଟ ଆଦୃତ ମାର୍ଜନୀରେ ମାର୍ଜନା କରନ୍ତି ଏବଂ ଶେଷରେ ଜଗତର ମଙ୍ଗଳ କାମନା ପୂର୍ବକ ଶ୍ରୀଚରଣରେ ପ୍ରାର୍ଥନା କରି ଶ୍ରୀନଅରକୁ ପ୍ରତ୍ୟାବର୍ତ୍ତନ କରନ୍ତି।ଗଜପତି ମହାରାଜା ରଥରୁ ଓହ୍ଲେଇବା ପରେ ପରେ ରଥତ୍ରୟରେ ସାରଥୀଙ୍କୁ ଉପରକୁ ଚଢାଯାଏ ଏବଂ ରଥରୁ ଚାରମାଳ ଫିଟା ଯାଏ। ତାଳଧ୍ୱଜ ରଥରେ କୃଷ୍ଣ ବର୍ଣ୍ଣର ତୀବ୍ର, ଘୋର ଦୀର୍ଘଶ୍ରମ ଓ ସ୍ୱର୍ଣନାଭ ନାମଧେୟ ଅଶ୍ୱ, ନନ୍ଦିଘୋଷ ରଥରେ ଶ୍ୱେତ ବର୍ଣ୍ଣର ଶଙ୍ଖ, ବଳାହକ ଶ୍ୱେତ ଓ ହରିଦ୍ୱାର ନାମଧେୟ ଅଶ୍ୱ ଓ ଦର୍ପଦଳନ ରଥରେ ଗୈରିକ ବର୍ଣ୍ଣର ରୋଚିକା ମୋଚିକା ଜିତା ଓ ଅପରାଜିତା ନାମଧେୟ ଅଶ୍ୱ ଖଞ୍ଜା ଯିବା ପରେ ରଥ ପ୍ରସ୍ତୁତ ହୋଇଯାଏ ଚଳିବା ପାଇଁ । ବିଜେ ବୈଜୟନ୍ତୀ ବାଜି ଉଠେ ଭକ୍ତଙ୍କ ଜୟ ଜଗନ୍ନାଥ ହରିବୋଲ ହୁଳହୁଳି ଶବ୍ଦ ମଧରେ ବେତ ହଲାଇ ଡାହୁକ ଡାକ ଦିଏ ଓ ଭଗତେ ଓ। ଘଣ୍ଟୁଆଙ୍କର ଘଣ୍ଟ ମାଡରେ ଘୋର ଘର୍ଘର ନାଦକରି ଅଚଳ ରଥ ସଚଳ ହୋଇ ଭକ୍ତ ସମୁଦ୍ରରେ ଭାସିଭାସି ଚାଲେ। ପ୍ରଥମେ ବଳଭଦ୍ର ତା'ପରେ ସୁଭଦ୍ରା ଶେଷରେ ଅନନ୍ତ କୋଟି ବ୍ରହ୍ମାଣ୍ଡର ମହାନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥ। ଉତ୍ତରାଭିମୁଖୀ ଯାତ୍ରାରେ ରଥ ତ୍ରୟ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିବା ସମୟରେ ରଥରେ ବିରାଜମାନ ତାଳଧ୍ୱଜ ରଥରେ ଶଙ୍କର୍ଷଣ ରୁପୀ ଶ୍ରୀ ବଳଭଦ୍ର, ଦର୍ପଦଳନ ରଥରେ ଭଦ୍ର ପ୍ରଦାୟିନୀ ଯୋଗମାୟା ସୁଭଦ୍ରା ଓ ନନ୍ଦିଘୋଷ ରଥରେ ବାମନ ରୁପୀ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ଦ୍ୱାରା ଭକ୍ତ ପୁନର୍ବାର ଜନ୍ମ ନ ନେଇ ବୈକୁଣ୍ଠକୁ ପ୍ରାପ୍ତି ହୋଇଥାନ୍ତି ବୋଲି ପୁରାଣ ଶାସ୍ତ୍ରରେ ବର୍ଣ୍ଣନ ରହିଛି।

ସେଥିପାଇଁ କୁହାଯାଇଛି ଅଛି
ଦୋଳେ ଚ ଦୋଳ ଗୋବିନ୍ଦଂ
ଚାପେ ତୁ ମଧୁସୂଦନଂ
ରଥେ ତୁ ବାମନଂ ଦୃଷ୍ଟ୍ୱା
ପୁନର୍ଜନ୍ମ ନ ବିଦ୍ୟତେ।

+ପ୍ରତିଷ୍ଠାତା ଓ ସମ୍ପାଦିକା
ଧ୍ରୁବ ଜ୍ୟୋତିଷ ଗବେଷଣା
ପ୍ରତିଷ୍ଠାନ, ପୁରୀ




## ସ୍ୱାର୍ଥଭୋଗୀ ଅସୁରୁଣୀ

### ଦୀପକ କୁମାର ନାଏକ



ନାରୀ ରୂପୀ ସେହି ପ୍ରେମିକା ପାଖରେ
ଯାଇଛି ମୁଁ ଆଜି ହାରି
ବାପାମାଆ ଙ୍କ ର କଥା ନ ମାନି ମୁଁ
ନିଜକୁ ଦେଇଛି ସାରି !!
ବହୁରୂପୀ ସେହି ସରୋଜିନୀ ନାମୀ
କେତେ କେତେ ତାର ରୂପ
କେବେ ସିଏ ଖନା କେବେ ସିଏ
ବେଡା
କେବେ ପୁଣି ଯେ ଦୀପକ !!
ଧନ୍ୟ ଧନ୍ୟ ତୋର ପ୍ରେମିକା ପଣିଆ
କେତେଟାକୁ ପାଉ ଭଲ
ପବିତ୍ର ପ୍ରେମକୁ କଳଙ୍କିତ କରୁ
ସ୍ୱାର୍ଥେ ରହି ମସଗୁଲ !!
କଳଙ୍କ ସାଜିଲୁ ନାରୀ ନାମରେ ତୁ
କଳଙ୍କିତ କଲୁ ପ୍ରେମ
ଧିକ ଯାଉ ତୋର ପ୍ରେମିକା ପଣିଆ
ଧିକ ତୋର କଳା କର୍ମ !!
ନାରୀ ନାମରେ ଯେ ତୁହି କଳଙ୍କିନୀ
ନିଜକୁ ଭାବୁ ତୁ ବଡ଼
ନିରୀହ ସେ ଦୀପକକୁ ମାରିବାକୁ
କଲୁ ମରିବାର ଷଡ଼ !!
ବିରହ ବେଦନା ଚାପ ଦେଲୁ ତାକୁ
କଲୁ ମିଛ ପ୍ରତାରଣା
ସ୍ୱାର୍ଥ ଲାଗି ଖନା ଦୁଇ ଭାଇ ସାଥେ
ଗଢ଼ିଲୁ ପ୍ରେମ ରଚନା !!
ଛଳନା ନିଆଁରେ ଜିଅନ୍ତା ଜାଳିଲୁ
କଲୁ ଛଟପଟ ପୁଣି
ତୁ କାହୁଁ ବୁଝିବୁ ପ୍ରେମିକ ଦରଦ
ସ୍ୱାର୍ଥଭୋଗୀ ଅସୁରୁଣୀ !!
ସାଜିଲୁ ତୁ ଗୋଟେ କଳଙ୍କୀ ପ୍ରେମିକା
ନାରୀ ନାମେ ନିନ୍ଦନୀୟ
ଧନ୍ୟ ସେଇ ଖନା ପରିବାରକୁ ଲୋ
ଧନ୍ୟ ତାଙ୍କ ପରିଚୟ !!

ଯୁବ ସାମ୍ବାଦିକ
ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢ଼େଙ୍କାନାଳ,
ମୋ: ୮୬୩୭୨୬୧୮୨୮

## ହେ ମହାପ୍ରଭୁ ଆସିବା ହେଉ

### ଶ୍ରୀ ପରେଶ ରାୟ ମହାପାତ୍ର



ହେ ମହାବାହୁ ଆସିବା ହେଉ ।
ସଜାଇ ହୋଇଛି ବଡ଼ଦାଣ୍ଡ,
ଅପେକ୍ଷାରେ ତିନିରଥ,
ବୁକୁଚିରା ନାଦ,
ଭକତର ପାଦ
ମୁଣ୍ଡାଇବ ଏଇ ରଥପଥ ।
ହେ ମହାବାହୁ ଆସିବା ହେଉ ।

ସେବକ ଆଖିରେ ନିଦ ନାହିଁ
ଭକତର ମନ ବୁଝୁନାହିଁ ।
ସାଧୁ ବଡ଼ଦାଣ୍ଡ ଛାଡୁନାହିଁ,
ଗାଁଠୁ ସହର ଜୟ ଜଗନ୍ନାଥ
ବୋଲି ବୋଲି
ଏଇ ଭକତର ତୁଣ୍ଡ ଥକୁନାହିଁ ।
ହେ ମହାବାହୁ ଆସିବା ହେଉ ।

ଦିଅଁ ପହଣ୍ଡିର ବେଳ ଇଏ
କାହିଁ ? ଘଣ୍ଟ ମରଦ୍ଦଳ ଶୁଭୁନାହିଁ ।
ରାଘବ ଜୀ ମଠ ଶରଧାର- ଟାହିଆ
କହ୍ନେଇ ଜଟାରେ ଦିଶୁନାହିଁ
ହେ ମହାବାହୁ ଆସିବା ହେଉ ।

ଦଇତାର ବୋଲି,
ଗୁଣ୍ଡୁଣୀର ଚାଲି,
ଅଣ୍ଟାରେ ସୁତୁଲି,
ପଛକରୁ ପେଲା ପଡୁନାହିଁ ।
ଚକାଆଖି ମେଲି
କାଳିଆ ସାଆନ୍ତ
ଜନ ସମୁଦ୍ରକୁ ଚାହୁଁ ନାହିଁ
ହେ ମହାବାହୁ ଆସିବା ହେଉ ।

ରାଜମୁକୁନ୍ଦପୁର, ଭଦ୍ରକ

## କାଳିଆର ରଥଯାତ

### ଜୟକୃଷ୍ଣ ସାହୁ

ନୀଳାଚଳେ ତୁମେ କରିଅଛ ଘର
ମୋ ଘରଟି ମଫସଲରେ
ଛାମୁ ଦୟାକଲେ ତୁମ ରଥଯାତ
ଦେଖିବି ମୁଁ ଯାଇ ଭଲରେ।

ଭକତ ଭିଡ଼ରେ ପଶି ପାରିବିନି
କେମିତି ତୁମକୁ ଦେଖିବି
ମୋର କୁନି କୁନି କଅଁଳିଆ ପାଦ
କୋଉଠି କେମିତି ରଖିବି।

ଏତେ ବଡ଼ ବଡ଼ ଠାକୁରଙ୍କର କି
ନଜର ମୋଆଡ଼େ ରହିବ
ମୋର କଥା ଟିକେ ବଡ଼ଭାଇ ଆଉ
ଭଉଣୀଙ୍କ ଆଗେ କହିବ।

ମୋ ଆଖି ତୁମକୁ ଦେଖୁ କି ନ ଦେଖୁ
ତୁମ ଆଖି ଦେଖୁ ବୁଲିକି
କଉଶଳ କରି ଦେଖିବି ତୁମକୁ
ଭକତ କାନ୍ଧରେ ଝୁଲିକି।


ଗଜପତି ଆସି ନିଉଛାଳି ହୋଇ
କରୁଥିବେ ଛେରାପହଁରା
କାଳିଆ ଠାକୁରଙ୍କର ନିତିକାନ୍ତି
ନୀଳାଚଳେ ଲାଗେ ନିଆରା।

ଘଣ୍ଟ ଘଣ୍ଟା ଗିନି ମୃଦଙ୍ଗ ତାଳରେ
ନାଚୁଥିବେ ଭକ୍ତ ଖୁସିରେ
ସବୁ ଦେଖି ତୁମେ ଖୁସି ହେଉଥିବ
ନନ୍ଦିଘୋଷ ପରେ ବସିରେ।

ତୁମେ ଚାଲିଯିବ ଜନମ ବେଦୀକୁ
ମୁଁ ଫେରି ଆସିବ ଘରକୁ
ମୋ ଭାଗ୍ୟରେ ଥିଲେ ପୁଣି
ଦେଖାହେବ
ରଥ ଯାତ୍ରା ଆର ଥରକୁ।

କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

ଧାରାବାହିକ ଉପନ୍ୟାସ



# ଦୂରନ୍ତ ଶିଖା

ଭାଗ-୨୫



ଡ.ସିନ୍ଧୁ ସେନ୍

ମା ପାଇଁ କେବଳ ଏତିକି ଆଶ୍ୱାସନା ଥିଲା ମାମୁଁ ଫେରି ଆସଇଛନ୍ତି । ସେ ଲଙ୍କେଶଙ୍କ ଠାରୁ କି ସମ୍ବାଦ ନେଇ ଫେରିଛନ୍ତି ସେ ସବୁ ନଶୁଣି ମଧ ମୋ ମନରେ ଉଙ୍କି ମାରୁଥିଲା ଅନେକ ସ୍ୱପ୍ନ । ପୁନଶ୍ଚ ନିଜ ବାହୁବଳରେ ବହୁକିଛି କ୍ଷମତାର ଅଧିକାରୀ ହୋଇପାରିବି ବୋଲି ଆଶା ମଧ ରଖିଥିଲି ।

ପଛରୁ ସେନାପତି ମହୋଦୟ ମୋତେ ଡାକୁଥିଲେ କ'ଣ ଏତେ ଭାବୁଛନ୍ତି ରାଜକୁମାର । ଚାଲନ୍ତୁ ନା ମାମୁଁ ଫେରି ଆସିଛନ୍ତି ତାଙ୍କୁ ଆମେ ସ୍ୱାଗତ କରିବାନି । ତାଙ୍କ ମୁହଁରୁ ଶୁଣିବାନି ଲଙ୍କାରାଜ୍ୟର କାହାଣୀ। ଧନପତି କୁବେର ତାଙ୍କ ହାତରେ କ'ଣ ସନ୍ଦେଶ ପଠାଇଛନ୍ତି ତାହା ଶୁଣିବାକୁ ଆମ ମନ ଉଚ୍ଛନ୍ନ ହେଲାଣି । ଶୀଘ୍ର ଆସନ୍ତୁ କୁମାର ।

ହଁ ଚାଲ ସେନାପତି । ସମୁଦ୍ର ତଟକୁ ଯିବା ସେପଟେ ମାତାମହ ମଧ ଦୂତଠାରୁ ସମ୍ବାଦ ପାଇ କୂଳକୁ ଆସୁଥିବେ । ସମସ୍ତେ ମିଶି ମାମୁଁଙ୍କୁ ସ୍ୱାଗତ କରିବା ।

ପ୍ରକୃତରେ ଦୂତ ଠିକ୍ କଥା କହିଥିଲା । ନୀଳ ସମୁଦ୍ରର ବୁକୁଚିରି ସାତୋଟି ପୋତ କୂଳକୁ ଆସୁଥିଲା । ପ୍ରଥମ ପୋତରେ ମାମୁଁ ହିଁ ବସିଥିଲେ ।

ମାତାମହ କୂଳକୁ ଯାଇ ମାମୁଙ୍କ ହାତଧରି ଓହ୍ଲାଇ ଆଣିଲେ । ଆନନ୍ଦରେ କୋଳାଗ୍ରତ କରି ଶିରରେ ଚୁମ୍ବନ ଦେଉଥିଲେ ମାତାମହ। ପିତା, ପୁତ୍ରଙ୍କ ଏହି ଅପୂର୍ବ ମିଳନ ଦେଖି ଆନନ୍ଦରେ ମୁଁ ଆତ୍ମହରା ହୋଇ ପଡୁଥିଲି । ଧନ୍ୟ କହୁଥିଲି ମାମୁଁଙ୍କୁ । ଏମିତି ଏକ ଯୋଗ୍ୟ ପିତାର ସନ୍ତାନ ସେ । ସତରେ ମାତାମହଙ୍କ କେତେ ଆଶା, ଭରସା । ପ୍ରତିଟି ବାପା ଭଳି ମାତାମହଙ୍କର ମଧ ତାଙ୍କ ପୁତ୍ର ପ୍ରତି କେତେ ସ୍ନେହ, ଦରଦ କେତେ ମମତା ପୁତ୍ର ପାଇଁ ତ ଯୁଗେ ଯୁଗେ ପିତାଙ୍କ ହୃଦୟରେ ଦୁର୍ବଳତା । ମାମୁଁ ତାଙ୍କର ଉପଯୁକ୍ତ ଉତ୍ତରାଧିକାରୀ ହୋଇପାରିନାହାନ୍ତି । ମାତ୍ର ଆଜିର କାର୍ଯ୍ୟ ପାଇଁ ମାମୁଁ ଯେ ପ୍ରଶଂସାର ପାତ୍ର ଏହା ମୁଁ ବେଶ୍ ଉପଲବ୍ଧି କରି ପାରୁଥିଲି ।

ଆଗପଛ ହୋଇ ଆମ ରଥ ସବୁ ଚାଲୁଥିଲା। ପ୍ରଥମ ରଥରେ ମାତାମହ, ମାମୁ ମୁଁ ଆଉ ସାନ ବିଭୀଷଣ ବସିଥିଲୁ । ରାସ୍ତାସାରା ମାମୁଁ କହି ଚାଲିଥାନ୍ତି ଧନପତି କୁବେରଙ୍କ କାହାଣୀ । ଶୁଣିଥିଲି କୁବେର ଭାଇ କେବଳ ପ୍ରଜାବତ୍ସଳ ରାଜା ନୁହଁନ୍ତି ଧନପତି ବୋଲି ତାଙ୍କର ଏକ ସ୍ୱତନ୍ତ୍ର ସୁନାମ ରହିଛି। ତାଙ୍କର ଉଦାରତା, ମହାନତା ପାଖରେ ମୋ ମୁଣ୍ଡ ନଇଁ ଯାଉଥିଲା । ଭାବୁଥିଲି ସେ କ'ଣ ତେବେ ସ୍ୱଇଚ୍ଛାରେ ଲଙ୍କାର ସିଂହାସନ ଆମକୁ ଛାଡ଼ିଦେଲେ । ନହେଲେ ମାମୁଁଙ୍କ ମନରେ ଏତେ ଉତ୍‌ଫୁଲ୍ଲତା କ'ଣ ପାଇଁ ? କିଛି ନିଶ୍ଚୟ ତାଙ୍କୁ ମିଳିଛି ନହେଲେ ତାଙ୍କ ମନରେ ଏତେ ଖୁସିର ଲହରୀ କାହିଁକି ? ପ୍ରତ୍ୟେକଙ୍କ ମୁଖମଣ୍ଡଳରୁ ପଢ଼ା ଯାଇପାରେ ଅନ୍ତର୍ମନର ପରିଭାଷା । ମାମୁଁଙ୍କୁ ଯଦି କିଛି ନ ମିଳିଥାନ୍ତା ତେବେ ତାଙ୍କ ମୁହଁ ତ ଝାଉଁଳି ପଡ଼ିଥାନ୍ତା । ମାତ୍ର ସେମିତି କିଛି ଲକ୍ଷଣ ତ ତାଙ୍କଠାରେ ଦେଖାଯାଉନି। ମାମୁଁ କ'ଣ କହିବେ ସେ ସବୁ ଶୁଣିବାର ଧୈର୍ଯ୍ୟ ନରଖି ମନେମନେ ମୁଁ ଅନେକ କିଛି ଭାବି ଯାଉଥିଲି । ଏତିକି ମଧ ବିଶ୍ୱାସ ଥିଲା ମାମୁଁ ଯାହା କହିବେ, ସେସବୁ ତାଙ୍କ ସଫଳତାର କାହାଣୀ ହିଁ କହିବେ ।

ଅବଶେଷରେ ମୋ ଭାବନାର ଅନ୍ତ ହେଲା। ଆମେ ସବୁ ରଥରୁ ଓହ୍ଲାଇ ଆମ କୁଳଦେବୀଙ୍କୁ ଦର୍ଶନ କରିବାକୁ ଗଲୁ । ତାଙ୍କୁ ପ୍ରଣାମ କରି ଆଶୀର୍ବାଦ ନେଲୁ । ମାମୁ ଆମ ସହ ଘରକୁ ଫେରିଲେ । ଲଙ୍କା ରହଣୀର ଅନୁଭୂତିର କାହାଣୀ ବିସ୍ତାରିତ ଭାବରେ ବର୍ଣ୍ଣନା କରୁଥିଲେ । ମୁଁ ଲକ୍ଷ୍ୟ କରୁଥିଲି ସେସବୁ କହିବାବେଳେ ତାଙ୍କ ମୁହଁରେ ଏକ ବିଜୟର ସଂକେତ ବେଶ୍ ବାରି ହୋଇ ପଡୁଥିଲା । ମାମୁଁ କହୁଥିଲେ, ତାଙ୍କର ପୋତସବୁ ଲଙ୍କାରେ ପହଞ୍ଚିବା ପରେ ସେଠିକାର ତଟରକ୍ଷୀମାନେ ସେମାନଙ୍କୁ ଘେରିଯାଆନ୍ତି ଆଉ ସନ୍ଦେହରେ ନାନାପ୍ରକାର ପ୍ରଶ୍ନ କରନ୍ତି । ପରିଶେଷରେ ଯେବେ ସବୁ କଥା ଜାଣି ପାରନ୍ତି।

ମାମୁଁ ଯେ ଲଙ୍କାଧିପତି କୁବେରଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ପାଇ ଆସିଛନ୍ତି ଏହା ଜାଣିପାରି ତାଙ୍କୁ ଧନପତିଙ୍କ ଦରବାରକୁ ନେଇଯାଆନ୍ତି । ଏବଂ ସେଠାରେ ତାଙ୍କୁ ଯଥାରୀତି ସମ୍ବର୍ଦ୍ଧନା ଜ୍ଞାପନ କରି ସବୁ ଆଲୋଚନା କରନ୍ତି । ଧନପତି ଖୁବ୍ ଶାନ୍ତିପ୍ରିୟ ଯେଉଁଥିପାଇଁ ମାମୁଁଙ୍କ କଥାରେ ସେ ସାମାନ୍ୟତମ ଆଘାତ ନ ପାଇ ବରଂ ନିଜ ପିତାଙ୍କ ସହ ପରାମର୍ଶ କରି ତାଙ୍କ ନିଷ୍ପତ୍ତି ଜଣାଇଦେବେ ବୋଲି କହନ୍ତି। ଧନପତି ପ୍ରଥମେ ତାଙ୍କ ମନ୍ତ୍ରୀ ପରିଷଦ ସହ ମଧ ପରାମର୍ଶ କରନ୍ତି। ମନ୍ତ୍ରୀମାନେ ବିନା ପ୍ରତିରୋଧ ରାଜ୍ୟ ଛାଡ଼ିଦେବା ପ୍ରସ୍ତାବରେ ରାଜି ହୁଅନ୍ତି ନାହିଁ। ବରଂ ଯୁଦ୍ଧ କରିବା ପାଇଁ ପ୍ରସ୍ତାବ ଦିଅନ୍ତି । ଧନପତି କିନ୍ତୁ ଯୁଦ୍ଧ ବିରୋଧୀ । ତେଣୁ ସହଜରେ ତାଙ୍କ ମନ୍ତ୍ରୀପରିଷଦ ମାନଙ୍କ ନିଷ୍ପତ୍ତିକୁ ଗ୍ରହଣ କରିପାରନ୍ତି ନାହିଁ । ସେ ତାଙ୍କର ପିତାଙ୍କ ସହ ପରାମର୍ଶ କରି ଯାହା କିଛି ନିଷ୍ପତ୍ତି ନେବେ ବୋଲି କହନ୍ତି । ସେହି ସମୟତକ ତାଙ୍କୁ ଲଙ୍କାଧିପତିଙ୍କ ଆତିଥ୍ୟ ଗ୍ରହଣ କରି ଲଙ୍କାରେ ରହିବାକୁ ପଡ଼େ। ଅତିଥି ସତ୍କାରରେ ଲଙ୍କାଧିପତିଙ୍କର ସାମାନ୍ୟତମ ତ୍ରୁଟି ନଥାଏ । ବରଂ ତାଙ୍କ ରହଣୀ କାଳରେ ଲଙ୍କାର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲି ଦେଖନ୍ତି । ଧନପତି ତାଙ୍କ ପିତାଙ୍କ ସହ ପରାମର୍ଶ କରନ୍ତି । ପିତା ବିଶ୍ରବାଋଷିଙ୍କ କହିବା କଥା ରାବଣ ଦୈବୀ ବଳରେ ବଳୀୟାନ୍ । ତାଙ୍କ ସହ ଯୁଦ୍ଧ ହେଲେ ଧନପତିଙ୍କ ଜିତିବା ସମ୍ଭାବନା ବହୁତ କମ୍ । ତେଣୁ ବିନା ଯୁଦ୍ଧରେ ରାବଣ ହାତରେ ଲଙ୍କା ରାଜ୍ୟ ଛାଡ଼ିଦେଇ ଧନପତି ବରଂ ଅଳକାପୁରୀରେ ଯାଇ ଯକ୍ଷମାନଙ୍କ ସହ ବସବାସ କରିବା ଶ୍ରେୟ ହେବ। ଧନପତି ମଧ ବିନା ପ୍ରତିବାଦରେ ପିତାଙ୍କ ଆଦେଶକୁ ପାଳନ କରିବାକୁ ଶ୍ରେୟ ମଣିଲେ, ଶେଷରେ ତାଙ୍କ ନିଷ୍ପତ୍ତି ଶୁଣାଇ ଦେଇ କହନ୍ତି । ମାମୁଁ ରାବଣ ମୋର ସାନଭାଇ, ପ୍ରିୟ ମଧ । ସେ ଯଦି ଲଙ୍କା ସିଂହାସନ ଚାହୁଁଛି, ତେବେ ତା ସହ କୌଣସି କଳହ ନକରି ମୁଁ ତାକୁ ଲଙ୍କା ଛାଡ଼ିଦେବି । କାରଣ ଗୋଟିଏ ରାଜ୍ୟକୁ ନେଇ ଦୁଇଭାଇ ମଧରେ କନ୍ଦଳ କଲେ ଲାଭ ତ କିଛି ହେବନି । ବରଂ ଅନେକ କ୍ଷତି ହେବ । ଉଭୟ ପକ୍ଷର ଅନେକ ସୈନିକ ନିହତ ହେବେ । ଖାଲି ସୈନିକ ନୁହଁନ୍ତି ଅନେକ ନିରୀହ ଜନତା ମଧ ଯୁଦ୍ଧ ପାଇଁ ପ୍ରାଣବଳି ଦେବେ । ଶୂନ୍ୟ ହୋଇଯିବ ଲଙ୍କାର ରାଜକୋଷ । ଯୁଦ୍ଧ ପାଇଁ କେତେ କ'ଣ କ୍ଷତି ହେବ ତାକୁ ଆକଳନ କରି ହେବନି।

ମାମୁଁ କହୁଥିଲେ, ବାସ୍ତବରେ ଧନପତି କେବଳ ଜଣେ ପ୍ରଜାନୁରଞ୍ଜନ ରାଜା ନୁହଁନ୍ତି । ଜଣେ ବୁଦ୍ଧିମାନ, ଧୀସମ୍ପନ୍ନ ବ୍ୟକ୍ତି ମଧ । ନିଜର ବିଚକ୍ଷଣ ପ୍ରଜ୍ଞାଦୀପ୍ତ ପ୍ରତିଭା ପାଇଁ ସେସବୁ କିଛି ତ୍ୟାଗ କରିବାପାଇଁ ପ୍ରସ୍ତୁତ । ମାମୁଁଙ୍କ ମୁହଁରୁ କୁବେର ଭାଇଙ୍କର ଦର୍ଶନ ଶୁଣି ମୁଁ ସ୍ତବ୍ଧ ହୋଇଗଲି ।

ବାସ୍ତବରେ ଯୁଦ୍ଧ କେବେ ଶାନ୍ତି ଦେଇପାରେନା । ବରଂ ଯୁଦ୍ଧରୁ ସୃଷ୍ଟି ହୁଏ ହିଂସା, ଦ୍ୱେଷ, ଛଳନା, କପଟତା । ଇତିହାସ ପୃଷ୍ଠା ଲେଉଟାଇଲେ ଏମିତି ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ଯୁଦ୍ଧ ରକ୍ତପାତକୁ ଆହ୍ୱାନ ଦିଏ । ହିଂସା, ସ୍ୱାର୍ଥକୁ ପ୍ରଶୟ ଦିଏ । ସୃଷ୍ଟିର ଆରମ୍ଭରୁ ଯୁଦ୍ଧ ଥିଲା, ମଣିଷ ସେତେବେଳେ ଖାଦ୍ୟ, ବସ୍ତ୍ର, ବାସ ପାଇଁ ସଂଗ୍ରାମ କରୁଥିଲା। ନିଜର ସ୍ୱାର୍ଥ ହାସଲ ଲଢ଼େଇ କରୁଥିଲା । ଯୁଦ୍ଧର ବିଭୀଷିକା ଜାରି ମଧ ସେଥିରୁ କ୍ଷାନ୍ତ ହେବାକୁ ଚେଷ୍ଟା ମଧ କରୁନଥିଲା । ଯୁଦ୍ଧର ନିଆଁ ଚରିଆଡ଼େ ବ୍ୟାପି ଯାଇ ଆହୁରି ପ୍ରଳୟ କରି ଦେଉଥିଲା । ଯୁଦ୍ଧ ତେଣୁ କେବେବି ଶାନ୍ତିର ବାର୍ତ୍ତା ଦେଇପାରିନି, କି ପାରିବିନି ।

ମାମୁଁଙ୍କ ମୁହଁରୁ ସବୁକଥା ଶୁଣି କୁବେର ଭାଇଙ୍କ ପାଖରେ ମୋ ମୁଣ୍ଡ ସ୍ୱତଃ ନଇଁ ଯାଉଥିଲା । ନିଜକୁ ଅପରାଧୀ ଲାଗୁଥିଲା । ଭାବୁଥିଲି ସତରେ ମୁଁ କେତେ କୃତଘ୍ନ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୫୩ ॥

ବ୍ରହ୍ମା ସୃଷ୍ଟି ରଚନା ଆରମ୍ଭ କରିବା ସହିତ ହିଁ ସନାତନ ଧର୍ମର ସୃଷ୍ଟି କରିଥିଲେ। ଏକମାତ୍ର ମାନବ ହିଁ ନିଜ ବୁଦ୍ଧି ବଳରେ ସୃଷ୍ଟିର ଧର୍ମ ବିଷୟରେ ଅବଗତ ହୋଇଥିଲା। ସେହି ମାନବ ବର୍ତ୍ତମାନଠାରୁ ପ୍ରାୟ ତେଇଶଲକ୍ଷ ବର୍ଷ ତଳେ ନୃବାନରରୁ ପୂର୍ଣ୍ଣ ମାନବରେ ପରିଣତ ହୋଇଥିଲା। ତେଣୁ ଜ୍ଞାନୀମାନେ ଏହିଠାରୁ ସନାତନ ଧର୍ମ ସୃଷ୍ଟି ହୋଇଥିଲା ବୋଲି ମତ ଦେଇଥାନ୍ତି। ବେଦ, ଉପନିଷଦ ଆଦି ମାନବ ଜୀବନାଦର୍ଶ ଓ ସୃଷ୍ଟି ବିଜ୍ଞାନ ଉପରେ ଆଧାରିତ। ତେଣୁ ସନାତନ ଧର୍ମୀ ମାନେ ଏହା ପାଠ କରିବା ବିଧେୟ ବୋଲି ଲେଖାଅଛି ।

ଦକ୍ଷ ପ୍ରଜାପତି ସୃଷ୍ଟି କରିବାର ଦାଇତ୍ୱ ବହନ କରି ନିଜ ସାମ୍ରାଜ୍ୟ, ସିଂହାସନ ଓ ରାଜ କ୍ଷମତାର ମୋହସିନା ପରି ତ୍ୟାଗ କରିଥିଲେ, କିନ୍ତୁ ନିଜକୁ ବିଶାଳ ପୃଥିବୀରେ ପ୍ରତିଷ୍ଠିତ କରିବାର ଇଚ୍ଛା ସେ ପରିତ୍ୟାଗ କରି ନଥିଲେ। ପୂର୍ବ ଜନ୍ମରେ ସେ ଜଣେ ଅହଙ୍କାରୀ, ଆଭିଜାତ ଓ ବିଭବ ଶାଳୀ ରାଜାଥିଲେ। ବ୍ରହ୍ମାଙ୍କ ପୁତ୍ରମାନଙ୍କ ମଧରେ ସେ ବୋଧହୁଏ ଏକ ମାତ୍ର ରାଜା ଥିଲେ ।ଏହି ଜନ୍ମରେ ମଧ ସେ ଉଚ୍ଚସ୍ତରର ପ୍ରଜାପତି ବା ବୈଜ୍ଞାନିକ ଯୋଗୀ, ବଳ ବାନ, କଳା ନିପୁଣ ମାନବୋତ୍ତର ଜୀବନମାନ ସୃଷ୍ଟି କରିବାକୁ ଇଚ୍ଛା କରିଥିଲେ। ସେ ଇଚ୍ଛା କରୁଥିଲେ ଯେ ଭବିଷ୍ୟତରେ କେବଳ ତାଙ୍କର ବଂଶଜମାନେ ହିଁ ଏହି ସାରା ପୃଥିବୀରେ ବ୍ୟାପି ରହିବେ।

ସେଥିପାଇଁ ସେ ଦାନବ, ଗନ୍ଧର୍ବ, ଯୋଗାସାଧକ, ଅପସରା ଆଦିଙ୍କବୀଜ କଶ୍ୟପଙ୍କ ଠାରୁ ସଂଗ୍ରହ କରିଥିଲେ। ଅବଶ୍ୟ ସେତେବେଳେ ଏହି ଦାନବ, ଦେବତା, ଗନ୍ଧର୍ବ ବା ଅପସରା ଆଦି ଶବ୍ଦ ଗୁଡିକ ସୃଷ୍ଟି ହୋଇନଥିଲା। ଏମାନଙ୍କ ପୂର୍ବଜ ମାନେ ଯାଯାବର ଥିଲେ ଅବା କୌଣସି ସ୍ଥାନର ସ୍ଥାୟୀ ଅଧିବାସୀ ଥିଲେ ତାହା ମଧ ଜଣା ନାହିଁ। ଆଞ୍ଚଳିକ ଭାଷାରେ ଏମାନଙ୍କର କୌଣସି ଭିନ୍ନ ନାମ ଥାଇପାରେ। ତେବେ ଏହି ବିଭିନ୍ନ ମାନବ ଜାତି ମଧରେ କେତେକ ମାଂସାଶୀ ବଳବାନ, କେତେକ ଯୋଦ୍ଧା, କେତେକ ନୃତ୍ୟ, ଗୀତ କରୁଥିବା, କେତେକ ଜ୍ଞାନୀ, କେତେକ ଯୋଗ ରତ,କେତେକ ଦକ୍ଷ ଶିକାରୀ ଜନ ଜାତିର ବୀଜ ଥିଲା।

ସୃଷ୍ଟିର ପ୍ରସାର ପାଇଁ ଏବଂ ନିଜ ବଂଶର ପ୍ରସାର ପାଇଁ ପୁତ୍ରସନ୍ତାନ ସୃଷ୍ଟି କରିବା ଉଚିତ୍ ମନେକରି ଦକ୍ଷ ପ୍ରଥମେ ପୁତ୍ର ସନ୍ତାନମାନଙ୍କୁ ଜନ୍ମ ଦେବାକୁ ସ୍ଥିର କଲେ। ସେଥିପାଇଁ ବିଷ୍ଣୁଙ୍କଠାରୁ ପାଇଥିବା ତତ୍ତ୍ୱ ଅନୁସାରେ ସେ ନିଜେ ଅମ୍ଳହୀନ ଦୁଗ୍ଧ ଜାତୀୟ ଖାଦ୍ୟ ଓ ପତ୍ନୀ ଅସ୍ନିକୀଙ୍କୁ ଫଳ, ତରଭୁଜ ଆଦି ଭୋଜନ କରାଇଲେ। ଉଭୟ ବ୍ୟାୟାମ ଓ ଯୋଗ ନିୟମିତ କରିଥିଲେ। ନାରୀର ମାସିକ ଋତୁ ସମୟରେ ସଙ୍ଗମ କଲେ ପୁତ୍ର ସନ୍ତାନ ହେବାର ଅଧିକ ସମ୍ଭାବନା ଏବଂ ତିନି, ଚାରିଦିନ ପୂର୍ବରୁ ସହବାସରେ କନ୍ୟା ସନ୍ତାନ ହେବାର ସମ୍ଭାବନା ଅଧିକ ଥାଏ। ସେହି ସମୟରେ ସନ୍ତାନ ସୃଷ୍ଟି ପାଇଁ ବିଭିନ୍ନ ଆୟୁର୍ବେଦିକ ଔଷଧ ମାନ ମଧ ପ୍ରସ୍ତୁତ ହୋଇଥିଲା। ପୂର୍ବେ କେତେକ ମୟୂର ଚୂଳରେ ଗୁଡ ଭର୍ତ୍ତି କରି ନିର୍ଦ୍ଦିଷ୍ଟ ଦିନରେ ଖାଇଲେ ପୁତ୍ର ହୁଏ ବୋଲି କହୁଥିଲେ, ତେବେ ଏହାର କୌଣସି ପ୍ରମାଣ ମୋ ପାଖରେ ନାହିଁ। କିନ୍ତୁ ବର୍ତ୍ତମାନ ଆମ ଓଡ଼ିଶାରେ ମଧ ଆଧୁନିକ ଚିକିତ୍ସା ବଳରେ ପୁରୁଷ ଓ ନାରୀର ଥିବା ସମସ୍ତ ସମସ୍ୟାର ସମାଧାନ କରି, ନିଜେ ସହବାସର ସମୟ ମଧ ନିର୍ଦ୍ଧାରଣ କରି ବନ୍ଧ୍ୟା ନାରୀକୁ ସନ୍ତାନ ସହ ଇଚ୍ଛା ମୁତାବକ ପୁତ୍ରବା କନ୍ୟା ରଜନକ, ଜନନୀ କରାଯାଇପାରୁଅଛି।

ଏହି ବୈଜ୍ଞାନିକ ପ୍ରଣାଳୀରେ ଦକ୍ଷ ପ୍ରଥମେ ଅସ୍ନିକୀଙ୍କ ଡିମ୍ବାଶୟରେ ଡିମ୍ବାଣୁର ସଂଖ୍ୟା ବଢାଇ ଦେଲେ ଓ ନିଜ ଶୁକ୍ରାଣୁ ଗୁଡ଼ିକ କୌଣସି ଶକ୍ତିଶାଳୀ ଯବ କାଚ ଆଦିରେ ପରୀକ୍ଷା କରି ପୁରୁଷ ଶୁକ୍ରାଣୁ ଗୁଡ଼ିକ ତଫାତ କରିଦେଲେ। ସାଧାରଣତଃ ବିଜ୍ଞାନ ମତରେ ପୁରୁଷ ଶୁକ୍ରାଣୁରେ କନ୍ୟା ସୃଷ୍ଟିକାରୀ ଅଣୁମାନେ ଓଜନିଆ, ଆକୃତିରେ ବଡ ଓ ସେମାନଙ୍କର ମୁଣ୍ଡ ଅଣ୍ଡାକାର ହୋଇଥାଏ। ଯେତେବେଳେ କି ପୁତ୍ର ସୃଷ୍ଟିକାରୀ ଅଣୁମାନେ ହାଲୁକା, କ୍ଷୁଦ୍ର ଏବଂ ଏମାନଙ୍କର ମୁଣ୍ଡ ଗୋଲାକାର ହୋଇଥାଏ। ଦକ୍ଷ ପୁତ୍ର ଶୁକ୍ରାଣୁମାନଙ୍କୁ ଅଲଗା କରି ପତ୍ନୀଙ୍କ ଡିମ୍ବାଣୁ ମାନଙ୍କରେ ମିଳାଇ ବିଜ୍ଞାନ ପଦ୍ଧତିରେ ବିଜ୍ଞାନ ଶାଳାରେ ଭ୍ରୁଣ ମାନ ସୃଷ୍ଟି କଲେ ଓ ସଂଗ୍ରହ କରି ଆଣିଥିବା ନାରୀମାନଙ୍କ ଗର୍ଭାଶୟରେ ସେମାନଙ୍କୁ ବଢାଇ ଜନ୍ମ ଦେଲେ। ହୋଇପାରେ ଏହି ନାରୀ ମାନଂକ ଡିମ୍ବାଣୁ ସହ ନିଜ ଶୁକ୍ରାଣୁ ମିଳାଇ ପତ୍ନୀ ଅସ୍ନିକୀଙ୍କ ଗର୍ଭରେ ବଢାଇଥିଲେ। କିନ୍ତୁ ଦ୍ୱିତୀୟ ଅପେକ୍ଷା ପ୍ରଥମ ଉପାୟର ସମ୍ଭାବନା ବେଶି ହୋଇପାରେ।

ଏହି ଉପାୟରେ ସେ ଛ ହଜାର ପୁତ୍ରଙ୍କୁ ସୃଷ୍ଟି କଲେ ? ?

ନାଁ, ମୁଁ ପୂର୍ବରୁ ଲେଖିଅଛି ଯେ ବେଦର ଶୂନ୍ୟାନ୍ତ ସଂଖ୍ୟା ଇଉରୋପୀୟ ସଂଖ୍ୟାମାନଙ୍କ ପ୍ରଭାବରେ ପ୍ରଭାବିତ ଥିଲା।

ଏହାର ସର୍ବନିମ୍ନ ଗଣନ ସଂଖ୍ୟା ଏକ ନଥିଲା ବରଂ ବର୍ଷର ସର୍ବନିମ୍ନ ଗଣନ ସଂଖ୍ୟା ଏକ ଶତ ଥିଲା। କିନ୍ତୁ ଏହା କେବଳ ଭାଗବତରେ ବେଦ ମତେ ଲେଖା ସଂଖ୍ୟା ଥିଲା। ଅନ୍ୟ କେତେକ ଏକ ଶହରୁ କମ୍ ସଂଖ୍ୟା ହେଲେ ଏକଠାରୁ ଗଣା ଯାଉଥିଲା। ଏହିପରି ଭାଗବତରେ ବର୍ତ୍ତମାନ ଓ ତତ୍‌କାଳୀନ ଦୁଇ ପ୍ରକାର ସଂଖ୍ୟା ବ୍ୟବହାର କରାଯାଇଅଛି। କନ୍ୟାମାନେ ବର୍ତ୍ତମାନ ଅନୁସାରେ ଗଣାଯାଇଅଛି।

ଗଣନ ସଂଖ୍ୟା ବର୍ଷ ସର୍ବ ନିମ୍ନ ଗଣନ ସଂଖ୍ୟା ଶହେଟି ହେଲେ ଏକ ସେଟ୍ ବା ଦଳ ହେଉ ଥିଲା ଏବଂ ଏହା ବାସ୍ତବରେ ଗୋଟିଏ ବର୍ଷ ଥିଲା। ବର୍ଷର ଅନ୍ୟ ଅର୍ଥ ଦେଶ। କେବଳ ଭାରତ ବ୍ୟତୀତ ଅନ୍ୟ ଦେଶ ନାମ ସହ ବର୍ଷ ଯୋଗ ହୋଇନଥାଏ। ଏହି ପରି ସେମାନେ ବିଭିନ୍ନ ଶସ୍ୟ, ମୁଦ୍ରା, ପୁତ୍ର, ପାଳିତପ୍ରାଣୀ ଆଦି ଶୂନ୍ୟାନ୍ତ ସଂଖ୍ୟକ ଶତରୁ ଗଣନା ଆରମ୍ଭ କରୁଥିଲେ। ଯେପରି ଆମେ ଶସ୍ୟ ମାପିଲା ବେଳେ ଯେଉଁ ମାପରେ ମାପୁ ପ୍ରଥମେ ବହୁତ୍ କହି ପୂର୍ବରୁ ମାପୂ ଥିଲୁ। କାରଣ ବହୁତ ସଂଖ୍ୟାରୁ ହିଁ ଆମର ଗଣନା ଆରମ୍ଭ ହେଉଥିଲା। ଏପରି କଲେ ଲାଭ ଅଧିକ ବଢେ ବୋଲି ବିଶ୍ୱାସ ଥିଲା। ସେହି ଅନୁସାରେ ହିରଣ୍ୟକଶିପୁ ସହସ୍ରେ ବର୍ଷ ନୁହେଁ, ମାତ୍ର ଦଶ ବର୍ଷ ତପସ୍ୟା, ଦିତି ଶହେ ବର୍ଷ ନୁହେଁ ମାତ୍ର ଏକ ବର୍ଷ ଗର୍ଭ ଧାରଣ ଏବଂ ଦକ୍ଷ ଛ ହଜାର ନୁହେଁ, ମାତ୍ର ଷାଠିଏ ଜଣ ପୁତ୍ର ସୃଷ୍ଟି କରିଥିଲେ। ପ୍ରଥମ ଥର ପାଞ୍ଚ ହଜାର ନୁହେଁ, ମାତ୍ର ପଚାଶ ଜଣ ପୁତ୍ର ଓ ଦ୍ୱିତୀୟ ଥର ଏକ ହଜାର ନୁହେଁ ମାତ୍ର ଦଶ ପୁତ୍ର ସୃଷ୍ଟି କରିଥିଲେ। ସେ ଅନ୍ତତଃ ତିରିଶ ଜଣ ନାରୀଙ୍କ ଗର୍ଭରେ ଏକାଧିକ ଭ୍ରୁଣମାନ ରଖି ଗୋଟିଏ , ଦୁଇଟି ବର୍ଷମଧ ରେ ଏହି ପୁତ୍ର ସନ୍ତାନମାନଙ୍କୁ ଜନ୍ମ ଦେଇଥିଲେ। ଯଦି ବାସ୍ତବ ରେ ପୁତ୍ର ଷାଠିଏ ହଜାର ଥିଲେ, ଅଧିକ ନାରୀଙ୍କ ଗର୍ଭରେ ଭ୍ରୁଣ ବଢ଼ା ଯାଇଥିଲା। ଏହା ମୋର ବ୍ୟକ୍ତିଗତ ଧାରଣା।

ସେମାନେ ଯୁବକ ହେବାପରେ ପୁତ୍ର ହର୍ଯ୍ୟଶ୍ୱ ସହ ପାଞ୍ଚ ହଜାର ପୁତ୍ରଙ୍କୁ ପଶ୍ଚିମ ଦିଗରେ ସୃଷ୍ଟି ବଢ଼ାଇବା ପାଇଁ ସୃଷ୍ଟି ତତ୍ତ୍ୱ ଶିକ୍ଷା ଦେଇ ପଠାଇଥିଲେ। କିନ୍ତୁ ରାସ୍ତାରେ ନାରଦ ସେମାନଙ୍କୁ ଗର୍ଭ କଷ୍ଟ ବିଷୟରେ ବର୍ଣ୍ଣନା କରି ଏହିପରି କଷ୍ଟରେ ସୃଷ୍ଟି କରିବା ଅପେକ୍ଷା ବିଷ୍ଣୁଙ୍କ ପାଇଁ ତପସ୍ୟା କରି ମୋକ୍ଷ ଲାଭର ସାର୍ଥକତା ବିଷୟରେ ଏପରି ବୁଝାଇଲେ ଯେ ସେମାନେ ଯୋଗ କରିବା ପାଇଁ ନିବୃତ୍ତି ମାର୍ଗରେ ଚାଲିଗଲେ। ଏହା ପରେ ଦକ୍ଷ ପୁତ୍ର ସବଳା ଶ୍ୱଙ୍କ ସହ ଏକହଜାର ପୁତ୍ର(ଏମାନେ ଦକ୍ଷ ପ୍ରଜାପତିଙ୍କର ଶିଷ୍ୟ ମଧ ହୋଇପାରନ୍ତି। ) ଦେଇ ଅନ୍ୟମାନଙ୍କ ପରି ଭିନ୍ନ ଭିନ୍ନ ସ୍ଥାନ ମାନଙ୍କରେ ସୃଷ୍ଟି ବଢାଇବାକୁ ପଠାଇଲେ।) କିନ୍ତୁ ସେମାନେ ମଧ ନାରଦଙ୍କ କଥାରେ ଭୟକରି ନିବୃତ୍ତି ମାର୍ଗରେ ଚାଲିଗଲେ।

ଏଥିରୁ ଜଣାଯାଏ, ସେହି ସମୟରେ ଦକ୍ଷ, ଭୃଗୁ, ମରିଚିଙ୍କ ସହ ନାରଦ ମଧ ଜନ୍ମ ହୋଇ ସାରିଥିଲେ। ଆଉ କେତେକ ତାଙ୍କୁ ବାୟୁଭୂତ ବା ଆତ୍ମା ବୋଲି କହନ୍ତି। କିନ୍ତୁ ସେହି ସମୟରେ ଇନ୍ଦ୍ର ମଧ ଭାଗବତରେ ଅଛନ୍ତି। ସେ କିନ୍ତୁ ପୃଥିବୀରେ ଜନ୍ମ ହୋଇଥିବା ଇନ୍ଦ୍ରେ ମାନଙ୍କ ମଧରୁ କେହି ନୁହନ୍ତି। ସେ ସେତେବେଳେ ଲୋକ ମାନେ ବିଶ୍ୱାସ କରୁଥିବା ବର୍ଷାର ଦେବତା ବା ଜଣେ ଏଲୀୟନ୍ ଥିଲେ।

ନାରଦଙ୍କର ଏହି କାର୍ଯ୍ୟ ପାଇଁ ଦକ୍ଷ ବିରକ୍ତ ହୋଇ ତାଙ୍କୁ ଅଭିଶାପ ଦେଇଥିଲେ।

ପୁତ୍ର ମାନେ ତାଙ୍କ ସୃଷ୍ଟିର ସମ୍ପ୍ରସାରଣ କରିବାକୁ ଉପଯୁକ୍ତ ନୁହନ୍ତି ମନେକରି ଦକ୍ଷ ପ୍ରଜାପତି ଏହାପରେ କଣ କଲେ ? ?

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ



## ପ୍ରଥମ ପ୍ରେମ

ଦିପ୍ତିମୟୀ ପଣ୍ଡା

ମନ୍ଦ ସମୀରର ଶୀତଳତା ଠାରୁ
କେବେ ଭଲ ଲାଗେ
ମରୁଭୂମିର ତତଲା ଝାଉ
ଚିର ସବୁଜ ଗାଲିଚା
ବି ମନ ଚୋରେଇ ପାରେନି
ଯାହା କରିପାରେ
ରୁକ୍ଷ ମରୁଡି ପ୍ରବଣ ଅଂଚଳ।
ନିଦାଘ ରଜନୀରେ
ଅସଂଖ୍ୟ ତାରକା ବିନା
ହୃଦୟ ଛୁଏଁ ଏକୁଟିଆ ଜହ୍ନ
ଅମାପ ଧନ ଯୌବନ ପରିତ୍ୟାଗେ
ମନ ଲୋଡେ ନିହାତି ଏକାନ୍ତପଣ।।
ପ୍ରାୟେ ବାରବୁଲା...
ଏସବୁ କଠିନ ପ୍ରଶ୍ନ ସମୂହର
ଉତ୍ତର ଖୋଜାରେ
ହାତ ପାହାନ୍ତାରେ ସଂକ୍ଷିପ୍ତ ଜବାବ
ହେଲେ କେଜାଣି କାହିଁକି
ଚାହେଁନି ସମାଧାନ କରିବାକୁ
କୁଟୀଳ ବନ୍ଧନୀଯୁକ୍ତ
ଗାଣିତିକ ସମୀକରଣ।
ପର-ଆପଣା ର ବାଡ଼ ଡେଇଁ
ଯେବେ ଲେଖିବାକୁ ଭାଳେ
କିଛି ଅଲେଖା କାହାଣୀ
ବଢିଯାଏ ଅସହାୟତା
ସେହି ଜଣକ ଆଶ୍ୱାସନାରେ ।
ଭାଙ୍ଗିପଡେ ଭୂମି ଉପରେ
କ୍ଷୁଦ୍ର ସ୍ଫଟିକଖଣ୍ଡ ସଦୃଶ ।

\+ ଦେଓଗାଁ, ବରଗଡ଼



## ତୁମପାଇଁ ମୁଁ କବିତାଟିଏ

ପୁଷ୍ପାଞ୍ଜଳି ମିଶ୍ର

ମିଠା ସପନର ଉଦାସୀ ଆଖିରେ
ଅଳସୀ ଗୋ ପ୍ରିୟା ମୋର
ଇନ୍ଦ୍ରଧନୁ ରଙ୍ଗେ ରଙ୍ଗୀନ କରୁଛ
ତୁମ ହାତେ ତୁଳୀ ରଙ୍ଗେ
ମିଠା ଗୀତ ତୁମେ
ମହୁପରି ମିଠା
ଶୁଷ୍କ ଅଧରେ ହସ ବୁଣି ଦିଅ
ତୁମରି ମଧୁର ସ୍ପର୍ଶେ
ନୂଆ ଆଶା ଆଣ ନିରାଶା ମନରେ
ଅସୀମ ଆନନ୍ଦେ
ଅବ୍ୟକ୍ତ ସ୍ୱପ୍ନ ସହରେ ମଧୁର ସ୍ପର୍ଶଟିଏ
ପ୍ରାଣେ ପ୍ରାଣେ ମୋର
ଶିହରଣ ଖେଳେ ଅଜଣା ପୁଲକେ
ତୁମ ସେ ମିଠା ଛୁଆଁ ରେ
ଉଡି ଉଡି ବୁଲେ ଜହ୍ନ ରାଇଜରେ
ତୋଳେ ମୁଁ ସୁନ୍ଦର ଘର
ସାତ ଦରିଆକୁ ଆଞ୍ଜୁଳାରେ ଭରି
କରିଦେବି ଗୋଟେ ସିନ୍ଧୁ
ପବନ ଭଅଁର ମହୁମାଛି ଫୁଲ
ଇନ୍ଦ୍ରଧନୁ ରଙ୍ଗ ରଚି
ମେଘ ସବାରୀରେ ସୌଦାମିନୀ ସାଙ୍ଗେ
ଛବି ଆଙ୍କିଦିଏ ଆକାଶ ଛାତିରେ
ମିଠା ମିଠା ସ୍ୱପ୍ନ ଆଙ୍କି
ସାଗର ବେଳାରେ
ଶାମୁକା ବୁକୁରେ
ମୁକୁତାକୁ ଖୋଜି ଖୋଜି
ପ୍ରକୃତି ରାଣୀର ଅପରୂପ ଶୋଭା
କବିଟିଏ ଆଙ୍କୁଛି ତା କଲମକୁ ଧରି
ମେଘ ଝୁଲଣାରେ ଶବ୍ଦ ଖୋଜୁ ଥିଲି
କବିତା ମାଳାରେ ସଜେଇ ଦେଇଛି
ମହକିତ ଫୁଲ ହାରେ
ଶବ୍ଦ ମୋ ଜୀବନ
କବିତା ମୋ ପ୍ରାଣ
ଲେଖନୀ ଚାଲିଲେ ଝରଇ ଭାବନା
ହୃଦୟରେ ଛାପି ଯାଏ ।

\+ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
(ମୋ) ୯୫୫୬୬୪୩୯୨୧





## ମେଘ

ସୁନନ୍ଦା ମହାନ୍ତି

ମେଘ ଗୋଟେ ସୁବାସିତ ଫୁଲ
ଜଳକଣିକାର ଅମୃତ ଢାଳ
ମେଘ ତୁ ବରଷା ହୋଇ ଯାଆ ଛୁଇଁ
ଧରା ଯେ ଆକୁଳ ବିକଳ
ତୋ ଅମୃତ କଳସର ଜଳ
ତୃଷାର୍ତ୍ତ ଚେଇଁଉଠିବ ଛଳଛଳ
ନଈ ବହିଯିବ କଳକଳ
ଚାଷକୂଳ ନହେବେ ହତାସ ବିକଳ ଆକୁଳ
ବରଷା ଗୋ ତୁମ ବାରିସୀରେ
ପଦ୍ମ ପତ୍ର ଢଳଢଳ
ଇଡ଼ିଗଲେ ଏଡି ହେବନାହିଁ ବିକଳ
ମୌସୁମୀ ନାମେ ତୁମେ ଲୋହିତ ପିଙ୍ଗଳ
ବରଷାରାଣୀ ଓଢଣୀ ସବୁଜ ସରଳ
ମେଘରେ କଳାମେଘୀ ମୟୂର ପୁଚ୍ଛ
ଅଥୟ ଆକୁଳ
ସବୁପରେ ଆଉ କେତେ ନାଆଁରେ ତୁମେ
ଜଳଦ କରନା ଡେରି ପାଦପ ପ୍ରାଣୀ ବିକଳ
ଛଳନା କରନା ତୁମ ଭାବମୂର୍ତ୍ତି ଆଜି ବି
ସ୍ୱର୍ଣ୍ଣାଭ ନୀଳ କମଳ
ତରଙ୍ଗରେ ସୁଢଳ ସକାଳ ହୁଏ ସୁନୀଳ
ତୁମେ ଆସିଲେ ସାଧବ ବୋହୁ ପୋଛିନେବ
ତା ଆଖିରେ ଉଷ୍ମ ଲୁହ ଟୋପା ଢଳଢଳ
ତୁଳସୀ ନା ମକର ବସିଛ କେଜାଣି
ଦେଖି ବେଳକାଳ
ପିଇଛ କି ଧରାରେ ଅଧର ପଣା ଖାଇ
ମକର ଚାଉଳ ।

\+ ସାକ୍ଷୀଗୋପାଳ, ପୁରୀ
(ମୋ) ୯୦୪୦୯୭୭୩୨୭

# ମିଠା ଖାଇବାକୁ ଦେବି କହି ବାଳକର ତଂଟି କାଟିଥିବା ଅଭିଯୁକ୍ତଙ୍କୁ ଗିରଫ କଲା ସଇଁତଲା ପୋଲିସ

ବଲାଙ୍ଗିର, ୧୦/୦୭ (ନି.ପ୍ର): ମାମୁଁଘରେ ରହି ପାଠ ପଢୁଥିବା ବାଳକକୁ ପଡ଼ୋଶୀ ଯୁବକ ଜଣକ ମିଠା ଖାଇବାକୁ ଦେବି କହି ଡାକିନେଲା । ମିଠା ଖାଇବା ଲୋଭରେ ବାଳକ ପଡ଼ୋଶୀ ଘରକୁ ଯିବା ବେଳକୁ ବୁନ୍ଦି ଲଡୁ ଖାଇବାକୁ ଦେଇ ଆକସ୍ମିକ ଭାବେ ଦା'ରେ ବାଳକର ତଂଟି କାଟିଦେଲା ଯୁବକ । ରକ୍ତ ଜୁଡୁବୁଡୁ ହୋଇ ବାଳକ ନୃଶଂସ ଯୁବକର କବଳରୁ ନିଜକୁ ବଂଚାଇ ମାମୁଁଘରକୁ ଜୀବନ ବିକଳରେ ଧାଇଁ ଆସିଥିଲା ଏବଂ ସବୁ ଘଟଣା କହିଥିଲା । ଗୁରୁତର ଅବସ୍ଥାରେ ବାଳକକୁ ପରିବାର ଲୋକେ ସଇଁତଲା ଡାକ୍ତରଖାନାକୁ ନେଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗିର ଭୀମଭୋଇ ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ କୁ ସ୍ଥାନାନ୍ତର କରାଯାଇଥିଲା । ଅନ୍ୟପଟେ ସଇଁତଲା ପୋଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ରହିଛି ।

ମିଳିଥିବା ସୂଚନା ଅନୁସାରେ, ସୋନପୁର ଜିଲ୍ଲାର ରାନିସରଡ଼ା ଗାଁର ଡୋଳାମଣି ଦୀପଙ୍କ ପୁଅ ମିଲନ୍ ଦୀପ(୧୩) ଗତ ୩ ମାସ ହେଲା ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ୍ ର ଭୋଇପଡ଼ାରେ ଥିବା ତାଙ୍କ ମାମୁଁ ନୀଳକାନ୍ତ ନାଗଙ୍କ ଘରେ ରହୁଥିଲେ । ଗତକାଲି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ମିଲନ୍ କୁ ମାମୁଁଘର ପଡ଼ୋଶୀ ସୁରଂଚି ଭୋଇ(୪୫) ମିଠା ଖାଇବାକୁ ଦେବ କହି ଘରକୁ ଡାକି ନେଇଥିଲା । ବୁନ୍ଦି ଲଡୁ ଖାଇବାକୁ ଦେବା ବାହାନାରେ ଧାରୁଆ ଦା'ରେ ମିଲନ୍ ଙ୍କ ତଂଟି କାଟି ଦେଇଥିଲା । ତତ୍‌କ୍ଷଣାତ ମିଲନ୍ ଅଭିଯୁକ୍ତ ସୁରଂଚିକୁ ଠେଲି ଦେଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମାମୁଁ ଘରକୁ ଦୌଡ଼ି ଦୌଡ଼ି ପହଂଚିଥିଲା । ଏହାପରେ ମାମୁଁଘର ଲୋକେ ପୋଲିସକୁ ଖବର ଦେବା ସହ ମିଲନ୍‌କୁ ସଇଁତଲା ଡାକ୍ତରଖାନାକୁ ଆଣିଥିଲେ । ବେକରେ ଗଭୀର ଆଘାତ ଲାଗିଥିବାରୁ ସଇଁତଲା ଡାକ୍ତରଖାନାରୁ ମିଲନ୍‌ଙ୍କୁ ବଲାଙ୍ଗିର ଭୀମଭୋଇ ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା । ଅଭିଯୋଗକୁ ଭିତି କରି ସଇଁତଲା ପୋଲିସ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ସୁରଂଚି ଭୋଇକୁ ଗିରଫ୍ କରିଥିଲା । ଟିଟିଲାଗଡ଼ ଏସଡ଼ିପିଓ ଅଙ୍କିତା କୁମ୍ଭାର, ଥାନା ଅଧିକାରୀ ସୁଶାନ୍ତ ପଧାନ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିଥିବା ଜଣାପଡ଼ିଛି । ତେବେ କେଉଁ କାରଣରୁ ମିଲନ୍ ?ଙ୍କ ତଂଟି କାଟିଲା ସୁରଂଚି, ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ । ସୁରଂଚିର ମାନସିକ ଅବସ୍ଥା ଠିକ୍ ନଥିବା କିଛି ଲୋକ କହୁଥିବା ବେଳେ ଜମିବାଡ଼ି କନ୍ଦଳକୁ ନେଇ ଏଭଳି କାଣ୍ଡ ଘଟାଇଛି ଯୁବକ ସୁରଂଚି ବୋଲି କହୁଛନ୍ତି । ଅନ୍ୟପକ୍ଷରେ ଗୁଣି ଗାରେଡ଼ି ଆଧାରରେ ବଳି ଦେବା ଉଦ୍ଦେଶ୍ୟରେ ମିଲନଙ୍କ ତଂଟି କାଟିଥାଇପାରେ ସୁରଂଚି ବୋଲି ମଧ ଅଂଚଳରେ ଚର୍ଚ୍ଚା ହେଉଛି । ତେବେ ଘଟଣାର ଅସଲ କାରଣ ଖୋଜିବାକୁ ଏବେ ବି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି , ତଦନ୍ତ ପରେ ସ୍ପଷ୍ଟ ଜଣାପଡ଼ିବ ଏହି ଘଟଣାର କାରଣ ବୋଲି କୁହାଯାଉଛି ।

# ବଲାଙ୍ଗିର ଜିଲ୍ଲା ଓକିଲ ସଂଘ ପକ୍ଷରୁ ବଲାଙ୍ଗିର ବିଧାୟକ କଳିକେଶଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର , ୧୦/୦୭ (ନି.ପ୍ର): ଜିଲ୍ଲା ଓକିଲ ସଂଘ ପକ୍ଷରୁ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ଥାନୀୟ ସିଭିଲ କୋର୍ଟ ବାର୍ ହଲ୍ ଠାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ସିଂହଦେଓ ଯୋଗ ଦେଇ ବଲାଙ୍ଗିର ଜିଲ୍ଲାର ଓକିଲ ମାନେ ସବୁବେଳେ ସମାଜର ନେତୃତ୍ୱ ନେବା ସହ ଦିଗଦର୍ଶନ ଦେଇ ଆସିଛନ୍ତି ବୋଲି କହିଥିଲେ । ଏହି ବାର୍ ର ଓକିଲ ମାନେ ରାଜ୍ୟ ତଥା ରାଜ୍ୟ ବାହାରେ ନିଜକୁ ପ୍ରତିଷ୍ଠା କରିଛନ୍ତି । ମୋ ବାପା ବିଧାୟକ ଥିବା ବେଳେ ଏହି ବାର୍ ର ଅନେକ ବିକାଶମୂଳକ କାମ କରିଥିଲେ । ମୋ ବିଧାୟକ ସମୟରେ ମଧ ଓକିଲ ସଂଘର ଯାହା ଆବଶ୍ୟକ ପଡିବ ତାହା ପୂରଣ କରିବା ଦିଗରେ କାର୍ଯ୍ୟ କରିବି ବୋଲି ବିଧାୟକ ଶ୍ରୀ ସିଂଦେଓ ପ୍ରତିଶ୍ରୁତି ଦେଇଛନ୍ତି । ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ଓ ହାଇକୋର୍ଟ ବେଂଚ ସ୍ଥାପନର ଆବଶ୍ୟକତା ରହିଛି । ବଲାଙ୍ଗିର ସରକାରୀ ଡାକ୍ତରଖାନାରେ ଏମ୍ ଆର୍ ଆଇ ର ବ୍ୟବସ୍ଥା କରାଗଲେ ସ୍ୱାସ୍ଥ୍ୟ ବ୍ୟବସ୍ଥା କ୍ଷେତ୍ରରେ ବଲାଙ୍ଗିର ଆହୁରି ଉନ୍ନତ ହୋଇପାରନ୍ତା ବୋଲି କଳିକେଶ କହିଛନ୍ତି । ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ଏହି ଜିଲ୍ଲାରୁ ଜଣେ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଆଉ ଜଣେ କୃଷି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଆସନ ପାଇଛନ୍ତି । ଏହି ସବୁ ଦାବି ପୂରଣ କରିବା ଦିଗରେ ମନ୍ତ୍ରୀ ଯତ୍ନବାନ ହେବେ ବୋଲି ଆଶା କରାଯାଉଛି । ବଲାଙ୍ଗିରକୁ ବିକାଶର ରାସ୍ତାରେ ଆଗେଇ ନେବା ଦିଗରେ ଆମେ ସମସ୍ତେ ମିଶି କାମ କରିବା ବୋଲି ବିଧାୟକ କଳିକେଶ ନାରାୟଣ ସିଂଦେଓ କହିଛନ୍ତି । ବଲାଙ୍ଗିର ଜିଲ୍ଲା ଓକିଲ ସଂଘର ସଭାପତି ଅମରେଶ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମହାନ୍ତି ବିଧାୟକ କଳିକେଶ ଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସଂଘ ର ସମ୍ପାଦକ ପ୍ରମୋଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଓକିଲ ସଂଘର ଉପସଭାପତି ସରୋଜ କୁମାର ଗୁପ୍ତା ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓକିଲ ସଂଘ ର ସମସ୍ତ ସଭ୍ୟ ଯୋଗ ଦେଇଥିଲେ ।

# ଉଲୁଣ୍ଡା ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୪୦ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୧୦/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୪୦ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧରେ ବ୍ୟକ୍ତିଗତ ଦରଖାସ୍ତ ୨୯ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୧ଗୋଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି । ୬ ଗୋଟି ଦରଖାସ୍ତ ର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ, ଉଲୁଣ୍ଡା କରିଶ୍ମା ବେଶ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ,ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ , ଜିଲ୍ଲା କ୍ରୀଡା ଅଧିକାରୀ ଚିତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ରେଞ୍ଜର ସଂଜୀବ ରାଉତ, ନିର୍ବାହୀ ଯନ୍ତ୍ରୀ ଟି ପି ଡବ୍ଲୁ ଓ ଡି ଏଲ ଅଶୋକ କୁମାର ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଅନୁପମା ପଣ୍ଡା, ଜିଲ୍ଲା ଗ୍ରୀଭେନସ ସେଲ ଅଧିକାରୀ ତଥା ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ ଓ ଆଇ ସି ଉଲୁଣ୍ଡା ପଂଚାନନ ନାଏକ, ଅତିରିକ୍ତ ତହସିଲଦାର ଉଲୁଣ୍ଡା ସୋମନାଥ ବେହେରା, ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ , ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ଧର୍ମଶାଳା ପ୍ରଖଣ୍ଡ ବଜରଙ୍ଗ ଦଳର ନୂତନ ଦାୟିତ୍ୱ ଓ ଗୋଶାଳା ପାଇଁ ଭୂମି ପୂଜନ

ଧର୍ମଶାଳା, ୧୦/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଧର୍ମଶାଳା ପ୍ରଖଣ୍ଡ ବଜରଙ୍ଗ ଦଳର ନୂତନ ଦାୟିତ୍ୱ ଘୋଷଣା ଓ ଗୋମାତା ସୁରକ୍ଷା ପାଇଁ ଗୋଶାଳା ଭୂମି ପୂଜନ କାର୍ଯ୍ୟକ୍ରମ ସୁନ୍ଦରିଆ ପଂଚାୟତଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲା ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ରାଜ କିଶୋର ମଲ୍ଲିକ, ବିଶ୍ୱହିନ୍ଦୁ ପରିଷଦ ଜିଲା ଗୋସୁରକ୍ଷା ପ୍ରମୁଖ ମଦନ ମୋହନ ବିନ୍ଧାଣି, ବିଶ୍ୱହିନ୍ଦୁ ପରିଷଦ ଜିଲା ସେବା ପ୍ରମୁଖ ବିବେକାନନ୍ଦ ଜେନା, ଜିଲା କୋଷାଧକ୍ଷ ଯଶୋବନ୍ତ ଦାସ,ଜିଲା ବଜରଙ୍ଗ ଦଳ ସଂଯୋଜକ ବସନ୍ତ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ଦଳର ସାଂଗଠନିକ କାର୍ଯ୍ୟକ୍ରମ ସୁଦୃଢ ହେବା ସହିତ ଗୋମାତା ସୁରକ୍ଷା,ମଠ ମନ୍ଦିର ସୁରକ୍ଷା, ହିନ୍ଦୁତ୍ୱ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ ଧର୍ମଶାଳା ପ୍ରଖଣ୍ଡ ବଜରଙ୍ଗ ଦଳର ନୂତନ ଦାୟିତ୍ୱ ଘୋଷଣା କରାଯାଇଥିଲା । ଧର୍ମଶାଳା ପ୍ରଖଣ୍ଡ ବଜରଙ୍ଗ ଦଳ ସଂଯୋଜକ କିଶୋର କୁମାର ସାମଲ,ପ୍ରଖଣ୍ଡ ସହ-ସଂଯୋଜକ ଅରବିନ୍ଦ ରାଉତ ଓ ଲକ୍ଷ୍ମଣ ସେଠୀ,ପ୍ରଖଣ୍ଡ ମହାବିଦ୍ୟାଳୟ ପ୍ରମୁଖ ସୁମିତ୍ର ପ୍ରଧାନ, ଓ ଗୋରକ୍ଷା ପ୍ରମୁଖ ସୁମନ୍ତ ଦାସଙ୍କୁ ନୂତନ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଇଶ୍ୱର ଚନ୍ଦ୍ର ପଧାନ, ନୃସିଂହ ଚରଣ ମିଶ୍ର, ଅମିତ ଶର୍ମା, ରଶ୍ମିରଂଜନ ଗୋଚ୍ଛାୟତ, ଭୀମସେନ ସାମଲ, ଅରବିନ୍ଦ ହାଡିବନ୍ଧୁ, ବିଭୁ ପ୍ରସାଦ ମହାରଣା, ଲକି ମଲିକ, ସଚ୍ଚିଦାନନ୍ଦ ଦାସ, ନିହାର ରଂଜନ ପରିଡା, ରାଜ କିଶୋର ଦାସ, କାଶୀନାଥ ପାତ୍ର, ବାସୁଦେବ ଦାସ, ସମ୍ବିତ ମହାନ୍ତି, ଶରତ ଓଝା ଓ ଅଶୋକ ବରାଳଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ରହିଥିଲେ ।

# ଭାସମାନ ଅବସ୍ଥାରେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଠାବ: ପୋଲିସ ତଦନ୍ତ ଜାରି

ହରିଚନ୍ଦନପୁର, ୧୦/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ନିକଟସ୍ଥ ତହସିଲ କାର୍ଯ୍ୟାଳୟ ପଛରେ ଥିବା ବନ୍ଧରୁ ଭାସମାନ ଅବସ୍ଥାରେ ଅଚିହ୍ନା ଜଣେ ବୃଦ୍ଧଙ୍କ ମୃତଦେହ ଠାବ ହୋଇଛି । ପୋଲିସ ତଦନ୍ତ ଜାରି । ମିଳିଥିବା ସୂଚନା ଅନୁଯାୟୀ, ମୃତ ବୃଦ୍ଧ ଜଣକ ଭଗାମୁଣ୍ଡା ଅଂଚଳର ହୋଇଥିବା ବେଳେ ଦୀର୍ଘଦିନ ଧରି ହରିଚନ୍ଦନପୁର ବଜାର ହୋଟେଲ ମାନଙ୍କରେ ପାଣି ଦେଇ ନିଜର ଗୁଜୁରାଣ ମେଂଟାଉଥିଲେ । ମଙ୍ଗଳବାର ଦିନ ସକାଳୁ ଗାଁ ଲୋକ ଶୌଚ କରିବାକୁ ଯାଇଥିବା ବେଳେ ମୃତ ଶରୀର ଭାସୁଥିବା ଦେଖି ହରିଚନ୍ଦନପୁର ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଂଚି ଶବଟିକୁ ପାଣିରୁ ଉଦ୍ଧାର କରିଥିଲେ । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟକୁ ପଠାଇଛି । ତେବେ କେଉଁ ପରିସ୍ଥିତିରେ ବୃଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ ହେଲା ତାହା ଜଣାପଡ଼ି ନଥିବା ବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଜଣାପଡିଛି । ଅନ୍ୟପଟେ ମୃତ ବୃଦ୍ଧ ଜଣଙ୍କର ପରିଚୟ ମିଳିପାରିନଥିବା ବେଳେ ସଠିକ୍ ପରିଚୟ ତଲାସ୍ କରୁଛି ପୋଲିସ ।

# ଦର ବୃଦ୍ଧି ବିରୋଧରେ ସିପିଆଇ ଓ ବିକେଏମ୍ୟୁର ବିକ୍ଷୋଭ

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ଦେଶର ସାଧାରଣ ନିର୍ବାଚନ ପରେ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ଅସହ୍ୟ ହୋଇଛି । ଏହି ଦରବୃଦ୍ଧିର ପ୍ରତିବାଦରେ ମଙ୍ଗଳବାର ସିପିଆଇ ଓ ବିକେଏମ୍ୟୁ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଶତାଧିକ ସିପିଆଇ ଓ ବିକେଏମ୍ୟୁ କର୍ମୀ ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ । ଶୋଭଯାତ୍ରାକାରୀମାନେ ଦଳୀୟ ପତାକା ଓ ବ୍ୟାନର ସହ ହାତରେ ଦରଦାମ୍ ବୃଦ୍ଧି ବିରୋଧରେ ଲେଖାଥିବା ବିଭିନ୍ନ ପ୍ଲାକାର୍ଡ ଧରିଥିବା ଦେଖାଯାଇଥିଲା । ଶୋଭାଯାତ୍ରାକାରୀ ମାନେ ଦଳୀୟ ପତାକା ଓ ବ୍ୟାନର ସହ ହାତରେ ଦରଦାମ୍ ବୃଦ୍ଧି ବିରୋଧରେ ଲେଖାଥିବା ବିଭିନ୍ନ ପ୍ଲାକାର୍ଡମାନ ଧରିଥିବା ଦେଖାଯାଇଥିଲା । ଶୋଭାଯାତ୍ରାକାରୀମାନେ ଅଶୋକନଗର ଅଂଚଳ ପରିକ୍ରମା କଲାପରେ ରାଜମହଲ ଛକଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିକ୍ଷୋଭକାରୀମାନଙ୍କୁ ସିପିଆଇର ଜୋନ ସମ୍ପାଦକ ସୁର ଜେନା ଉଦ୍‌ବୋଧନ ଦେଇ ଦରଦାମ୍ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ତୀବ୍ର ସମାଲୋଚନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିକେଏମ୍ୟୁର ରାଜ୍ୟ ସହ ସମ୍ପାଦକ ଶଙ୍କର୍ଷଣ ବାରିକ, ସିପିଆଇ ଜୋନ ସହ ସମ୍ପାଦକ କୈଳାସ ପୁହାଣ, ସର୍ବେଶ୍ୱର ମାର୍ଥା, ନାରୀନେତ୍ରୀ ମିନତୀ ପ୍ରଧାନ, ଛେତମ୍ବର ଭୋଇ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ଶରତ ସ୍ୱାଇଁ, ପଞ୍ଚାନନ ସାହୁ ଓ ପ୍ରମୋଦ ମଲ୍ଲିକ ପ୍ରମୁଖ ଏହି ବିକ୍ଷୋଭ ଓ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।

# ରାଇରଙ୍ଗପୁରଠାରେ ଉପଖଣ୍ଡସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ରାଇରଙ୍ଗପୁର, ୧୦/୦୭ (ନି.ପ୍ର): ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ବାମନଘାଟୀ ଉପ ଜିଲ୍ଲାପାଳ ସରୋଜ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଜନ ଶୁଣାଣି ଶିବିରରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର ଅଧକ୍ଷତା କରିଥିବା ବେଳେ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ଗୋକୁଳାନନ୍ଦ ସାହୁ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କ ଠାରୁ ଆସୁଥିବା ଆପତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ ।

ଆଜିର ଏହି ଶିବିରରେ ଜନସାଧାରଣଙ୍କ ଠାରୁ ମୋଟ୍ ୩୧ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୨୬ଟି ବ୍ୟକ୍ତିଗତ ସମସ୍ୟାଭିତିକ ଏବଂ ୫ଟି ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟା ଭିତିକ ସାମୁହିକ ଅଭିଯୋଗ ଥିଲା । ଆପତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ଉକ୍ତ ଶିବିର ରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର,ଜିଲ୍ଲା ଶିକ୍ଷା ଅଧିକାରୀ, ମୟୁରଭଞ୍ଜ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିବା ବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କ ଦ୍ୱାରା ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ।

# ବାରୋରେ ଗଣେଶ୍ୱରଙ୍କର ଧନ୍ୟବାଦ ରାଲି

କେନ୍ଦ୍ରାପଡ଼ା, ୧୦/୦୭ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୋ ପଂଚାୟତରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କର ଧନ୍ୟବାଦ ର୍‍ୟାଲି ପଂଚାୟତ ସଭାପତି ପ୍ରମୋଦ କୁମାର ଲେଙ୍କାଙ୍କ ତତ୍ୱବଧାନ ରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ନାରାୟଣ ସ୍ୱାଇଁ, ପୂର୍ବତନ ବ୍ଲକ ସଭାପତି ଚିତ୍ରସେନ ପରିଡାଙ୍କ ସମେତ ମୋହନ ଆଚାର୍ଯ୍ୟ, ରମେଶ ପ୍ରଧାନ, ପ୍ରମୋଦ କର, ସୁଶାନ୍ତ ସାମଲ, ରମେଶ ସାମଲ, ପୂର୍ବତନ ସରପଂଚ ନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପଂଚାୟତ ର ସମସ୍ତ ୱାର୍ଡ ଓ ଗ୍ରାମ ଗୁଡ଼ିକ ବୁଲି ନିର୍ବାଚନ ରେ ତାଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିଥିବାରୁ ସେ ପଂଚାୟତ ବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇନଜୀବିଙ୍କ ସହ ଆଲୋଚନା କଲେ ବିଧାୟକ ଗଣେଶ୍ୱର

କେନ୍ଦ୍ରାପଡ଼ା, ୧୦/୦୭ (ନି.ପ୍ର): କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମଙ୍ଗଳବାର କୋର୍ଟ ପରିସରରେ ଆଇନଜୀବିମାନଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲା ଓକିଲ ସଂଘ ସଭାପତି ଧ୍ରୁବଚରଣ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନା ସଭାରେ ପୂର୍ବତନ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ଆଶୁତୋଷ ମହାନ୍ତି, ସରୋଜରାଜ ସିଂହ, ପ୍ରଭାତ ଅଧିକାରୀ, ଉଷା ଦେବୀ, ବରିଷ୍ଠ ସମାଜସେବୀ ରଂଜିତ କୁମାର ସାହୁ, ବ୍ଲକ ସଭାପତି ଆଲୋକ ସାହୁ, ପ୍ରଦ୍ୟୁମ୍ନ କୁମାର ଜେନା, ହିରଣ୍ୟ କୁମାର ପଣ୍ଡା, ମୁକ୍ତାର ଖାନ, ଆଇନଜୀବି ଗଗନ ବିହାରୀ ଜେନା, ଶନ୍ତି ସ୍ୱରୂପ ଭୁୟାଁ, ଗଗନ ବିହାରୀ ଖଟୁଆ, ଚୈତନ୍ୟ ଚରଣ ମଲିକଙ୍କ ସମେତ ବହୁ ଅଇନଜୀବି ଉପସ୍ଥିତ ରହି ବିଧାୟକ ଶ୍ରୀ ବେହେରାଙ୍କ ସହିତ ଓକିଲ ମାନଙ୍କର ବିଭିନ୍ନ ସମସ୍ୟା ଓ ପାଠାଗାର ସଂପର୍କରେ ଆଲୋଚନା କରିଥିଲେ ।

# ଜର୍ମାନୀର ମ୍ୟୁନିକ ସହରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା

କେନ୍ଦ୍ରାପଡ଼ା, ୧୦/୦୭ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ମହପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା କେବଳ ଓଡିଶାର ପୁରୀରେ ନୁହେଁ ଏହା ସହିତ ଭାରତବର୍ଷର ବିଭିନ୍ନ ପ୍ରଦେଶରେ ତଥା ବିଦେଶ ରେ ମଧ ରଥଯାତ୍ରା ପାଳନ କରା ଯାଇଥାଏ । ଜର୍ମାନୀର ମ୍ୟୁନିକ ସହର ରେ ରହୁଥିବା ଭାରତୀୟ ମାନଙ୍କ ସହିତ ଓଡିଆ ସମାଜ ପକ୍ଷରୁ ରଥଯାତ୍ରା କରାଯାଇଛି । ସେଠାରେ ରହୁଥିବା ଶହ ଶହ ସଂଖ୍ୟକ ଭାରତୀୟ ଏବଂ ଓଡିଶାବାସୀଙ୍କ ସହାୟତା ରେ ଶିବାଳୟଂ ମନ୍ଦିର ସ୍ଥିତ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ମାତା ସୁଭଦ୍ରା, ମହାପ୍ରଭୁ ଶ୍ରୀ ବଳଭଦ୍ର ଏବଂ ପ୍ରଭୁ ଶ୍ରୀ ସୁଦର୍ଶନଙ୍କ ଭବ୍ୟ ରଥଯାତ୍ରା ମହା ସମାରୋହ ରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ୫୦୦ରୁ ଉର୍ଦ୍ଧ୍ୱ ଓଡିଆ ଭାଷାଭାଷୀ ଯୋଗ ଦେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥକୁ ମୁଖ୍ୟ ରାସ୍ତାରେ ନେଇ ଜୟ ଜଗନ୍ନାଥ ଧ୍ୱନୀରେ ପରିକ୍ରମା କରାଇ ଥିଲେ । ଭାରତୀୟ ଦୂତାବାସ ର କନସୁଲର ୱିଙ୍ଗର ମୁଖ୍ୟ ଶ୍ରୀ ଅଭିନବ କୁମାର(କାନସୁଲ ସିପିଭି ଏବଂ ପିଆଇଓ) ମଧ ଏହି ରଥଯାତ୍ରାରେ ଯୋଗଦେଇ ଥିବାରୁ ତାଙ୍କୁ ବ୍ୟାପକ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଶ୍ରୀ ଜୀଉ ମାନଙ୍କ ଚତୁର୍ଦ୍ଧା ମୂର୍ତିର ନବ ଯୌବନ ବେଶ ତଥା ନେତ୍ର ଉତ୍ସବ ପାଳନ କରାଯିବା ସହ ହୋମ, ଯଜ୍ଞ, ଘୃତାହୂତି ଏବଂ ମନ୍ତ୍ର ଜପ କଲାପରେ ଭକ୍ତଗଣଙ୍କ ଦ୍ୱାରା ହରି ସଂର୍କିତନରେ ଏକ ଭକ୍ତିମୟ ପରିବେଶ ରେ ଶ୍ରୀ ଜଗନ୍ନାଥଙ୍କ ରଥ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମ ରେ ଶିବାଳୟ ମନ୍ଦିର ର ଆର୍ଯ୍ୟ ସୌମ୍ୟ ଜୁଲ୍ଲା, କେଶବଲ୍ଲା, ଧୃବ କୁମାର, ଭାସ୍କର ପବନ କୁମାର, ସୌର୍ଯ୍ୟ ମିକି, ପ୍ରିୟଦର୍ଶନ ସାମଲ, ଦୀପକ ପାଣିଗ୍ରାହୀ, ତନୟ ପଣ୍ଡା, କେନ୍ଦ୍ରାପଡା ର ସୁଧାଂଶୁବାଳା ରାଉତ ଏବଂ ସ୍ୱାମୀ ପ୍ରିୟଦର୍ଶନ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଉପସ୍ଥିତ ଥିବା ଭକ୍ତ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ ଓ ପୁସ୍ତକ ଉନ୍ମୋଚନ

ଭୁବନ, ୧୦/୦୭ (ନି.ପ୍ର): ଆଂଚଳିକ ସାହିତ୍ୟ, କଳା, ସେବା ପରିଷଦ ଓ ବିଭାବନା ମିଳିତ ଆନୁକୁଲ୍ୟରେ ତୁଳସୀ ଭବନ ଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଅଧକ୍ଷତା କରି କହିଥିଲେ ଯେ, ଅଦ୍ୟାବଧି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାବ୍ୟ, କବିତା ଇଂରାଜୀ ଓ ହିନ୍ଦୀ ଭାଷାରେ ଅନୁବାଦ ହୋଇନପରିବା ଏବଂ ଭାରତ ରତ୍ନ ପ୍ରଦାନ କରାନଯିବା ବାସ୍ତବିକ ଦୁଃଖ ତଥା କ୍ଷୋଭର ବିଷୟ । ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିପ୍ରତି ଦୃଷ୍ଟି ଦେବାକୁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବୟିତ୍ରୀ ତୁଳସୀ ରାଣୀ ବେହେରା, ବିଳାସିନୀ ପୃଷ୍ଟି, ସୁଲୋଚନା ସାହୁ, ମନିଷା ନନ୍ଦ, ଚିତ୍ରଶିଳ୍ପୀ ନାରାୟଣ ସାହୁ, ଅଶୋକ ସାମଲ, ହୃଷୀକେଶ ସାହୁ, ଶ୍ରୀଧର ବେହେରା, ଇଂ. ଇଶ୍ୱରଚନ୍ଦ୍ର ବେହେରା, ଉଦ୍ଧବ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

# କୃଷି ଓ କୃଷକଙ୍କ ବିକାଶ ପାଇଁ ସଂକଳ୍ପବଦ୍ଧ ବିଜେପି ସରକାର : ମନମୋହନ ସାମଲ

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ନୟାଗଡ଼ ଜିଲାର ବହୁ ପ୍ରତୀକ୍ଷିତ "ବୃତଙ୍ଗ ଜଳସେଚନ ପ୍ରକଳ୍ପ"କୁ ମୋଦି ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପ ନିର୍ମାଣ ପାଇଁ ଜଙ୍ଗଲ ଓ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟ ଅନୁମତି ଦେଇଛି । ଫଳରେ ନୟାଗଡ଼ବାସୀଙ୍କ ୩୦ ବର୍ଷର ଆଶା ଓ ଆକାଂକ୍ଷା ପୂରଣ ହେବ । ଏହା କୃଷକଙ୍କ ପାଇଁ ବରଦାନ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପରିବେଶ, ଜଳବାୟୁ ପରିବର୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ କୃତଜ୍ଞତା ଜଣାଇବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଶ୍ରୀ ସାମଲ ଧନ୍ୟବାଦ ଦେଇଛନ୍ତି । ଶ୍ରୀ ସାମଲ କହିଛନ୍ତି, ବିଜେଡି ସରକାର ଗତ ୨୪ ବର୍ଷ ଶାସନ ମଧ୍ୟରେ ଯାହା କରିପାରି ନ ଥିଲା ବିଜେପି ସରକାରକୁ ଆସିବାର ମାସକ ଭିତରେ ତାହା କରିବାକୁ ସକ୍ଷମ ହୋଇଛି । ନୟାଗଡ଼ ଜିଲାର କୃଷକମାନେ ଦୀର୍ଘ ବର୍ଷ ହେବ ଚାଷ କାର୍ଯ୍ୟବେଳେ ବହୁ ସମସ୍ୟା ଭୋଗୁଥିଲେ । ଜଳସେଚନର ସୁବନ୍ଦୋବସ୍ତ ନ ଥିବାରୁ ଖରାଦିନେ ଗଜା ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହେଉଥିଲା । ଅପରପକ୍ଷେ ପାନୀୟ ଜଳ ପାଇଁ ମଧ ଜିଲାବାସୀ ଅସୁବିଧା ଭୋଗୁଥିଲେ । ଏବେ ଏସବୁ ସମସ୍ୟା ଦୂର ହେବ ବୋଲି ଆଶାକରି ଚାଷୀ ଓ ଜନସାଧାରଣଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି । ବିଜେପି ସରକାର କୃଷି ଓ କୃଷକଙ୍କ ବିକାଶ ପାଇଁ ସଂକଳ୍ପବଦ୍ଧ । ୧୫୨୪.୧୭ ହେକ୍ଟର ଅଂଚଳ ଜଙ୍ଗଲ ଜମିକୁ ମୋଦି ସରକାର ଅନୁମତି ଦେବା ଯୋଗୁଁ ୨୩ ହଜାର ୩୦୦ ହେକ୍ଟର ଜମି ଜଳସେଚିତ ହୋଇପାରିବ । ଖୁବ୍‌ଶୀଘ୍ର ବୃତଙ୍ଗ ଜଳସେଚନ ଯୋଜନା ଆରମ୍ଭ ହେବ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ । ଏହାଦ୍ୱାରା ନୟାଗଡ଼ ଜିଲାର ହଜାର ହଜାର କୃଷକ ଉପକୃତ ହୋଇପାରିବେ । ପାନୀୟ ଜଳର ମଧ ସୁବନ୍ଦୋବସ୍ତ ହୋଇପାରିବ । ଫଳରେ ଜିଲାରେ କୃଷି କ୍ଷେତ୍ରରେ ବିକାଶ ହେବା ସହ କୃଷକଙ୍କ ଆର୍ଥିକ ବିକାଶରେ ସହାୟକ ହୋଇପାରିବ । ଅଧପନ୍ତରିଆ ହୋଇ ପଡ଼ିରହିଥିବା ସମସ୍ତ ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ସହ ଆବଶ୍ୟକସ୍ଥଳେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ନୂତନ ଜଳସେଚନ ପ୍ରକଳ୍ପ ନିର୍ମାଣକୁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ସାମଲ କହିଛନ୍ତି ।

# ହୋଟେଲ ମାଲିକଙ୍କୁ ତଣ୍ଟି କାଟି ନିର୍ମମ ହତ୍ୟା: ଗଞ୍ଜେଇ ଚୋରା ଚାଲାଣକୁ ନେଇ ହତ୍ୟା ସନ୍ଦେହ

ନୂଆପଡ଼ା, ୧୦/୦୭ (ନି.ପ୍ର): ନୂଆପଡ଼ା ସହର ଏକ ହୋଟେଲ ମାଲିକଙ୍କୁ ତଣ୍ଟି କାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତକ ହୋଟେଲ ମାଲିକ ବରଗଡ଼ ଜିଲ୍ଲା ପାଇକମାଲ ଥାନା ମାଣ୍ଡୋସିଲ ଗାଁର ପିଙ୍କୁ କୁମାର ସାହୁ(୩୭) । ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ପଡିଛି । ବରଗଡ଼ ଜିଲ୍ଲା ପାଇକମାଲ ଥାନା ମାଣ୍ଡୋସିଲ ଗାଁର ପିଙ୍କୁ ନୂଆପଡ଼ା ସହର ତହସିଲ ଅଫିସ ସମ୍ମୁଖରେ ଏକ ହୋଟେଲକୁ ଭଡ଼ାରେ ଚଳାଉଥିଲେ । ସେ ମାଣ୍ଡୋସିଲ ଓ ନୂଆପଡ଼ାକୁ ଯିବା ଆସିବା କରି ରହୁଥିଲେ । ଆଜି ରାତି ପ୍ରାୟ ୯ ଟାରେ ମାଣ୍ଡୋସିଲ ଗାଁ ନିକଟ ଭୁତମୁଣ୍ଡା ରାସ୍ତାର ଏକ ଚାଷଜମି କିଛି ଯୁବକ ପିଙ୍କୁଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଚାଲି ଯାଇଥିଲେ । ସେଠି ଚାଷଜମି କାଦୁଅରେ ପିଙ୍କୁଙ୍କୁ ଗୁରୁତର ଅବସ୍ଥାରେ ଛାଡି ଚାଲିଥିଲେ । ରାତିରେ ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ପିଙ୍କୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପିଙ୍କୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପିଙ୍କୁଙ୍କ ତଣ୍ଟିକୁ କାଟି ହତ୍ୟା କରିଥିବା ସନ୍ଦେହ ହେଉଛି । ସେହିପରି ପିଙ୍କୁଙ୍କ ମୁଣ୍ଡ ଓ ଦେହରେ କ୍ଷତ ଚିହ୍ନ ଲାଗିଛି । ଏବେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହିଛି । ଆଜି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବାକୁ ରହିଛି ।

ସୂଚନା ଥାଉକି, ପୂର୍ବରୁ ପିଙ୍କୁ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ରହିଥିଲେ । ଏବେ ତାଙ୍କର ଗୋଷ୍ଠୀ ଦୁଇ ଭାଗ ହୋଇଛି । ଏହି ଗଞ୍ଜେଇ ଚୋରା ଚାଲାଣକୁ ନେଇ ହତ୍ୟା କରାଯାଇଥିବା ପାଇକମାଲ ପୁଲିସ ସନ୍ଦେହ କରିଛି ।

## ଜୁଲାଇ ୧୪ରେ ହେବ 'ମହାବାହୁ'ର ବାର୍ଷିକ ଉତ୍ସବ

ଉଦଳା , ୧୦/୭ (ନି.ପ୍ର): ଭକ୍ତି ଜ୍ଞାନ ସଂଚାର ସେବା ସମିତି, ଉଦଳା ଆନୁକୁଲ୍ୟରେ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଚଳିତ ଜୁଲାଇ ୧୪ ତାରିଖ ରବିବାର ସକାଳ ୧୦ ଘଟିକା ସମୟରେ ଆଧାତ୍ମିକ ପତ୍ରୀକା 'ମହାବାହୁ'ର ୧୧ ତମ ବାର୍ଷିକ ଉତ୍ସବ ଓ 'କିମ୍ବଦନ୍ତିରେ ଶ୍ରୀଜଗନ୍ନାଥ' ଶିର୍ଷକ ଆଲୋଚନାଚକ୍ର ସହିତ ଦଶମ ଅର୍ଘ୍ୟ ମହାବାହୁ – ୨୦୨୪ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ । ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବା ସହିତ ଏହାକୁ ସଫଳ କରିବା ପାଇଁ ଭକ୍ତିଜ୍ଞାନ ସଂଚାର ସେବା ସମିତିର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୁଥାଳ ଅନୁରୋଧ ଜଣାଇଛନ୍ତି ।

## ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଜୟପୁର , ୧୦/୭ (ନି.ପ୍ର): ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ଜୟପୁର ଆଲୁମିନି ଓ ବିଦ୍ୟାଳୟର ଅଧ୍ୟୟନ କରୁଥିବା କଳା ଛାତ୍ର ଛାତ୍ରୀ ମାନଙ୍କ ଦ୍ଵାରା ବିଦ୍ୟାଳୟର ସିମାଦ୍ରି ମହାରଣା କଳା ଭବନ ଠାରେ ଦାରୁ ଦେବତା ଚିତ୍ରକଳା ପ୍ରଦର୍ଶନୀ ଉଦଘାଟନ ହୋଇଛି। ଏହି ପ୍ରଦର୍ଶନୀରେ କଳା ବିଦ୍ୟାଳୟର ପୂର୍ବତନ ଛାତ୍ର ଏବଂ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ରଥ ଯାତ୍ରା ଉପଲକ୍ଷେ ଉଦଘାଟନ ହୋଇଛି । ଜଗନ୍ନାଥ ଙ୍କ ବିଷୟ ଆଧାରିତ ପେଂଟିଙ୍ଗ, କାନଭାସରେ ବିଭିନ୍ନ ରଙ୍ଗରେ କରାଯାଇଛି । ତତସହିତ କଳା ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇଥିବା ବେଳେ ପୌର ଅଧ୍ୟକ୍ଷ ରେନ୍ଦ୍ର କୁମାର ମହାନ୍ତି, ଜିଲା ସଂସ୍କୃତି ଅଧିକାରି ପ୍ରତି ସୁଧା ଜେନା, କଳା ବିଦ୍ୟାଳୟର ଯୁଧିଷ୍ଠୀର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନରେ ଅଧୟନ ରତ ଛାତ୍ର ଛାତ୍ରୀଙ୍କ ଦ୍ଵାରା ୩୫ଟି ଚିକ୍ରକଳା ପ୍ରଦର୍ଶନ କରାଯାଇଥିଲା ।ଏହି ପ୍ରଦର୍ଶନୀ ଆସନ୍ତା ୧୫ ତାରିଖ ଯାଏ ପ୍ରଦର୍ଶିତ ହେବ ।

# ସମସ୍ତ ବର୍ଗର ପାଠକ ପାଠିକାଙ୍କ ପାଇଁ ବାରିପଦା ଗୋପବନ୍ଧୁ ଭବନଠାରେ କାର୍ଯ୍ୟକାରୀ ହେଲା ସୂଚନା କେନ୍ଦ୍ର ତଥା ପାଠାଗାର




ବାରିପଦା, ୧୦/୭ (ନି.ପ୍ର): ବାରିପଦା ସହରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତିରେ ତିଆରି ହୋଇଥିବା ଗୋପବନ୍ଧୁ ଭବନ, ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ(ଭା.ପ୍ର.ସେ.)ଙ୍କ ପ୍ରଚେଷ୍ଟାରେ ଏକ ନୂଆ ପରିଚୟ ପାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଅଧୀନରେ ଥିବା ସୂଚନା କେନ୍ଦ୍ର ତଥା ପାଠାଗାର ଏହି ଗୋପବନ୍ଧୁ ଭବନକୁ ସ୍ଥାନାନ୍ତରିତ ହୋଇଛି। ଏହି ପାଠାଗାରଟି ଜୁଲାଇ ୪ ତାରିଖରୁ ପ୍ରତ୍ୟେକ ଦିନ ସକାଳ ୧୦ ଘଟିକାରୁ ପାଠକ ପାଠିକା ମାନଙ୍କ ପାଇଁ ଖୋଲିବା ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଥିବା ବେଳେ, ଏହି ପାଠାଗାରଟି ସରକାରୀ ଛୁଟି ଦିନ ମାନଙ୍କରେ ବନ୍ଦ ରହିବ ବୋଲି କୁହା ଯାଇଛି। ଗତ ଜୁଲାଇ ୬ ତାରିଖରେ ଉତ୍କଳମଣିଙ୍କ ପୂଣ୍ୟତିଥୀରେ ଜିଲ୍ଲାପାଳ ଯୋଗଦେଇ ଏହି ପାଠାଗାରକୁ ଅଧିକରୁ ଅଧିକ କିଭଳି ଜନାଦୃତ କରାଯିବ ସେ ବିଷୟରେ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେଇଥିଲେ। ନୂତନ ଭାବେ ଏହି ପାଠାଗାର ଖୋଲି ଥିବାରୁ ଏବଂ ଏହାକୁ କିଭଳି ଅଧିକ ଉନ୍ନତ କରାଯିବ ସେଥିପାଇଁ ମଧ ଆଗାମୀ ଦିନ ମାନଙ୍କରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ପାଠକ ମାନଙ୍କ ସମସ୍ତ ସୁବିଧା ପାଇଁ ନୂତନ ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ କାର୍ଯ୍ୟକରୁଥିବା ଗ୍ରନ୍ଥାଗାରୀକ ସୁଶ୍ରୀ ଛିଟା ସୋରେନ ଏହି ସୂଚନା କେନ୍ଦ୍ର ତଥା ପାଠାଗାର ଦାୟିତ୍ୱରେ ଅଛନ୍ତି। ପାଠକ ପାଠିକା ଏବଂ ବିଶେଷ କରି ଯୁବ ବର୍ଗ ଯେଉଁମାନେ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି ସେମାନଙ୍କ ପାଇଁ ଏହା ଏକ ଉତ୍କୃଷ୍ଟ ପରିବେଶ ହେବ ବୋଲି ଜିଲ୍ଲାପାଳ ଆଶା ପ୍ରକଟ କରିଛନ୍ତି ଏବଂ ସେମାନଙ୍କୁ ପଢା ବହି ବ୍ୟତୀତ ବିଭିନ୍ନ ପତ୍ର, ପତ୍ରିକା, ଉପନ୍ୟାସ, ଖବର କାଗଜ ନିର୍ଦ୍ଦ୍ୱନ୍ଦରେ ପଢିବାକୁ ଏହି ପାଠାଗାରରେ ସୁଯୋଗ ଦିଆଯିବ। ଆଗାମୀ ଦିନରେ ସରକାରୀ ପାଠାଗାରର ନିୟମ ଏବଂ ପ୍ରଶାସନର ସହଯୋଗରେ ଅଧିକ ନୂତନ ପୁସ୍ତକ, ସୂଚନା ପତ୍ରିକା ମାନ ଏଠାରେ ଉପଲବ୍ଧ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ। ପ୍ରକାଶ ଥାଉକି, ଜିଲ୍ଲାପାଳ ୧୨.୦୬.୨୦୨୪ ଦିନ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରଜନୀକାନ୍ତ ସ୍ୱାଇଁ ଏବଂ ଓଇଏ ଶିକ୍ଷାନବୀଶ, ସୁଶ୍ରୀ ଆଶନୀ ଏ ଏଲ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଓ ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଗୋପବନ୍ଧୁ ଭବନ ପରିଦର୍ଶନ କରି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### କାହା ଭୁଲରୁ ତାଳଧ୍ୱଜ ରଥରେ...

ଜଗନ୍ନାଥ ସ୍ୱାଇଁ ମହାପାତ୍ର କିନ୍ତୁ ସିଧାସଳଖ ଏଥିପାଇଁ ସେବକଙ୍କ ବିଶୃଙ୍ଖଳିତ ଆଚରଣକୁ ଦାୟୀ କରିଛନ୍ତି। ଜଗୁନି କହିଛନ୍ତି- ଯୁବ ସେବାୟତମାନେ କିଛି ମାନୁ ନାହାନ୍ତି। ରଥରେ ଦରକାରଠୁ ଅଧିକ ଗୁଣା ସେବାୟତ ଓ ଅଣସେବାୟତ ଚଢୁଛନ୍ତି। ସେମାନେ ଠାକୁରଙ୍କ ପ୍ରତି ଧ୍ୟାନ ଦେବା ପରିବର୍ତ୍ତେ ମୋବାଇଲ୍ ଧରି ଫଟୋ ଉଠାଇବା ସାଙ୍ଗକୁ ରିଲ୍ ନିଶାରେ ମସଗୁଲ୍ ହେଉଛନ୍ତି। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗା ଦାସ ମହାପାତ୍ର କହିଛନ୍ତି, ପହଣ୍ଡି ବେଳେ ବିଶୃଙ୍ଖଳା ରୋକିବାକୁ ଦଇତାପତି ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଅନେକ ଥର ଚିଠି ଲେଖାଯାଇଛି। ତାସତ୍ତ୍ୱେ କିଛି ଆକ୍ସନ ନିଆଯାଉନାହିଁ। ଯାହା ଫଳରେ ଆଗାମୀ ଦିନରେ ଶୃଙ୍ଖଳିତ ରଥଯାତ୍ରା ହେବା ନେଇ ବି ଆଶଙ୍କା ସୃଷ୍ଟି ହେଲାଣି। ଏସବୁ ଭିତରେ ଆହୁରି ପ୍ରଶ୍ନ ଉଠିଛି ଯେ- ଗତକାଲିର ଘଟଣା ପାଇଁ ଖାଲି ସେବକ ନା ମନ୍ଦିର ପ୍ରଶାସନ ବି ଦାୟୀ ? ମହାପ୍ରଭୁଙ୍କ ଆଡ଼ପ ପହଣ୍ଡି ସମୟରେ କାହିଁକି ଉପସ୍ଥିତ ନଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ? ସେବାୟତଙ୍କ ସହ ମନ୍ଦିର ପ୍ରଶାସନର ଅଧିକାରୀମାନେ ସମନ୍ୱୟ ରକ୍ଷା କରିଥିଲେ କି ନାହିଁ ? ରଥ ଉପରକୁ ଅନଧିକୃତ ଓ ଅନାବଶ୍ୟକ ସେବାୟତଙ୍କୁ ଚଢ଼ିବାକୁ କାହିଁକି ବାରଣ କରାଯାଇ ନଥିଲା ? ଚାରମାଳ ଓ ପାଟଡୋର ଠିକ୍ ରେ ବନ୍ଧା ଯାଇଛି କ ନାହିଁ ତାର ଯାଞ୍ଚ ସହ ନିରୀକ୍ଷଣ କାହିଁକି ହୋଇନଥିଲା ? ସବୁ ଅଘଟଣକୁ ଠାକୁରଙ୍କ ଲୀଳା କହି ବିନା କାର୍ଯ୍ୟାନୁଷ୍ଠାନରେ ନୀତି କରାଯାଉଥିବାରୁ ସେବକଙ୍କ ମନରେ ଆଉ ଡର ରହୁନାହିଁ କି ? ତାସହ ଠାକୁରଙ୍କ ବଡ଼ ବଡ଼ ନୀତିକାନ୍ତି ବେଳେ ବରିଷ୍ଠ ସେବକମାନେ କେବଳ ରଥରେ ବସି ରହିବା ସହ ଯୁବ ଓ ଅନଭିଜ୍ଞ ସେବାୟତଙ୍କ ହାତରେ ସବୁ ଦାୟିତ୍ୱ ଛାଡ଼ି ଦେଉଥିବାରୁ ବାରମ୍ବାର ଅଘଟଣ ଘଟୁନାହିଁ ତ ? ତେଣେ ଗତକାଲିର ଘଟଣାକୁ ନେଇ କ୍ଷୁବ୍ଧ ଜଗନ୍ନାଥ ସେନା ପକ୍ଷରୁ ଆଜି ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ବି ଦାବି କରିଛି ଜଗନ୍ନାଥ ସେନା। ବାରମ୍ବାର ଅଘଟଣ, ବାରମ୍ବାର ଜଗନ୍ନାଥ ପ୍ରେମୀଙ୍କ ହୃଦୟକୁ ଆଘାତ। ଏହା ବନ୍ଦ ନହେଲେ ଖାଲି ଯେ ଜଗନ୍ନାଥ ସଂସ୍କୃତି ପ୍ରତି ବଡ଼ ଅପମାନ ହେବ ତା ନୁହେଁ, ଶ୍ରୀଜିଉଙ୍କ ଶ୍ରୀଅଙ୍ଗକୁ ବି ପହଞ୍ଚାଇବ ଘୋର କ୍ଷତି। ଆଉ ଏହାକୁ ଠାକୁରଙ୍କ ଲୀଳା କହି ଖସିଯିବାଟାକୁ ବି ସହଜରେ ଗ୍ରହଣ କରିପାରୁନାହାନ୍ତି ଖୋଦ୍ ମହାପ୍ରଭୁଙ୍କ ସେବକ ଓ ଶ୍ରୀମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ।

### ଦିଲ୍ଲୀରେ ଭାଙ୍ଗୁଛି ...

ଏହି ଆସନରୁ ବାଂଶୁରୀ ସ୍ୱରାଜ ବିଜୟୀ ହୋଇଥିଲେ । ଏଠାରୁ ଆପ୍ ଟିକେଟରୁ ନିର୍ବାଚନ ଲଢିଥିବା ସୋମନାଥ ଭାରତୀଙ୍କୁ ବାଂଶୁରୀ ସ୍ୱରାଜ ୭୮୩୭୦ ଖଣ୍ଡ ଭୋଟରେ ପରାଜିତ କରିଥିଲେ । ପଟେଲ ନଗରର ପୂର୍ବତନ ବିଧାୟକ ରାଜକୁମାର ଆନନ୍ଦ କେଜ୍ରିୱାଲଙ୍କ ମନ୍ତ୍ରୀମଣ୍ଡଳରେ ସମାଜ କଲ୍ୟାଣ ମନ୍ତ୍ରୀଥିଲେ।

# ଲେଖକ ମାଧବ କୌଶିକ ପାଇବେ ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର



ନୀଳଗିରି, ୧୦/୭ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୬ତମ ସ୍ଥାପନା ଦିବସ ଅବସରରେ, ସୁପ୍ରସିଦ୍ଧ ଲେଖକ ତଥା ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକ ଙ୍କୁ ୨୦୨୪ ମସିହା ପାଇଁ ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। ବିଭିନ୍ନ ପ୍ରତିଷ୍ଠା ଦିବସ ତଥା ରୌପ୍ୟଜୟନ୍ତୀ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ, ଶ୍ରୀ କୌଶିକ ଙ୍କୁ ଭାଷା ଓ ସାହିତ୍ୟ କ୍ଷେତ୍ରରେ ସାମଗ୍ରିକ କୃତି ପାଇଁ, ଏହି ସାରସ୍ୱତ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି। ମାଧବ କୌଶିକ ଙ୍କ ରଚିତ ପୁସ୍ତକ ମଧ୍ୟରେ ,' ଉଡନେ କୋ ଆକାଶ ମିଲେ', ' ଠିକ୍ ଉସି ୱ୍କ୍ତ' ,' କଡି ଧୂପ ମଁ ନଙ୍ଗେ ପୈରୋଁ', 'ମେରୀ ଚୁନିନ୍ଦା କାହାନିଆଁ', ' ରୋଶନୀ ୱାଲି ଖିଡକୀ' ଇତ୍ୟାଦି ଖୁବ ପ୍ରସିଦ୍ଧିଲାଭ କରିଅଛି। ସେ ପାଇଥିବା ପୁରସ୍କାର ମଧ୍ୟରେ ' ଅଖିଲ୍ ଭାରତୀୟ ବଲରାଜ ସାହାନୀ ପୁରସ୍କାର ' , ' ମହାକବି ସୁରଦାସ ସମ୍ମାନ ', ' ସୁବ୍ରମଣ୍ୟମ ଭାରତୀ ଜାତୀୟ ପୁରସ୍କାର ' ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଶ୍ରୀ କୌଶିକ ବର୍ତ୍ତମାନ ଜ୍ଞାନପୀଠ ପୁରସ୍କାର ଚୟନ କମିଟିର ସଦସ୍ୟ ଭାବେ ମଧ୍ୟ ରହିଛନ୍ତି।

ଓଡ଼ିଆ ଭାଷା ସାହିତ୍ୟର ପ୍ରାତଃସ୍ମରଣୀୟ ସାହିତ୍ୟିକ ଫକୀରମୋହନ ସେନାପତିଙ୍କ ନାମରେ ନାମିତ ଏହି ପୁରସ୍କାର ଏଥି ପୂର୍ବରୁ ୟୁ.ଆର ଅନନ୍ତମୂର୍ତ୍ତୀ, ପେରୁମଲ ମୁରୁଗନ ଓ ଅଳକା ସରାଗୋଇଙ୍କୁ ପ୍ରଦାନ କରାଯାଇଛି । ମାନପତ୍ର ସମ୍ମାନ ସହ ଶ୍ରୀ କୌଶିକ ଙ୍କୁ ଏକଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଦତ୍ତ ' ବ୍ୟାସଗୌରବ ସମ୍ମାନ-୨୦୨୪' , ବିଶିଷ୍ଟ ଲେଖକ ଓ ପ୍ରଶାସକ ଶ୍ରୀ ବିଜୟ ନାୟକ ଓ ପ୍ରଖ୍ୟାତ ନାଟ୍ୟକାର ଶ୍ରୀ ହେମେନ୍ଦ୍ର ମହାପାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯିବ। ତରୁଣ କଥାକାରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ କବିତା ବାରିକ ପ୍ରଦତ୍ତ ' ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁବଗାଳ୍ପିକ ପୁରସ୍କାର ' ଗାଳ୍ପିକା ଶୁଶ୍ରୀ ଲୋପାମୁଦ୍ରା ମିଶ୍ରଙ୍କୁ ପ୍ରଦାନ କରାଯିବ। ଏଥିସହିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଗଳ୍ପ ଲିଖନ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଚଳିତ ' ମନୋଜାୟନ' ସଂଗଠନ ଦ୍ୱାରା ' ମନୋଜ ନବପ୍ରତିଭା କଥା ପୁରସ୍କାର' ପାଇଁ ବିଶ୍ୱବିଦ୍ୟାଳୟ ଛାତ୍ରୀ ରଞ୍ଜିତା ବେହେରା ମନୋନୀତ ହୋଇଛନ୍ତି। ଏଥିସହିତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କବିତା ଲିଖନକୁ ପ୍ରୋତ୍ସାହିତ କରିବା ପାଇଁ ସୁମନ୍ତ ମଲ୍ଲିକ ଙ୍କୁ ' ଜୟନ୍ତ ମହାପାତ୍ର କବିତା ପୁରସ୍କାର ' ଦିଆଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ପୁରସ୍କାର ଟି ' ଦି ଓଡ଼ିଶା ଆସୋସିଏସନ ଫର୍ ଇଂଲିଶ ଷ୍ଟଡିଜ' ଦ୍ୱାରା ପ୍ରୋତ୍ସାହିତ ହୋଇଛି। ବିଶ୍ୱବିଦ୍ୟାଳୟ ୨୬ତମ ପ୍ରତିଷ୍ଠା ଦିବସ ସମାରୋହରେ ମାନ୍ୟବର ମନ୍ତ୍ରୀ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି , କ୍ରୀଡା ଓ ଯୁବ ବ୍ୟାପାର ବିଭାଗ, ଓଡିଶା ସରକାର, ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ମୂଖ୍ୟ ଅତିଥି ଭାବରେ ଯୋଗଦାନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ତତସହିତ ମାନ୍ୟବର ସାଂସଦ, ବାଲେଶ୍ୱର, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗଦେବା ପାଇଁ ସ୍ୱୀକୃତ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମକୁ ସ୍ଥାନୀୟ ତିନି ଜଣ ବିଧାୟକ ବିଶେଷ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେବେ ବୋଲି ସୂଚୀତ କରାଯାଇଛି। ଏହି ଅବସରରେ ବିଶିଷ୍ଟ ଲେଖକ ତଥା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ମାଧବ କୌଶିକ ମୂଖ୍ୟବକ୍ତା ଭାବେ ଯୋଗଦେବେ। ବିଶିଷ୍ଟ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ ଶ୍ରୀ ହେମେନ୍ଦ୍ର ମହାପାତ୍ର ତଥା ବିଶିଷ୍ଟ ଲେଖକ, ଅତିରିକ୍ତ ସଚିବ, ରାଷ୍ଟ୍ରପତି ଭବନ, ନୂଆଦିଲ୍ଲୀ ରୁ ଆମନ୍ତ୍ରିତ ଶ୍ରୀ ବିଜୟ କୁମାର ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେବେ । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟ ରେ ଏହି ୨୬ତମ ପ୍ରତିଷ୍ଠା ଦିବସର ମୂଖ୍ୟ କାର୍ଯ୍ୟକ୍ରମ ସମ୍ପାଦିତ ହେବାର କାର୍ଯ୍ୟକ୍ରମ ରହିଛି।

# ଓଜନ ମେସିନ ଟ୍ୟାମ୍ପରୀଙ୍ଗକୁ ନେଇ ବିବାଦ: ଓଜନ ଓ ମାପ ବିଭାଗର ଭୁଲ ଯୋଗୁଁ ରିଟେଲର ଓ ଉପଭୋକ୍ତା ହନ୍ତସନ୍ତ

ବାସୁଦେବପୁର, ୧୦/୭ (ନି.ପ୍ର): ରିଟେଲର ଙ୍କ ଦ୍ୱାରା ହିତାଧିକାରୀ ମାନଙ୍କୁ ଓଜନ ମେସିନ ରେ ହେରା ଫେରି କରି ଚାଉଳ ଦିଆ ଯାଉ ଥିବା ଘଟଣା କିଛି ପ୍ରମୁଖ ଓଡ଼ିଆ ସମ୍ବାଦପତ୍ର ରେ ବାହାରିବା ପରେ ଆମ ପ୍ରତିନିଧି ଘଟଣା ର ସତ୍ୟତା ଜାଣିବାପାଇଁ ପହଂଚି ଥିଲେ ଭଦ୍ରକ ଜିଲ୍ଲା ବାସୁଦେବପୁର ପୌର ପାଳିକା ର ୧୩ ନମ୍ବର ୱାର୍ଡ ରେ। ସୂଚନା ଅନୁଯାଇ ସାଧାରଣ ନିର୍ବାଚନ ପରେ ଯୋଗାଣ ବିଭାଗ ପକ୍ଷରୁ ୩ ମାସ ର ମାଗଣା ଚାଉଳ ଯୋଗାଇ ଦିଆ ଯାଇଛି। ଏହି ଚାଉଳ ବଣ୍ଟନ ପାଇଁ ରିଟେଲର ରାକେଶ ମହାନ୍ତି ଚାଉଳ ଉଠାଇ ନିଜ ବଡଭାଇ ବିଶ୍ୱଜିତ ଙ୍କୁ ବଣ୍ଟନ କରିବା ପାଇଁ କହିଥିଲେ। କିଛି ଉପଭୋକ୍ତା ଚାଉଳ କମ ରହୁଥିବା ନେଇ ସନ୍ଦେହ କରି ଅନ୍ୟ ଦଣ୍ଡି ରେ ପକାଇବା ପରେ ପାଖାପାଖି ମୁଣ୍ଡ ପିଛା ୨୦୦ ଗ୍ରାମ ଚାଉଳ କମ ଥିବା ଦେଖି ଅସନ୍ତୁଷ୍ଟ ହେବା ସହ ରିଟେଲର ଦାଇତ୍ୱ ରେ ଥିବା ବିଶ୍ୱଜିତ ଙ୍କୁ ଜଣାଇ ଥିଲେ। ମାତ୍ର ମାସକ ପୁର୍ବରୁ ଓଜନ ମାପ କଣ୍ଟା କୁ ରିନୁ କରିଥିବା ରିଟେଲର ମାପ କଣ୍ଟା ରେ ତୃଟି ଥିବା ଜାଣି ଆଶ୍ଚର୍ଯ୍ୟ ହେବା ସହ ଯେଉଁ ମାନେ ଚାଉଳ ନେଇଥିଲେ ସେମାନଙ୍କୁ ଚାଉଳ ଫେରାଇଦେବା ପାଇଁ କହିବା ସହ ମାପ କଣ୍ଟା ସଜଡା ହେବାପରେ ପୁନର୍ବାର ଚାଉଳ ଦିଆଯିବ କହି ଗୋଦାମ ଘର ବନ୍ଦ କରିଦେଇ ଥିଲେ। ଅପର ପଟରେ ଗଣ ମାଧ୍ୟମ ପାଖରେ ଖବର ପହଂଚିବା ପରେ ଅକଳ ରେ ପଡିଯାଇଥିଲେ ମାପ ଓ ଓଜନ ବିଭାଗ। ସିଲ ଖୋଲା ଯାଇ ନ ଥିବା ମାପ କଣ୍ଟା ରେ କିପରି ଓଜନ କମ ହେଲା ଏହାର ସଠିକ ଉତ୍ତର ନଦେଇ ସବୁ ଦୋଷ ରିଟେଲର ର ବୋଲି କହି ଥିଲେ। ଏଠି ପ୍ରଶ୍ନ ସିଲ ଖୋଲା ନଯାଇ ମାପ କଣ୍ଟା ଟାମ୍ପରିଙ୍ଗ କରି ହେବକି ? ଯଦି ହଁ ତାହେଲେ ଓଜନ ଓ ମାପ ବିଭାଗ ପକ୍ଷରୁ ରିନୁ ବାବଦରେ ବର୍ଷକୁ ଛ ହଜାର ଟଙ୍କା ରୁ ଅଧିକ ଟଙ୍କା ନେଉଥିବା ଏହି ବିଭାଗ ଏହାକୁ ରୋକିବାକୁ କାହିଁକି କରୁନି ପ୍ରୟାସ ? ବାସ୍ତବ କଥା ଓଜନ କଣ୍ଟା କୁ ଠିକ ଭାବେ ନ ପରଖି ସିଲ କରୁଥିବା ଅଧିକାରୀ ମାନେ ନିଜ ମୁଣ୍ଡରୁ ଦୋଷ ଖସାଇବା ପାଇଁ ରିଟେଲର ଉପରେ ଦୋଷ ଲଦୁନାହାଁନ୍ତି ତ? ନା ବିଚରା ରିଟେଲର କୁ ହଟାଇବା ପାଇଁ ହୋଇଛି ଷଡ଼ଯନ୍ତ୍ର? ଏବେ ଆସନ୍ତୁ ଶୁଣି ନେବା ଘଟଣା ପଛର ସତ୍ୟତା କୁ ନେଇ ଉପଭୋକ୍ତା ମାନଙ୍କ ପ୍ରତିକ୍ରିୟା।

# ନୀଳଗିରି ବ୍ଲକ ନିୟମିତ ଲେଭେଲ -୫ ଶିକ୍ଷକ ମହାସଂଘର ୪ ଦଫା ଦାବି ସମ୍ବଳିତ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ



ନୀଳଗିରି : ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ନିୟମିତ ଲେଭେଲ -୫ (ଏକ୍ସ କେଡର) ମହାସଂଘର ସଭାପତି ଅକ୍ଷୟ କୁମାର ଦାସ ଏବଂ ସାଧାରଣ ସମ୍ପାଦକ ରତିକାନ୍ତ ବେହେରାଙ୍କ ନେତୃତ୍ୱରେ ସଂଘର ସଦସ୍ୟ ଓ ସଦସ୍ୟା ମାନଙ୍କର ଏକ ପ୍ରତିନିଧି ଦଳ ନବନିର୍ବାଚିତ ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କୁ ଭେଟି ସୌଜନ୍ୟ ମୂଳକ ସାକ୍ଷାତ କରିବା ସହିତ ୪ଦଫା ସମ୍ବଳିତ ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ବୁଧବାର ଏହି ପ୍ରତିନିଧି ଦଳ ବିଧାୟକ ସନ୍ତୋଷ ଖଟୁଆଙ୍କ ବାସଭବନରେ ଭେଟି ସଂଘ ତରଫରୁ ବଧାଇ ଜଣାଇଥିଲେ। ଏଥିସହିତ ବିଜେପିର ନୂତନ ସରକାର ତାଙ୍କର ଦୀର୍ଘଦିନର ଦାବୀ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆଗ୍ରହ ପ୍ରକାଶ କରିଥିଲେ। ପ୍ରମୁଖ ଦାବୀ ମଧ୍ୟରେ ଏକ୍ସ୍ କେଡର ଉଚ୍ଛେଦ କରି ନିୟମିତ ଲେଭେଲ -୫ ଏଲିମେଣ୍ଟାରି କେଡର ଶିକ୍ଷକ ମାନଙ୍କୁ ପଦନ୍ନୋତି ଭିତ୍ତିକ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା, ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ, ଓଟିଇଟି ଉଚ୍ଛେଦ କରି ୧.୩.୨୦୨୦ଠାରୁ ବର୍ଦ୍ଧିତ ଦରମା ପ୍ରଦାନ, ନୂତନ ଅବସରକାଳୀନ ରାଶି ପରିବର୍ତ୍ତେ ପୁରାତନ ପେନସନ ପ୍ରଦାନ କରିବା ପାଇଁ ରାଜ୍ୟର ମୋହନ ସରକାରଙ୍କ ନିକଟରେ ଦାବୀ କରିଛନ୍ତି। ଏହି ସାକ୍ଷାତକାର ସମୟରେ ସଂଘର ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉପସଭାପତି ଆରତୀ ମହାପାତ୍ର, ସହ ସଂପାଦିକା ସୁବାସିନୀ ବିଶ୍ୱାଳ, କୋଷାଧ୍ୟକ୍ଷ ମହେନ୍ଦ୍ର ଦାସ, ସହ କୋଷାଧ୍ୟକ୍ଷା ତୁଳସୀପ୍ରୀୟା ମିଶ୍ର, ସାଂଗଠନିକ ସଦସ୍ୟ ବାସନ୍ତୀ ନାୟକ, ଶ୍ରୀମତୀ ଦାସ, ନମିତା ବିଶ୍ୱାଳ, ଅନିଲ କୁମାର ଲେଙ୍କା, ତୁଷାରକାନ୍ତ ସାହୁ ପ୍ରମୁଖ ପ୍ରତିନିଧି ବିଧାୟକଙ୍କୁ ଭେଟି ଦାବୀ ରଖିଛନ୍ତି। ତେବେ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ ବିଷୟ ଅବଗତ କରାଇବା ସହିତ ଶିକ୍ଷକ ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ୮୯ ତମ ଜୟନ୍ତୀ ପାଳିତ




ରୂପସା , ୧୦/୭ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଓଡ଼ିଶା ପ୍ରାନ୍ତ ମୁନି ସମାଜର ପ୍ରାଣ ପ୍ରତିଷ୍ଠାତା ତଥା ଓଡ଼ିଆ ଭାଷାରେ ଅନେକ ପୁସ୍ତକର ରଚୟିତା ଏବଂ ଜ୍ଞାନଦୀପ ପତ୍ରିକାର ସଂସ୍ଥାପକ ସମ୍ପାଦକ ପରମପୂଜ୍ୟ ଦିବଙ୍ଗତ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ମୁନି ଶିରୋମଣି ସୁବାସ ମୁନିଜୀ ଙ୍କ ୮୯ ତମ ଶୁଭ ଜନ୍ମ ଜୟନ୍ତୀ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ମୁନି ସମାଜର ଜ୍ୟୋତି ,ଜିଲ୍ଲା ସମ୍ପାଦକ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଅତିଥି ହିସାବରେ ଯୋଗଦାନ କରିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ ।ସେ ପରମପୂଜ୍ୟ ସୁବାସ ମୁନିଜୀ ଙ୍କର ସାଧନାର ସିଦ୍ଧି,ତାଙ୍କର ଅଲଉକିକ ପ୍ରତିଭା ସହିତ ତାଙ୍କର ଜୀବନ ଆଦର୍ଶ ଯୋଗମୟ ଜୀବନ ଉପରେ ଆଲୋକ ପାତ କରିଥିଲେ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ ।ସେ ତାଙ୍କର ଯୋଗ ଦୀକ୍ଷା ଗୁରୁ ପରମପୂଜ୍ୟ ସୁବାସ ମୁନିଜୀ ଙ୍କର ପୁରା ଜୀବନୀ ସହିତ,ତାଙ୍କ ରଚିତ ବହୁ ପୁସ୍ତକର ବ୍ୟାଖ୍ୟା କରି ଗୁରୁଙ୍କୁ ସର୍ବଶ୍ରେଷ୍ଠ ଆସନରେ ଆସୀନ କରାଇଥିଲେ । ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ,ସେ ଗୁରୁ ଏବଂ ଗୁରୁମାନଙ୍କର ସ୍ନେହ ଶ୍ରଦ୍ଧା ଏବଂ ତାଙ୍କର ଯୋଗମୟ ଉପଦେଶ ଉପରେ ଆଲୋକପାତ କରିଥିଲେ ।ମଞ୍ଚାସୀନ ଥିଲେ କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମହୋଦୟା ।ସେ ଆଜିର ଶୁଭ ଜନ୍ମଦିନ ରେ ସୁବାସ ମୁନିଙ୍କ ରଚିତ ଅନେକ ସଙ୍ଗୀତ ଗାନ କରିଥିଲେ ।ଏହା ସହିତ,ଆଶ୍ରମର ଆଦର୍ଶ ଯୋଗ ସାଧିକା ମୁନିରାଜ୍ଞୀ ବିମଳା ଲେଙ୍କା ଙ୍କ ସୁ ଦୁହିତା, ମୁନିମତୀ ରୀତା ବିଶ୍ୱାଳ ଏବଂ ଉତ୍ତମ ଜ୍ୱାଇଁ ମୁନି ମଳୟ ବିଶ୍ୱାଳ ଙ୍କର ୨୨ ତମ ଶୁଭ ବିବାହ ବାର୍ଷିକୀ ମଧ ହର୍ଷୋଲ୍ଲାସ ଚିତ୍ତରେ ବହୁ ଆନନ୍ଦରେ ପାଳନ କରାଯାଇଥିଲା ।ସମସ୍ତଙ୍କୁ ମିଷ୍ଟି ମୁଖରେ ଆହ୍ଲାଦିତ କରିଥିଲେ ।ଉପସ୍ଥିତ ଥିଲେ, ଆଶ୍ରମର ଉପାଧକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା ।ସେ ସମସ୍ତ ଆଶ୍ରମ ବାସୀଙ୍କୁ,ଅନୁରୋଧ କରିଥିଲେ ଏବଂ ସଙ୍ଗରେ ନେଇ ଯାଇଥିଲେ ତାଙ୍କ କାଦ ମ୍ଉଦା ସ୍ଥିତ ବାସ ଭବନକୁ ,ଆଜିର ଏହି ଶୁଭ ଲଗ୍ନ ରେ ଦୀର୍ଘ ସାତ ବର୍ଷ ତଳେ ତାଙ୍କ ସ୍ୱାମୀ ଙ୍କର ଦେହାନ୍ତ ହୋଇଥିଲା,ଆଜି ସେଇ ପତି ପରମ ଗୁରୁ ଦିବଙ୍ଗତ ମୁନି କହ୍ନେଇ ଚରଣ ମହାପାତ୍ରଙ୍କର ୭ ମ ଶ୍ରାଦ୍ଧବାର୍ଷିକୀ ପାଳନ ନିମନ୍ତେ ।ସେଠାରେ ସଭାପତି ଶ୍ରାଦ୍ଧ ଦିବସ ପାଳନ ର ଉଦ୍ଦେଶ୍ୟରେ ବହୁ ଉପଦେଶ ମାନ ପ୍ରଦାନ କରିଥିଲେ ।ଅନ୍ୟମାନେ ତାଙ୍କର ସ୍ମୃତି ଚାରଣ ରେ,ସେ ଜଣେ ସତ୍ୟନିଷ୍ଠ ଆଦର୍ଶ ପରୋପକାରୀ ବ୍ୟକ୍ତି ବୋଲି ବର୍ଣ୍ଣନା କରିଥିଲେ ।ତାଙ୍କର ହୃଦୟର ଅନ୍ତିମ ଆଶା ଥିଲା ତାଙ୍କ ଅନ୍ତେ,ତାଙ୍କ ସୁପୁତ୍ରଗଣ ଏକମନ,ଏକ ଭାବନା ରେ ସମସ୍ତେ ଏକାତ୍ମ ହୋଇ ଜୀବିକା ନିର୍ବାହ କରନ୍ତୁ ।ଉପସ୍ଥିତ ଥିଲେ,ମୁନି ନାରାୟଣ ମହାପାତ୍ର,ସୁଦର୍ଶନ ବର,ଗଣେଶ୍ୱର ବର, ହୃଷିକେଶ ପରିଡ଼ା,ମଳୟ ବିଶ୍ୱାଳ,ମୁନି କୁମାର ତାପସ, ମୁନିରାଜ୍ଞୀ ବିମଳା ଲେଙ୍କା,ମୁନିମତୀ ବାସନ୍ତୀ ମହାଳିକ,ସଙ୍ଘଯୁକ୍ତା ପରିଡ଼ା,ରୀତା ବିଶ୍ୱାଳ,ସୁମତୀ ବେହେରା, ଶକୁନ୍ତଳା ପରିଡ଼ା, ଉର୍ମିଳା ପଣ୍ଡା, ମିନତୀ ବର,ଯମୁନା ବର, ପୂର୍ଣ୍ଣମା ବର,ଯମୁନା ପାତ୍ର ଏବଂ ମୁନି କୁମାରୀ ମିନତୀ ଦଳାଇ ଏବଂ ଉପାଧକ୍ଷା ଙ୍କ ପରିବାରର ସମସ୍ତ ସଦସ୍ୟ-ସଦସ୍ୟା ବନ୍ଧୁ ବାନ୍ଧବ ଜିଜ୍ଞାସୁ ଜନାର୍ଦ୍ଦନ ପ୍ରମୁଖ ।ଶେଷରେ ମୁନି ନାରାୟଣ ମହାପାତ୍ର ପରମପୂଜ୍ୟ ପିତାଙ୍କ ଶ୍ରାଦ୍ଧ ବାର୍ଷିକରେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ପତ୍ନୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଗଂଜାମ , ୧୦/୭ (ନି.ପ୍ର): ଭଂଜନଗର ଥାନା ବେଣାକୁଦା ଗ୍ରାମ ରେ ଶ୍ରୀନିବାସ ଜେନା ତାଙ୍କ ପତ୍ନୀ ଜାଗୃତି (୨୫)କୁଂ ହତ୍ୟା କରିବା ଅଭିଯୋଗରେ ଭଂଜନଗର ପୁଲିସ୍ ଗିରଫ କରିଛି ।ଗତକାଲି ସଂଧ୍ୟାରେ ଜାଗୃତିର ମୃତଦେହ ତାଙ୍କର ଘରୁ ପୋଲିସ ଜବତ କରିଛି । ଶାଶୁଘର ଲୋକେ ମାରିଦେଇ ଜାଗୃତିକୁ ଝୁଲାଇ ଦେଇଛନ୍ତି ବୋଲି ମାଆ ତୁଳା ସ୍ୱାଇଁ ଥାନାରେ ଅଭିଯୋଗ କରିବା ଫଳରେ ପୁଲିସ୍ ଘଟଣା ର ଅଧିକ ତଦନ୍ତ କରୁଛି ଓ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଭଂଜନଗର ଡାକ୍ତର ଖାନା କୁ ପଠାଇଛି।

ଗୁରୁବାର, ଜୁଲାଇ ୧୧, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ୭୬ ଆରଆର ବ୍ୟାଚର ଆଇପିଏସ ପ୍ରଶିକ୍ଷୁମାନଙ୍କ ପାରାଦୀପ ସ୍ଥିତ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ- ୭ରେ ଭ୍ରମଣ

ପାରାଦୀପ, ୧୦/୭ (ନି.ପ୍ର): ସର୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ପୁଲିସ ଆକାଡେମୀର ୭୬ ଆର ଆର ବ୍ୟାଚର ୨୫ ଜଣ ଆଇପିଏସ ପ୍ରଶିକ୍ଷୁମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ ୧୦ ଜୁଲାଇରେ ପାରାଦୀପ (ଓଡିଶା) ସ୍ଥିତ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ-୭ରେ ଅନୁଷ୍ଠିତ ହୋଇଥିଲା।ଆଇପିଏସ ପ୍ରଶିକ୍ଷୁ ମାନଙ୍କୁ ଭାରତୀୟ ତଟ ରକ୍ଷକର ଭୂମିକା ଓ ଦାୟିତ୍ୱଗୁଡ଼ିକ ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା। ଭାରତୀୟ ତଟ ରକ୍ଷକ ପାରାଦୀପରେ ଥିବା ସାମୁଦ୍ରିକ ଉଦ୍ଧାର ଉପକେନ୍ଦ୍ର, ସୁଦୂର ସଂଚାର କେନ୍ଦ୍ର ଓ ସଂଚାର କକ୍ଷର କାର୍ଯ୍ୟାନୁଷ୍ଠାନ ପ୍ରଣାଳି ବିଷୟରେ ଅବଗତ କରାଯିବା ସହିତ ତଟ ରକ୍ଷକ ଜାହାଜରେ ମଧ ଭ୍ରମଣର ବ୍ୟବସ୍ଥା କରାଯାଇଥିଲା। ପ୍ରଶିକ୍ଷୁ ମାନଙ୍କୁ ସମୁଦ୍ରରେ ଭାରତୀୟ ତଟ ରକ୍ଷକ ଦ୍ୱାରା ବିଭିନ୍ନ ମିଶନ ସମ୍ବନ୍ଧରେ, ଯଥା ସନ୍ଦେହାସ୍ପଦ ଜାହାଜଗୁଡ଼ିକର ତଦନ୍ତ, ବୋର୍ଡିଂ ପ୍ରକ୍ରିୟା, ଖୋଜିବା ଏବଂ ଉଦ୍ଧାର, ସାମୁଦ୍ରିକ ପ୍ରଦୂଷଣ ପ୍ରତିକ୍ରିୟା ଓ ସମୁଦ୍ରରେ ସଚେତନତା ଉନ୍ନତି ପ୍ରୟାସ ବିଷୟରେ ଅବଗତ କରାଯାଇଥିଲା। ଏହି ଭ୍ରମଣରେ ପ୍ରଶିକ୍ଷୁ ମାନଙ୍କୁ ଭାରତୀୟ ତଟ ରକ୍ଷକ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ବାର୍ତ୍ତା ଆଦାନ ପ୍ରଦାନ କରିବା ପାଇଁ ଏକ ମଞ୍ଚ ଓ ସୁଯୋଗ ପ୍ରଦାନ କରିଥିଲା, ବିଶେଷକରି ତଟ ସୁରକ୍ଷା ସମ୍ବନ୍ଧରେ ବିଭିନ୍ନ ଜ୍ଞାନ ଓ ଭାବନା ବିନିମୟ କରାଯାଇଥିଲା । ଏହି ପ୍ରଶିକ୍ଷଣ ତଟିୟ ସୁରକ୍ଷାରେ ପରସ୍ପର ମଧ୍ୟରେ ସହଯୋଗକୁ ଆହୁରି ଆଗକୁ ବଢ଼ାଇବ ବୋଲି ସୂଚନା ମିଳିଛି।




## ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ

ବାଲେଶ୍ୱର, ୧୦/୭ (ନି.ପ୍ର): ବାଲେଶ୍ୱର ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ ହୋଇଯାଇଛି ଓ ୧୯୫୭ ମସିହା ଜୁଲାଇ ୧୦ ତାରିଖ ଦିନ ଅନୁଗୁଳସ୍ଥିତ ସରକାରୀ ମତ୍ସ୍ୟ ଫାର୍ମ ଠାରେ ତତ୍କାଳୀନ ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ଗଜେନ୍ଦ୍ର ନାଥ ମିତ୍ରଙ୍କ ତତ୍ତ୍ୱାବଧାନରେ ମତ୍ସ୍ୟ ବୈଜ୍ଞାନିକ ଡ଼. ହୀରାଲାଲ ଚୌଧୁରୀ ଓ ଡ଼ ଅଲି କୁହ୍ନି ପ୍ରଥମ ଥର ପାଇଁ କାର୍ପ ମାଛର କୃତ୍ରିମ ପ୍ରଜନନ କରିବାରେ ସଫଳ ହୋଇଥିଲେ ଓ ସେହି ଦିନଠାରୁ ଜୁଲାଇ ୧୦ ତାରିଖକୁ ଜାତୀୟ ମତ୍ସ୍ୟ ଚାଷୀ ଦିବସ ରୂପେ ଭାରତ ବର୍ଷରେ ପାଳନ କରାଯାଉଅଛି । ଆଜିର କାର୍ଯ୍ୟକ୍ରମରେ ମତ୍ସ୍ୟ ଉପନିର୍ଦ୍ଦେଶକ ବାଲେଶ୍ୱର ଜୋନ ଶ୍ରୀ ଦୀପ୍ତି କୁମାର ମହାପାତ୍ର, ଡ଼ିଡ଼ିଏମ ନାବାର୍ଡ ଶ୍ରୀ ତାପସ ରଞ୍ଜନ ପ୍ରଧାନ, ଏଲଡିଏମ ବାଲେଶ୍ୱର ଶ୍ରୀ ମୋତି କୁମାର ସାହା, ଡିପିଡି ଆତ୍ମା




ଶ୍ରୀ ସରୋଜ କୁମାର ଗିରି, ଅତିରିକ୍ତ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଶ୍ରୀ ଅଜିତ କୁମାର ସାମଲ, ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ବଳ, ଡିପିସି ମିଶନ ଶକ୍ତି ଶ୍ରୀ କାର୍ତ୍ତିକ ଚନ୍ଦ୍ର ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ବେହେରା, ଜିଲ୍ଲା ସଂଯୋଜକ (ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା) ଶ୍ରୀ ଅଭିଜିତ ପାଢ଼ୀ, ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ଯୋଗଦାନ କରି ମାଛଚାଷ, ଆନୁସାଙ୍ଗିକ ଚାଷ, ବ୍ୟାଙ୍କ ଋଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏଫଏଫପିଓ ଗଠନ, ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଅନୁଦାନ ପ୍ରଦାନ ଓ ଗୋପାଳନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ବିଭିନ୍ନ ବ୍ଲକର ମତ୍ସ୍ୟାଧିକାରୀଙ୍କ ସହିତ ୭୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଚାଷୀ ଯୋଗଦାନ କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ଓ ମତ୍ସ୍ୟଚାଷର ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ୭ ଜଣ ହିତାଧିକାରୀଙ୍କୁ ମାନପତ୍ର, ଟ୍ରଫି ଓ ଅର୍ଥରାଶି ପୁରସ୍କାର ରୂପେ ପ୍ରଦାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶ୍ରୀମତୀ ମିରାସ୍ମିକା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ମତ୍ସ୍ୟ ଅଧିକାରୀ, ନୀଳଗିରି ଶ୍ରୀମତୀ ପ୍ରିୟଙ୍କା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଅଚାନକ ଡାହିବାଡି ହାଟ ପରିଦର୍ଶନ

ବେତନଟୀ , ୧୦/୭ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ବୈଶିଙ୍ଗା ପଞ୍ଚାୟତର ବହୁ ପ୍ରାଚୀନ ଡାହିବାଡି ସାପ୍ତାହିକ ହାଟ ପ୍ରଶାସନିକ ଅବହେଳାରୁ ଅବହେଳିତ ହୋଇପଡିଛି । ବୁଧବାର ଓ ଶନିବାର ଦୁଇଦିନ ପ୍ରାୟ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଜନଗହଳି ହେଉଥିବା ଏବଂ ରାଜସ୍ୱ ଆଦାୟର ମୁଖ୍ୟ ରୋଜଗାରିଆ ପୁଅ ଭାବେ ପରିଗଣିତ ହେଉଥିବା ଏହି ହାଟ ଆରଏମସି ଏବଂ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦ୍ୱୈତ ପରିଚାଳନା ଅଧିନରେ ରହିଥିବାରୁ ଏହାର ଉନ୍ନତି ପାଇଁ କେହି କେବେ ନଜର ଦେଇନାହାନ୍ତି। ଆର୍ ଏମ୍ ସି ହାଟର ମୁଖ୍ୟ ଭାଗରେ ମହାସୁଲ ଆକାରରେ ଦୀର୍ଘ ବର୍ଷ ଧରି ରାଜସ୍ୱ ଆଦାୟ କରିଆସୁଥିଲେ ମଧ ହାଟରେ କେବେବି କୌଣସି ଉନ୍ନତି ମୂଳକ କାର୍ଯ୍ୟ କରିନାହିଁ।



ଆଣ୍ଠୁଏ କାଦୁଅ ଭିତରେ ପଶି ପନିପରିବା ଓ ସଉଦା କିଣିବା କଷ୍ଟକର ହୋଇ ପଡିଥାଏ। ତଥାପି ସପ୍ତାହର ଦୁଇଦିନ ଜିଲ୍ଲା ବାହାରୁ ବ୍ୟବସାୟୀ ମାନେ ନିଜର ବିକ୍ରୀ ସାମଗ୍ରୀ ଧରି ପହଞ୍ଚି ଥାଆନ୍ତି। ସ୍ଥାୟୀ ପିଣ୍ଡି , ଦୋକାନୀଙ୍କ ପାଇଁ କଂକ୍ରିଟ ଛାତ ,ଚଳାଚଳ ପାଇଁ ପକ୍କା ରାସ୍ତାର ଅଭାବ ବ୍ୟବସାୟିକ ଅଭିବୃଦ୍ଧିରେ ମୁଖ୍ୟ ପ୍ରତିବନ୍ଧକ ସାଜିଥିବା ଲକ୍ଷ କରାଯାଉଛି। ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ହାତ ପାଣି ଅନୁଦାନରୁ ଗତବର୍ଷ ଚାରିଟି ଟାୱାର ରେ ୨୪ ଗୋଟି ହାଇମାକ୍ସ ଲାଇଟ୍ ଲାଗିବା ପରେ ରାତ୍ରୀ ୯ଟା ପର୍ଯ୍ୟନ୍ତ ହାଟ ଚାଲି ପାରୁଛି। ତେବେ ବିଜୁଳିଙ୍କ ପୂର୍ବରୁ ହାଟକୁ ନେଇ କୌଣସି ବିଧାୟକ କେବେ ବି କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରିଥିବାର ନଜିର ନାହିଁ। ଡି ଆର୍ ଡି ଏ ସହାୟତାରେ ୧୦ ଲକ୍ଷ ଟଙ୍କା ଏବଂ ଏସଡିସି ତରଫରୁ ୫ ଲକ୍ଷ ଟଙ୍କାରେ ଅଳ୍ପ କେତୋଟି ପିଣ୍ଡି ସହ ଛାତ ନିର୍ମାଣ ହୋଇଛି , ଯାହାକି ଏତେ ବଡ ପୁରୁଣା ହାଟ ପାଇଁ ସମୁଦ୍ର କୁ ଶଙ୍ଖେ ପାଣି ସଦୃଶ। ମଧ୍ୟାହ୍ନ ଠାରୁ ରାତି ୯ ଘଣ୍ଟା ପର୍ଯ୍ୟନ୍ତ ଏହି ହାଟ ଚାଲୁଥିବାରୁ ରାତିରେ ଆଲୋକ ବ୍ୟବସ୍ଥା ଥାଇ ମଧ ବାଇକ୍ ଚୋରୀ ,ପକେଟମାର, ଛିନତାଇ ଆଦି ବଢୁଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଲୁହା କଣ୍ଟା ତାରବାଡ ଦ୍ୱାରା ଆବଦ୍ଧ କରାଯିବାର ଆବଶ୍ୟକତା ଦେଖାଦେଇଛି। ବିଧାୟକ ସନାତନ ବିଜୁଳି ଅଚାନକ ଡାହିବାଡି ସାପ୍ତାହିକ ହାଟରେ ପହଞ୍ଚି ହାଟର ବର୍ଷା ଦିନର ଅବସ୍ଥା ଦେଖି ବ୍ୟବସାୟୀ ଓ ଗ୍ରାହକଙ୍କ ସହ କଥା ହେବାପରେ ଉଦବେଗ ପ୍ରକାଶ କରିବା ସହିତ ଏହି ହାଟକୁ ଏକ ମଡ଼େଲ ହାଟରେ ପରିଣତ କରିବା ପାଇଁ ଖୁବ ଶୀଘ୍ର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ। ତାଙ୍କ ସହିତ ବହୁ ସଂଖ୍ୟକ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଆଡ଼ପ ମଣ୍ଡପରେ ମତ୍ସ୍ୟ ଓ କୂର୍ମ ଅବତାରରେ ଦର୍ଶନ ଦେଲେ ଶ୍ରୀଜୀଉ

ନୀଳଗିରି, ୧୦/୭ (ନି.ପ୍ର): ଲୀଳାମୟ ଭାବର ଠାକୁର ଭାବଗ୍ରାହୀ ଶ୍ରୀଜଗନ୍ନାଥଙ୍କ ନବ ଦିନାତ୍ମକ ଯାତ୍ରାର ଚତୁର୍ଥ ଦିନରେ ମତ୍ସ୍ୟ ଓ କୂର୍ମ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ଲୀଳାମୟ ଠାକୁର।ଆଜିଠାରୁ ୫ଦିନରେ ମହାପ୍ରଭୁ ଦଶ ଅବତାର ବେଶ ଧାରଣକରି ଭକ୍ତ ମାନଙ୍କୁ ଦର୍ଶନ ଦେବେ। ଘୋଷଯାତ୍ରାରେ ମହାପ୍ରଭୂଙ୍କ ଏହି ରୂପ ଦର୍ଶନରେ କୋଟି ଜନ୍ମର ପାତକ ନଷ୍ଟ ହୋଇଥାଏ ବୋଲି, ଜଗନ୍ନାଥ ସଂସ୍କୃତି ଓ ପରମ୍ପରାରେ ବିଶ୍ୱାସ ରଖିଥିବା କୋଟି କୋଟି ଜଗନ୍ନାଥ



ପ୍ରେମୀ ଶ୍ରଦ୍ଧାଳୁ ବିଶ୍ୱାସ କରନ୍ତି। ତେବେ ଆଜିର ଏହି ମତ୍ସ୍ୟ ଓ କୂର୍ମ ଅବତାର ଦର୍ଶନ କରିବା ପାଇଁ, ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ବେଶ୍ ଚଳ ଚଞ୍ଚଳ ରହିଛି। ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି ମହାପ୍ରଭୂଙ୍କୁ ମାଉସୀ ମା ମନ୍ଦିରର ଜନ୍ମବେଦୀ ବା ଆଡ଼ପମଣ୍ଡପରେ। ଧନ୍ୟ ହୋଇଛି ଭକ୍ତଙ୍କ ଜୀବନ।ଶ୍ରୀ ଗୁଣ୍ଡିଚା ମନ୍ଦିର ପରିସର ଏକ ଭାବମୟ ଆଧାତ୍ମିକ ପରିବେଶରେ ଭରି ଯାଇଥିବା ଦେଖାଯାଇଛି।

## ରୋଟାରୀ କ୍ଲବ ଅଫ ବାଲେଶ୍ୱର ସି ଏବଂ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର, ୧୦/୭ (ନି.ପ୍ର): ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ର ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ରକ୍ତ ଦାନ ଶିବିର ୧୦ ତାରିଖ ନୂଆପାଢ଼ି ସ୍ଥିତ ବିଶ୍ୱବିଦ୍ୟାଳୟ ର ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ଓଫ ବାଲେଶ୍ୱର ସି ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ବିଶ୍ୱବିଦ୍ୟାଳୟ ର କୁଳପତି ଡ଼ଃ ସନ୍ତୋଷ କୁମାର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଫେସର ଡ଼ଃ ଅମୂଲ୍ୟ ଆଚାର୍ଯ୍ୟ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବହୁ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ଲକ୍ଷ୍ୟ କରାଯାଇଥିଲା। ରୋଟାରୀ କ୍ଲବ ଓଫ ବାଲେଶ୍ୱର ସି ର ସଭାପତି ରାକେଶ ପାଲା, ସମ୍ପାଦକ ସ୍ୱାତି ଖଣ୍ଡେଲୱାଲ, ଅଂଶୁଲ ଖଣ୍ଡେଲୱାଲ,ବୈଶାଳି ପାଲା, ସଂଜୀବ ଦିଦ୍ୱାନୀଆ,ନିଖିଳ ଖଣ୍ଡେଲୱାଲ, ପାରସ ଶର୍ମା, ଗୌରୀ ଶଙ୍କର ମାଇତି ଏବଂ ଆସନ୍ତା ବର୍ଷ ର ସଭାପତି ମହମ୍ମଦ ମୁକ୍ତାର ଆହେମଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଆମ ଓଡ଼ିଶା ର ଲକ୍ଷ୍ମୀଧର ବାରିକ କାର୍ଯ୍ୟକ୍ରମ ରେ ସକ୍ରିୟ ସହଯୋଗ କରିଥିଲେ।

## ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ମଙ୍ଗଳପୁର, ୧୦/୭ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ବନ ମହୋତ୍ସବ ସପ୍ତାହ-୨୦୨୪' (ଜୁଲାଇ ୧ରୁ୭) ଉପଲକ୍ଷେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବିଶ୍ୱାଳଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୟୁଥ୍ ରେଡକ୍ରସ୍ କାଉନସିଲର ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ଜାତୀୟ ସେବା ଯୋଜନାର ଅଧିକାରୀ ଡକ୍ଟର ସମ୍ବିତ କୁମାର ପଳିତା ସେମାନଙ୍କର ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ବିଦ୍ୟାଳୟ ପରିସରରେ ଏକ ଶହ ବୃକ୍ଷଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାଧାପକ ପୂର୍ଣ୍ଣଚନ୍ଦ୍ର ବେହେରା, ଅଧାପକ ପ୍ରଶାନ୍ତ କୁମାର ଜେନା, ସୁଜିତ କୁମାର ଗୋଚ୍ଛାୟତ, ଅଧାପିକା ନିବେଦିତା ମଲ୍ଲିକ୍, ଅନ୍ନପୂର୍ଣ୍ଣା




ଜେନା, ଡି.ଇ.ଓ ଭରତ ଚନ୍ଦ୍ର ମାହାନା ଏବଂ କର୍ମଚାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସକ୍ରିୟ ସହଯୋଗ କରିଥିଲେ ।

## ଆର୍ଥିକ ବର୍ଷର ଶହେ ଦିନରେ ପଣ୍ୟ କାରବାରରେ ରେକର୍ଡ ସୃଷ୍ଟି କଲା ପାରାଦୀପ ବନ୍ଦର

ପାରାଦୀପ, ୧୦/୭ (ନି.ପ୍ର): ଚଳିତ ଆର୍ଥକ ବର୍ଷର ପ୍ରଥମ ଶହେ ଦିନରେ ୪୧.୧୨ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି ପାରାଦୀପ ବନ୍ଦର । ଏହି ସମୟ ମଧ୍ୟରେ ବିଗତ ଆର୍ଥିକ ବର୍ଷ ତୁଳନାରେ ୪.୭୮ ପ୍ରତିଶତ ଅଭିବୃଦ୍ଧି ହାର ରହିଥିବା ନେଇ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ଦିଆଯାଇଛି। ଭାରତୀୟ ନୌବାଣିଜ୍ୟିକ ଭିତ୍ତିଭୂମିରେ ପାରାଦୀପ ବନ୍ଦର ଏହାର ସ୍ୱାତନ୍ତ୍ରତା ପ୍ରତିପାଦିତ କରି ପାରିଛି। ଏହି ରେକର୍ଡ ସୃଷ୍ଟି କରିବା ପରେ ଅଧ୍ୟକ୍ଷ




ପି.ଏଲ୍.ହରନାଦ ବିଭାଗୀୟ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ନେତୃତ୍ୱ ଏବଂ ବିଭାଗର ସହଯୋଗକୁ ଧନ୍ୟବାଦ ଜଣାଇଛନ୍ତି । ଦେଶର ନୌବାଣିଜ୍ୟିକ କ୍ଷେତ୍ରରେ ପାରାଦୀପ ବନ୍ଦର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବ ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଥିବା ନେଇ ପ୍ରେସ୍ ଇସ୍ତାହାରରୁ ଜଣା ପଡିଛି ।

## ୫୯୯୨ କୋଟି ଟଙ୍କାର ୨୬ ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ ମଂଜୁରୀ

ଭୁବନେଶ୍ୱର, ୧୦/୭ (ନି.ପ୍ର): ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିଅରାନସ ଅଥରିଟି ବୁଧବାର ଏକ ବୈଠକରେ ୨୬ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକରେ ୫୯୯୨.୯୨ କୋଟି ଟଙ୍କା ବ୍ୟୟରେ ହେବ। ଏହା ଦ୍ୱାରା ୧୯ ହଜାର ୩୬୪ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୩୦ତମ ବୈଠକରେ ଇସ୍ପାତ, ରାସାୟନିକ ପଦାର୍ଥ, ଅକ୍ଷୟ ଶକ୍ତି, ବୟନଶିଳ୍ପ, ଉତ୍ପାଦନ, ପ୍ୟାକେଜିଂ, ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି, ଭିତ୍ତିଭୂମି ଏବଂ ପର୍ଯ୍ୟଟନ ସମେତ ବିଭିନ୍ନ କ୍ଷେତ୍ରରେ ରାଜ୍ୟସ୍ତରୀୟ ପ୍ରକଳ୍ପକୁ ଏହି ଅନୁମୋଦନ କରିଛି। ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, ଝାରସୁଗୁଡ଼ା, ବୌଦ୍ଧ, କୋରାପୁଟ, ବାଲେଶ୍ୱର, କଟକ, ଭଦ୍ରକ ଓ ପୁରୀ ଆଦି ୧୪ଟି ଜିଲ୍ଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

## ବନ୍ଦର ପକ୍ଷରୁ ନୂତନ ଶୌଚାଳୟ ଗୃହ ଉଦ୍‌ଘାଟିତ

ପାରାଦୀପ, ୧୦/୭ (ନି.ପ୍ର): ରଥଯାତ୍ରା ଅବସରରେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଧୁବନ ନିକଟ ମାଉସୀମା (ଗୁଣ୍ଡିଚା ମନ୍ଦିର) ମନ୍ଦିର ନିକଟରେ ସର୍ବସାଧାରଣ ବ୍ୟବହାର ପାଇଁ ଏକ ନୂତନ ସୌଚାଳୟ ଗୃହ ଉଦଘାଟିତ ହୋଇଯାଇଛି।ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ଏହି ନବ ନିର୍ମିତ ସୌଚାଳୟକୁ ଉଦଘାଟନ କରିଥିଲେ।ସୂଚନା ଥାଉକି ରଥଯାତ୍ରା ସମୟରେ ତିନି ଠାକୁର ମାଉସୀମା ମନ୍ଦିରରେ ସାତଦିନ ରହି ପୂଜା ପାଇଥାନ୍ତି।ଏହି ସପ୍ତାହ ବ୍ୟାପୀ ଉତ୍ସବରେ ସେଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।ଏଥିରେ ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ।କିନ୍ତୁ ନିକଟରେ କୌଣସି ସୌଚାଳୟ ନଥିବାରୁ ବିଶେଷ ଭାବରେ ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।ତେବେ ଏହି ସୌଚାଳୟ ହେବା ଦ୍ୱାରା ବହୁ ଭକ୍ତ ଉପକୃତ ହେବେ ବୋଲି କୁହାଯାଉଛି।

## ରଥଯାତ୍ରା ଅବସରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ବାଲିଆପାଳ , ୧୦/୭ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ମଇଁଷାମୁଣ୍ଡା ଗ୍ରାମରେ ରଥଯାତ୍ରା ଅବସରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗାଁ ର ପ୍ରତିଭାବାନ ଲୋକ ଙ୍କ ସ୍ମୃତି ଚାରଣ କରିବା ସହିତ କାର୍ଯ୍ୟ କ୍ରମ ରେ ସଂପୃକ୍ତ ଯୁବକ ମାନଙ୍କୁ ଉତ୍ସାହିତ କରିଥଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ ଅଧାପକ ଡ଼ଃ ସୁକାନ୍ତ କୁମାର ଗିରି ଯୋଗ ଦେଇ ଗ୍ରାମାଞ୍ଚଳ ର ପ୍ରତିଭା ମାନଙ୍କୁ ଆଗକୁ ନେବା ପାଇଁ ପ୍ରତିଭା ଅନ୍ୱେଷଣ ଜରୁରୀ ବୋଲି କହି ଥିଲେ। ଗ୍ରାମ୍ୟ ମୁଖ୍ୟ ଧ୍ରୁବ ଚରଣ ମାଣିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁ, ବଂଶୀ ଧର ସାହୁ, ପୂର୍ବ ତନ ଗ୍ରାମ୍ୟ ମୁଖ୍ୟ ନକୁଳ ଚରଣ ମାଣିକ, ଉତ୍କଳ ସମ୍ମିଳନୀ ବାଲିଆପାଳ ବ୍ଲକ ସମ୍ପାଦକ ସନ୍ନ୍ୟାସୀ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉଦ୍ ବୋଧନ୍ ପ୍ରଦାନ କରିଥିଲେ। ଆଦର୍ଶ ଶିକ୍ଷକ ରଞ୍ଜନ କୁମାର ସାହୁ ଉତ୍ସବ ରେ ପୌରହିତ୍ୟ କରି ଥିଲେ। ଏହି ଅବସରରେ ବାବା ଶଙ୍କର ନାଥ କ୍ଲବ ପକ୍ଷରୁ ଗ୍ରାମର କୃତୀ ସନ୍ତାନ ବିଦ୍ୟାଧର ସାହୁ , ମେଟ୍ରିକ୍ ଟପର୍ ଆକାଂକ୍ଷା ସାହୁ, ଧ୍ରୁବ ଚରଣ ସାହୁ, ଜଳଧର ପଢ଼ିଆରୀ, ନକୁଳ ଚରଣ



ସାହୁ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥଲେ। ଜୟ କୃଷ୍ଣ ସାହୁ, ସଞ୍ଜୟ କୁମାର ସାହୁ, ଅନୀଲ କୁମାର ସାହୁ, ଅଶ୍ୱ ଜିତ ସାହୁ ଫକ ସାହୁ, ଲମ୍ବୋଦର ମାଣିକ, ବିଘ୍ନେଶ୍ୱର ପଢିଆରୀ, ଦେବାଶିଷ ଦେ , ଭର୍ତ୍ତୁ ହରି ସାହୁ, ଲିଟୁ ସାହୁ, ମର୍ଦ୍ଦ ରଣା ପ୍ରମୁଖ ଏହାକୁ ପରି ଚାଳନା କରିଥିଲେ।

## ଲଙ୍ଗଳେଶ୍ୱରରେ ବିଜେପିର ମତଦାତା ସମ୍ବର୍ଦ୍ଧନା ସଭା

ଲଙ୍ଗଳେଶ୍ୱର ୧୦/୭(ନି ପ୍ର) ଭାରତୀୟ ଜନତା ପାର୍ଟି ପକ୍ଷରୁ ବୁଧବାର ଲାଙ୍ଗଳେଶ୍ୱର ମହାଦେବ ମନ୍ଦିର ପରିସରରେ ମତଦାତା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି।ଏହି ସଭାରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ବାଲେଶ୍ୱର ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବର୍ତ୍ତମାନର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରାକ୍ତନ ବସ୍ତା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା, ଜିଲ୍ଲା ଓବିସି ମୋର୍ଚ୍ଚା



ସଭାପତି ଅରବିନ୍ଦ ବେହେରା, ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଗୌରବ ଅଣ୍ଡିଆ, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଅଜୟ ସାହୁ, ଯୁବନେତା ସଂଜୀବ ପାଢ଼ୀ, ରବୀନ୍ଦ୍ର କୁମାର ଜୈନ, ମାନସ ଦାସ, ବିକାଶ ଚନ୍ଦ୍ର ଗିରି, ମଣ୍ଡଳ ସଭାପତି ଗଗନ ବିହାରୀ ସାହୁ,ଲକ୍ଷ୍ମୀଧର ପ୍ରଧାନ, କମଳ ଲୋଚନ ଦତ୍ତ, ଦେବାନନ୍ଦ ପିଳା, ରଞ୍ଜନ ମହାନ୍ତି, ବସନ୍ତ ବାରିକ, ରାଧା ପଙ୍କଜ ମଣ୍ଡଳ ପ୍ରମୁଖ ମତଦାତା ମାନଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ଆଗାମୀ ଦିନରେ ନିର୍ବାଚନ ଇସ୍ତାହାର ରେ ଦିଆ ଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରାଯିବ ବୋଲି କହି ଥିଲେ। ଶେଷରେ ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ମାଳତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo